

ପ୍ରଥମ ବର୍ଷ ● ପଞ୍ଚମ ସଂଖ୍ୟା
ଜୁଲାଇ - ଅଗଷ୍ଟ, ୨୦୧୬

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ଐତିହାସିକ ସ୍ମାରକୀ : ଉଦୟପୁରର ଗୁଲାବବାଗସ୍ଥିତ ନବଲଖା ମହଲ: ମହାରାଣା ସଜ୍ଜନ ସିଂହଙ୍କ ଆମନ୍ତ୍ରଣ କ୍ରମେ ଯେଉଁଠି ଅବସ୍ଥାନ କରି ମହର୍ଷି ଦୟାନନ୍ଦ ସରସ୍ୱତୀ ବିଶ୍ୱବିଶ୍ରୁତ କ୍ରାନ୍ତିକାରୀ ଗ୍ରନ୍ଥ 'ସତ୍ୟାର୍ଥ ପ୍ରକାଶ' ସୃଜନ କରିଥିଲେ





କେଶବଧାମରେ ସରସ୍ୱତୀ ବିଦ୍ୟାମନ୍ଦିରର ଉତ୍ତରପୂର୍ବ ସମ୍ଭାଗର ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗରେ ସ୍ୱାମୀଜୀଙ୍କ ଆଶୀର୍ବଚନ





ଫୁଲବାଣୀରେ ବେଦ ପ୍ରଚାର ସମିତି ପକ୍ଷରୁ ଜୀବନ ନିର୍ମାଣ ଶିବିର



ଫୁଲବାଣୀ ବେଦ ପ୍ରଚାର ସମିତିର କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱାମୀଜୀ



ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ





ଶ୍ରୁତିନ୍ୟାସ ପକ୍ଷରୁ ଭାରତୀୟ ସୌର ନବବର୍ଷ ଓ ଓଡ଼ିଆ ନବବର୍ଷ (ମେଷ ସଂକ୍ରାନ୍ତି) ପାଳନ



ନବବର୍ଷ ସତ୍‌ସଙ୍ଗରେ ଉପସ୍ଥିତ ଶ୍ରୋତୃବୃନ୍ଦ



ରେଢ଼ାଖୋଲରେ ବେଦ ପ୍ରଚାର ସମିତିର କାର୍ଯ୍ୟକର୍ତ୍ତାଙ୍କ ଗହଣରେ ସ୍ୱାମୀଜୀ, ଆନନ୍ଦ ଭାଇ ଓ କବୀନ୍ଦ୍ରଜୀ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

**ଶ୍ରୁତିସୌରଭ**

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ଦାସ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



**Shruti Sourabha**
Spiritual Social Vedic Magazine
Bimonthly
Vol-1, Issue-5, July-August 2016


## ସୂଚୀପତ୍ର


| | | |
|---|---|---|
| ୦୧. | ଶ୍ରାବଣୀ ଉପାକର୍ମ | ୦୨ |
| ୦୨. | ଈଶ୍ୱର ଏକ କଳ୍ପନା ନା ବାସ୍ତବିକତା ? | ୦୬ |
| ୦୩. | ନାସ୍ତିକତାର କ୍ଷତି | ୨୦ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୪ |


ପ୍ରତ୍ୟେକ ଧର୍ମମତରେ ଅନେକ ବିଦ୍ୱାନ୍ ଅଛନ୍ତି । ସେମାନେ ଯଦି ପକ୍ଷପାତ ତ୍ୟାଗ କରି ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ ସବୁ କଥା ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ନିହିତ ଅଛି, ସେ ସବୁର ଗ୍ରହଣ ଏବଂ ଯାହା ସବୁ ପରସ୍ପର-ବିରୋଧୀ କଥା ଅଛି, ସେସବୁର ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରିବେ-କରାଇବେ, ତେବେ ଜଗତର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ । କାରଣ ବିଦ୍ୱାନଙ୍କ ମଧ୍ୟରେ ବିରୋଧ ଦ୍ୱାରା ଅବିଦ୍ୱାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ଜଗତରେ ଅନେକ ପ୍ରକାର ଦୁଃଖର ଅଭିବୃଦ୍ଧି ଓ ସୁଖର ହାନି ହୋଇଥାଏ ।

**- ମହର୍ଷି ଦୟାନନ୍ଦ ସରସ୍ୱତୀ**


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ପ୍ରତିଷ୍ଠାତାଙ୍କ ଲେଖନୀରୁ :**

# ଶ୍ରାବଣୀ ଉପାକର୍ମ

ମନୁଷ୍ୟ ଏକ ବିଚାରଶୀଳ ପ୍ରାଣୀ । ତା' ଭିତରେ ସମ୍ବେଦନଶୀଳ ମନ ଓ ହୃଦୟ ଅଛି । ସେ ଯନ୍ତ୍ରବତ୍, ଗତାନୁଗତିକ ରୂପେ କାର୍ଯ୍ୟ କଲେ କିଛି ଦିନରେ ଭାରାକ୍ରାନ୍ତ, ଅବସାଦଗ୍ରସ୍ତ ହୋଇପଡ଼େ । ତା'ର କର୍ମ କରିବାର ଆଗ୍ରହ, ପ୍ରବୃତ୍ତି ହ୍ରାସ ପାଇବାକୁ ଲାଗେ । ସେହିପରି ସମାଜ ମଧ୍ୟ କେବଳ ଗତାନୁଗତିକ ଢଙ୍ଗରେ ଚାଲିଲେ କ୍ରମଶଃ ଲକ୍ଷ୍ୟହୀନ ଓ ନିଷ୍ପ୍ରାଣ ହେବାକୁ ଲାଗେ । ଏଣୁ ବ୍ୟକ୍ତି ଓ ସମାଜ ମଧ୍ୟରେ ସ୍ଫୂର୍ତ୍ତି, କର୍ମପ୍ରବଣତା, ଗତିଶୀଳତା, ଶୃଙ୍ଖଳା, ଅନୁଶାସନ, ସଦାଚାର, ସ୍ୱାଭିମାନ ଆଦିର ସତତ ବିଦ୍ୟମାନତା ନିମନ୍ତେ ଆର୍ଯ୍ୟାବର୍ତ୍ତର ଋଷି-ମନୀଷୀଗଣ ଏକ ସୁଚିନ୍ତିତ ଓ ସୁନ୍ଦର କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ଯାହାକୁ କି ପର୍ବ ବୋଲି କୁହାଯାଏ । **'ପର୍ବ ପୂରଣେ'** ଧାତୁରୁ ପର୍ବ ଶବ୍ଦର ଉତ୍ପତ୍ତି । ପର୍ବ ବ୍ୟକ୍ତି ଓ ସମାଜ ଜୀବନରେ ନବୀନ ଆନନ୍ଦୋଲ୍ଲାସ, କର୍ତ୍ତବ୍ୟଭାବନା ଆଦି ପୂରଣ କରିବା ସାଙ୍ଗକୁ ଲକ୍ଷ୍ୟ ପ୍ରତି ସଚେତନ କରି ଲକ୍ଷ୍ୟପ୍ରାପ୍ତି ପାଇଁ ଶୃଙ୍ଖଳିତ ଭାବରେ ନିରନ୍ତର ପ୍ରୟାସ ନିମନ୍ତେ ପ୍ରେରିତ କରେ । ବ୍ୟକ୍ତି ଓ ଜାତି ଭିତରେ ସଦ୍‌ଗୁଣାବଳୀ ଓ ସ୍ୱାଭିମାନର ସୁରକ୍ଷା, ପ୍ରାଚୀନ ଐତିହ୍ୟ ଓ ଗୌରବ ସଂପର୍କିତ ସଚେତନତା ବଜାୟ ପର୍ବର ମୌଳିକ ଉଦ୍ଦେଶ୍ୟ । ଭାରତୀୟ ପର୍ବମାନଙ୍କ ମଧ୍ୟରେ 'ଶ୍ରାବଣୀ ଉପାକର୍ମ' ଏକ ମହାନ୍ ପର୍ବ । ଏହି ପର୍ବର ନାମ ଶ୍ରାବଣୀ ଏଇଥି ପାଇଁ ଯେ ଶ୍ରବଣା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମାରେ ଏହି ପର୍ବ ପାଳିତ ହୁଏ । ଏହାର ସର୍ବପ୍ରାଚୀନ ନାମ ଶ୍ରାବଣୀ ଉପାକର୍ମ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ କାଳରେ ଏହା ଶ୍ରାବଣୀ ଉପାକର୍ମ ଅପେକ୍ଷା ରକ୍ଷାବନ୍ଧନ, ଗହ୍ମାପୂର୍ଣ୍ଣିମା ଆଦି ନାମରେ ସମାଜରେ ବେଶୀ ପରିଚିତ ହୋଇଛି ।

ଭାରତ ବର୍ଷାବହୁଳ ତଥା କୃଷିପ୍ରଧାନ ଦେଶ । ଦେଶର ଅଧିକାଂଶ ଜନତା ଆଷାଢ଼ ଓ ଶ୍ରାବଣରେ କୃଷିକାର୍ଯ୍ୟରେ ବିଶେଷ ରୂପେ ବ୍ୟସ୍ତ ରହନ୍ତି । ବର୍ଷା ଠିକ୍ ସମୟରେ ହେଲେ ଚାଷର ଭିଡ଼ କାମ ବୁଣା-ରୁଆ-ବେଉଷଣ ଆଦି ଆଷାଢ଼ରେ ଆରମ୍ଭ ହୋଇ ଶ୍ରାବଣ ମାସର ଶେଷ ସୁଦ୍ଧା ପ୍ରାୟ ସମାପ୍ତ ହୋଇଯାଏ । ଏ ସମୟରେ ବର୍ଷା ଲାଗି ରହିଥିବା ଯୋଗୁଁ ରୁଆ-ରୋଇ ପରେ ଗାଆଁର ଚାଷୀମାନଙ୍କ ହାତରେ ବିଶେଷ କାମ ରହୁନଥିଲା । ନୂଆ ଫସଲ ବଜାରକୁ ଆସୁ ନଥିବାରୁ ବ୍ୟାପାରୀବର୍ଗଙ୍କ ହାତରେ ବି ବର୍ଷାଦିନେ ବ୍ୟସ୍ତ କାମ ରହୁନଥିଲା । ଆମ ଦେଶରେ ନଦୀ-ନାଳ ମଧ୍ୟ ବହୁତ ତଥା ବର୍ଷାଦିନେ ନଈ-ନାଳ ପାଣିରେ ଭରିଯାଏ । ଏଣୁ କ୍ଷତ୍ରିୟବର୍ଗ ମଧ୍ୟ ଦିଗ୍‌ବିଜୟ ଯାତ୍ରାରୁ ବିରତ ରହୁଥିଲେ । ବର୍ଷା କାରଣରୁ ସାଧୁ-ସନ୍ନ୍ୟାସୀଗଣ ମଧ୍ୟ ବଣ-ଜଙ୍ଗଲର ଏକାନ୍ତ ବାସ ଛାଡ଼ି ଗ୍ରାମର ଉପକଣ୍ଠରେ ଆସି ଅବସ୍ଥାନ କରୁଥିଲେ । ଚାରିମାସ ପର୍ଯ୍ୟନ୍ତ ଏକ ସ୍ଥାନରେ ବେଦପଠନ, ଧର୍ମୋପଦେଶ ଓ ଜ୍ଞାନଚର୍ଚ୍ଚାରେ ସାଧନାରେ ରତ ରହୁଥିଲେ । ଏହି ସମୟକୁ ଚାତୁର୍ମାସ୍ୟ କୁହାଯାଉଥିଲା ।

ଏହି ସମୟରେ ଆମ ଦେଶର ସମସ୍ତ ଜନତା ମୁଖ୍ୟତଃ ସ୍ୱାଧ୍ୟାୟରେ ସମୟ ଅତିବାହିତ କରୁଥିଲେ । ସ୍ୱାଧ୍ୟାୟ ଭାରତୀୟ ସଂସ୍କୃତିର ପ୍ରଧାନ ଅଙ୍ଗ ହୋଇରହିଛି । ବ୍ରହ୍ମଚାରୀ ପାଇଁ ଆଦେଶ ରହିଛି—**'ଆଚାର୍ଯ୍ୟାଧୀନୋ ବେଦମଧୀଷ୍ୱ'** (ଆଶ୍ୱ. ୧:୨୨:୨)— ଆଚାର୍ଯ୍ୟଙ୍କ ଅଧୀନରେ ରହି ତାଙ୍କରି ମାର୍ଗଦର୍ଶନରେ ବେଦାଧ୍ୟୟନ କରିଚାଲ । ବ୍ରହ୍ମଚର୍ଯ୍ୟାଶ୍ରମର ସମାପ୍ତିରେ ସମାବର୍ତ୍ତନ ସମୟରେ ସ୍ନାତକକୁ ଆଚାର୍ଯ୍ୟ ଉପଦେଶ ଦିଅନ୍ତି— **'ସ୍ୱାଧ୍ୟାୟାନ୍ମା ପ୍ରମଦଃ' । 'ସ୍ୱାଧ୍ୟାୟପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍'** (ତୈତ୍ତି. ୧:୧୧)— ଗୃହସ୍ଥାଶ୍ରମରେ ମଧ୍ୟ ନିରନ୍ତର ସ୍ୱାଧ୍ୟାୟ କର, ଏଥିରେ କେବେ ବି ପ୍ରମାଦ କରନାହିଁ । ଆହରିତ ଜ୍ଞାନକୁ ନିରନ୍ତର ବିତରଣ କର । ଗୃହସ୍ଥାଶ୍ରମ ପରେ

ବାନପ୍ରସ୍ଥୀ ପାଇଁ ମଧ୍ୟ ମନୁଙ୍କ ଆଦେଶ ହେଲା— **'ସ୍ୱାଧ୍ୟାୟେ ନିତ୍ୟଯୁକ୍ତଃ ସ୍ୟାତ୍'** (ମନୁ. ୬:୮)— ସ୍ୱାଧ୍ୟାୟରେ ସଦା ସଂଯୁକ୍ତ ରୁହ । ସନ୍ନ୍ୟାସୀ ପାଇଁ ମଧ୍ୟ ବୈଦିକ ନିର୍ଦ୍ଦେଶ ରହିଛି—**'ସଂନ୍ୟସେତ୍ ସର୍ବକର୍ମାଣି ବେଦମେକନ୍ନ ସଂନ୍ୟସେତ୍'** — ସନ୍ନ୍ୟାସୀ ଆଉ ସବୁ ଛାଡ଼ିଦେବେ; କିନ୍ତୁ ବେଦର ସ୍ୱାଧ୍ୟାୟ କେବେ ବି ଛାଡ଼ିବେ ନାହିଁ ।

ସ୍ୱାଧ୍ୟାୟ ଉପରେ ଏତେ ଗୁରୁତ୍ୱ ଦେବାର କାରଣ ହେଲା ଅନ୍ନ ଭୋଜନ ଯେପରି ଶାରୀରିକ ସ୍ୱାସ୍ଥ୍ୟର କାରଣ ସେହିପରି ସ୍ୱାଧ୍ୟାୟ ଦ୍ୱାରା ପ୍ରାପ୍ତ ଜ୍ଞାନ ମାନସିକ ଉତ୍କର୍ଷର କାରଣ । ମାନସିକ ଉନ୍ନତି ଆତ୍ମିକ ଉନ୍ନତିର ସୋପାନ । ଅତଃ ଶରୀର ପାଇଁ ଅନ୍ନାହାର ଭଳି ମାନସିକ ସ୍ୱାସ୍ଥ୍ୟ ପାଇଁ ସ୍ୱାଧ୍ୟାୟ ଏକାନ୍ତ ଅପରିହାର୍ଯ୍ୟ । ସ୍ୱାଧ୍ୟାୟର ସାତତ୍ୟ ଦ୍ୱାରା ମନୁଷ୍ୟର ମାନସ-ମୁକୁର ଦର୍ପଣ ସମ ସ୍ୱଚ୍ଛ ଓ ପାରଦର୍ଶୀ ହୋଇଯାଏ ଯଦ୍ଦ୍ୱାରା ବ୍ୟକ୍ତିକୁ ପରମପୁରୁଷଙ୍କ ସାକ୍ଷାତ୍କାରର ଯୋଗ୍ୟତା ପ୍ରାପ୍ତ କରିବାରେ ସଫଳତା ମିଳେ — **'ସ୍ୱାଧ୍ୟାୟାଦିଷ୍ଟଦେବତାସମ୍ପ୍ରୟୋଗଃ'** (ଯୋଗ. ୨:୪୪) । ଏଣୁ ବର୍ଷା ସମୟରେ ଚାରି ମାସ ସାରା ଦେଶ— ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସୀ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର— ସମସ୍ତେ ସ୍ୱାଧ୍ୟାୟରେ ସଂଲଗ୍ନ ରହୁଥିଲେ । ସମସ୍ତ ନର-ନାରୀ, ପଠିତ-ଅପଠିତ ଯଥାସମୟରେ ସ୍ୱ-ସ୍ୱ କର୍ମରୁ ନିବୃତ୍ତ ହୋଇ ପ୍ରତି ଗ୍ରାମ ଉପକଣ୍ଠରେ ଅବସ୍ଥାନ କରୁଥିବା ସାଧୁ-ସନ୍ଥ-ମହାତ୍ମାଙ୍କ ନିକଟରେ ସମବେତ ହୋଇ ଶାସ୍ତ୍ର ଶ୍ରବଣ, ଶଙ୍କା-ସମାଧାନରେ ରତ ରହି ସମୟ-ସୁଯୋଗର ସଦୁପଯୋଗ କରୁଥିଲେ । ଏଭଳି ଭାବରେ ଏ ସମୟରେ ସମଗ୍ର ଦେଶରେ ସାମୂହିକ-ଶିକ୍ଷାର ଏକ ବିଶେଷ ସତ୍ର ଚାଲୁଥିଲା ।

ଯେଉଁ ଦିନଠାରୁ ଏହି ବିଶେଷ ବେଦ-ସ୍ୱାଧ୍ୟାୟ ସତ୍ରର ଉପକ୍ରମ ବା ପ୍ରାରମ୍ଭ କରାଯାଉଥିଲା ତାକୁ ଉପାକର୍ମ କୁହାଯାଉଥିଲା । ପାରସ୍କର ଗୃହ୍ୟସୂତ୍ର (୨:୧୦:୧-୨) ଅନୁସାରେ ଏହା **'ଅଧ୍ୟୟନସ୍ୟ ଉପାକର୍ମ ଉପାକରଣମ୍'**—ଏ ସମୟ ସ୍ୱାଧ୍ୟାୟର ଉପାକରଣ ଥିଲା । 'ଉପ' ଅର୍ଥାତ୍ ସମୀପ, 'ଆକରଣ' ଅର୍ଥାତ୍ ଆଣିବା । ଅତଃ ଏ କର୍ମ ଉପାକରଣ ଅର୍ଥାତ୍ ସାଧାରଣ ଜନତାଙ୍କୁ ଋଷି-ମୁନି, ମନୀଷୀ-ବିଚାରକଙ୍କ ସମୀପକୁ ନେଇ ଆସୁଥିଲା । ଅନ୍ୟ ଭାଷାରେ କହିଲେ ଏହା ଏପରି କର୍ମ ଥିଲା ଯାହାକି ଦେଶର ପ୍ରତ୍ୟେକ ବ୍ୟକ୍ତିକୁ ଦେଶର ମୂର୍ଦ୍ଧନ୍ୟ ବିଚାରକ-ମନୀଷୀଙ୍କ ବିଚାରଧାରାର ପ୍ରବାହରେ ପ୍ରବାହିତ ହେବା ପାଇଁ ପ୍ରେରଣା ଦେଉଥିଲା । ଏଣୁ ଏହାକୁ ଉପାକର୍ମ କୁହାଯାଉଥିଲା । ଶ୍ରାବଣ ପୂର୍ଣ୍ଣିମାରୁ ଏହି ବେଦ-ସ୍ୱାଧ୍ୟାୟ ସତ୍ରର ଉପକ୍ରମ ହେଉଥିବାରୁ ଏହାକୁ ଶ୍ରାବଣୀ ଉପାକର୍ମ କୁହାଯାଏ ।

ଯେଉଁ ବସ୍ତୁ ଓ କର୍ମ ଯାହାର ପ୍ରିୟ ତାହା ଦ୍ୱାରା ସେ ବ୍ୟକ୍ତିର ପୂଜା ଓ ତୃପ୍ତିସାଧନ ବା ତର୍ପଣ ହୋଇଥାଏ । **'ଋଷୟୋ ମନ୍ତ୍ରଦ୍ରଷ୍ଟାରଃ'** (ନିରୁକ୍ତ)— ଋଷିମାନେ ମନ୍ତ୍ରଦ୍ରଷ୍ଟା । ଜ୍ଞାନ ସେମାନଙ୍କର ସବୁଠୁ ପ୍ରିୟ ବିଷୟ । ଏଣୁ ଋଷିମାନଙ୍କୁ ତୃପ୍ତ କରିବାର ସାଧନ ହେଲା ପ୍ରାଚୀନ ଜ୍ଞାନ-ବିଜ୍ଞାନର ସୁରକ୍ଷା, ନବୀନ ଜ୍ଞାନ-ବିଜ୍ଞାନର ଆବିଷ୍କାର-ଉଦ୍‌ଭାବନ ଓ ପ୍ରସାର । ସ୍ୱାଧ୍ୟାୟ-ମନନ-ପ୍ରବଚନ ଦ୍ୱାରା ହିଁ ଏ କାର୍ଯ୍ୟ ସମ୍ଭବ । ଏଣୁ ମହର୍ଷି ମନୁ ସ୍ୱାଧ୍ୟାୟକୁ ଋଷିମାନଙ୍କୁ ତର୍ପଣ କରିବାର ବିଧି ବୋଲି ଅଭିହିତ କରିଛନ୍ତି— **'ସ୍ୱାଧ୍ୟାୟେନାର୍ଚ୍ଚୟେଦର୍ଷୀନ୍'** (ମନୁ. ୩:୮୧) । ଶ୍ରାବଣୀର ମୁଖ୍ୟ ଲକ୍ଷ୍ୟ ଜନସମାଜକୁ ସ୍ୱାଧ୍ୟାୟ ପାଇଁ ପ୍ରେରିତ କରିବା । ଅତଃ ଶ୍ରାବଣୀ ଉପାକର୍ମ ଦ୍ୱାରା ବୈଦିକ ଜ୍ଞାନ-ବିଜ୍ଞାନର ସୁରକ୍ଷା-ସମ୍ବର୍ଦ୍ଧନ-ପ୍ରସାର କାର୍ଯ୍ୟ ସମ୍ପାଦିତ ହେଉଥିବାରୁ ଏହାକୁ 'ଋଷିତର୍ପଣ' ମଧ୍ୟ କୁହାଯାଏ ।

ଯଜ୍ଞୋପବୀତ ଜ୍ଞାନଗ୍ରହଣର ବାହ୍ୟ ଚିହ୍ନ । ଏହାର ତିନୋଟି ସୂତ୍ର ବ୍ୟକ୍ତିକୁ ତା' ଉପରେ ଥିବା ଋଷିଋଣ, ପିତୃଋଣ ଓ ଦେବଋଣ ବିଷୟରେ ସତତ ସଚେତନ କରାଇଥାଏ । ଏହା ବ୍ରତସୂତ୍ର । ଏହାକୁ ଧାରଣ କରି ବ୍ୟକ୍ତି ଜୀବନରେ ଏ ତିନିଋଣରୁ ଋଣମୁକ୍ତ ହେବା ପାଇଁ ନିରନ୍ତର ପ୍ରଯତ୍ନ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହୁଏ । ମନୁଷ୍ୟ ଜୀବନରେ ସଫଳତା ନିମନ୍ତେ ବ୍ରତଗ୍ରହଣ ଓ ବ୍ରତର ପାଳନ ଅପରିହାର୍ଯ୍ୟ । ବ୍ରତହୀନ ବ୍ୟକ୍ତିର ଜୀବନ ଲକ୍ଷ୍ୟହୀନ ନୌକାର ଯାତ୍ରା ଭଳି ହୋଇଥାଏ । ଏଣୁ ପ୍ରତ୍ୟେକ ଜ୍ଞାନପିପାସୁ, ଆଧ୍ୟାତ୍ମିକ ଉନ୍ନତିକାମୀ, ସଫଳତାଭିଳାଷୀ, ଆଗକୁ ଯିବାକୁ ଚାହୁଁଥିବା ବ୍ୟକ୍ତି ବ୍ରତଗ୍ରହଣ ପୂର୍ବକ ବ୍ରତସୂତ୍ର

ବା ଯଜ୍ଞୋପବୀତ ଧାରଣ କରିବା ଏକାନ୍ତ ଆବଶ୍ୟକ ବୋଲି ଆର୍ଯ୍ୟାବର୍ତ୍ତର ଋଷିଗଣ ବିଧାନ କରିଛନ୍ତି । ଅତଏବ ତତ୍ତ୍ୱବେତ୍ତା, ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ, ଆମର ପରମହିତୈଷୀ ଋଷିମାନଙ୍କର ଏହି ବିଧାନକୁ ଶିରୋଧାର୍ଯ୍ୟ କରି ପୁରୁଷ-ମହିଳା ନିର୍ବିଶେଷରେ ପ୍ରତ୍ୟେକ ଆତ୍ମୋନ୍ନତିକାମୀ ବ୍ୟକ୍ତି ବୈଦିକ ସଂସ୍କୃତିର ପ୍ରତୀକ ଯଜ୍ଞୋପବୀତକୁ ଅତୀବ ଶ୍ରଦ୍ଧା ସହକାରେ ଅବଶ୍ୟ ଧାରଣ କରିବା ଉଚିତ । ସ୍ୱାଧ୍ୟାୟ ଓ ପ୍ରବଚନ ଋଷିଋଣରୁ ଋଣମୁକ୍ତ ହେବାର ସାଧନ । ଏଥିଯୋଗୁଁ ଯେଉଁମାନେ ପୂର୍ବରୁ ଯଜ୍ଞୋପବୀତ ଧାରଣ କରିନଥାନ୍ତି ସେମାନେ ଶ୍ରାବଣୀରେ ନୂତନ ରୂପେ ଯଜ୍ଞୋପବୀତ ଧାରଣ କରନ୍ତି ଅର୍ଥାତ୍ ସେମାନେ ସଂକଳ୍ପ ଗ୍ରହଣ କରନ୍ତି ଯେ ସେମାନେ ଅଜ୍ଞାନାନ୍ଧକାରରୁ ଜ୍ଞାନର ଆଲୋକକୁ ବାହାରିବେ । ଆଉ ଯେଉଁମାନେ ପୂର୍ବରୁ ଯଜ୍ଞୋପବୀତ ଧାରଣ କରିଥାନ୍ତି ସେମାନେ ପୁରାତନ ଯଜ୍ଞୋପବୀତ ବାହାର କରି ନବୀନ ଯଜ୍ଞୋପବୀତ ଧାରଣ କରନ୍ତି ଅର୍ଥାତ୍ ସେମାନେ ଜ୍ଞାନର ସୁରକ୍ଷା-ସମ୍ବର୍ଦ୍ଧନ-ପ୍ରସାରର ଯେଉଁ ବ୍ରତ ପୂର୍ବରୁ ଗ୍ରହଣ କରିଛନ୍ତି ତା'ର ନବୀକରଣ କରନ୍ତି; ନବୀନ ଉତ୍ସାହ-ଉଦ୍ଦୀପନାରେ ସେହି କାର୍ଯ୍ୟରେ ଲାଗିରହିବାର ଭାବନାକୁ ନିଜ ଭିତରେ ପୁନଃ ଉଦ୍ଦୀପ୍ତ କରନ୍ତି ।

ଯେହେତୁ ଶ୍ରାବଣୀର ମୁଖ୍ୟ ଉଦ୍ଦେଶ୍ୟ ସମାଜରେ ଜ୍ଞାନର ପ୍ରସାର ନିମନ୍ତେ ବାତାବରଣ ସୃଷ୍ଟି, ଏଣୁ ବୈଦିକ ଜ୍ଞାନ-ବିଜ୍ଞାନର ସୁରକ୍ଷା ଓ ପ୍ରସାର ଦ୍ୱାରା ନିଜର ତଥା ସମାଜର ମଙ୍ଗଳ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ଆତ୍ମନିର୍ମାଣ ଓ ସମାଜ-ନିର୍ମାଣର ଏହା ଏକ ସ୍ୱର୍ଣ୍ଣିମ ଅବସର । ଶ୍ରାବଣୀ ଅବସରରେ ନିମ୍ନଲିଖିତ ବିନ୍ଦୁଗୁଡ଼ିକ କାର୍ଯ୍ୟକାରୀ କଲେ ସମାଜରେ ସ୍ୱାଧ୍ୟାୟ ଓ ସାଧନାର ବାତାବରଣ ସୃଷ୍ଟିରେ ଏହା ସହାୟକ ହେବ । ଆମ ଚତୁର୍ଦ୍ଦିଗରେ ବାତାବରଣ ଅନୁକୂଳ ରହିଲେ ଆମେ ବି ଶାନ୍ତିରେ ରହିପାରିବା । ଏଣୁ ପ୍ରତ୍ୟେକ ବୈଦିକ ଧର୍ମୀ ଏଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ଣ୍ଣପ୍ରାଣରେ ପ୍ରୟାସ କରିବା ଆବଶ୍ୟକ ।

୧. ପ୍ରତ୍ୟହ ସମୟ ବାହାର କରି ସାଧ୍ୟମତେ ବୈଦିକ ସାହିତ୍ୟ ଅବଶ୍ୟ ସ୍ୱାଧ୍ୟାୟ କରିବା । ସେହି ଅଧୀତ ବିଷୟ ଉପରେ ପରିବାରର ସଦସ୍ୟଗଣ ମିଶି ଚର୍ଚ୍ଚା-ଆଲୋଚନା-ସତ୍ସଙ୍ଗ କରିବା ।

୨. ବୈଦିକ ସାହିତ୍ୟର ସ୍ୱାଧ୍ୟାୟ ପାଇଁ ଅନ୍ୟକୁ ପ୍ରେରିତ କରିବା । ସ୍ୱାଧ୍ୟାୟ ପାଇଁ ସାହିତ୍ୟ ଆବଶ୍ୟକ । ପାଖରେ ସାହିତ୍ୟ ଉପଲବ୍ଧ ନ ଥିଲେ ବି ଅନେକ ସମୟରେ ସ୍ୱାଧ୍ୟାୟର ରୁଚି ଜାଗ୍ରତ ହୋଇ ମଧ୍ୟ ଏହା ହୋଇପାରିନଥାଏ । ବୈଦିକ ସିଦ୍ଧାନ୍ତକୁ ସରଳ ରୂପେ ବୁଝିବା ପାଇଁ 'ଶ୍ରୁତିନ୍ୟାସ'ର ବୈଦିକ ପ୍ରକାଶନ ପକ୍ଷରୁ ପ୍ରକାଶିତ ସାହିତ୍ୟଗୁଡ଼ିକ ଅତ୍ୟୁପାଦେୟ । ଏଣୁ ବୈଦିକ ସାହିତ୍ୟ କ୍ରୟ କରି ସ୍ୱଗୃହରେ ରଖିବା ପାଇଁ ପ୍ରତ୍ୟେକ ବୈଦିକ ସିଦ୍ଧାନ୍ତପ୍ରେମୀ ଅନ୍ୟୂନ ଆଉ ୫ ଜଣଙ୍କୁ ଇତ୍ୟବସରରେ ପ୍ରେରିତ କରିବା ।

୩. ବୈଦିକ ସିଦ୍ଧାନ୍ତକୁ ସରଳ ରୂପେ ହୃଦୟଙ୍ଗମ କରିବା ପାଇଁ 'ଶ୍ରୁତିସୌରଭ' ପତ୍ରିକା ଏକ ବଳିଷ୍ଠ ମାଧ୍ୟମ । ଏଣୁ ଶ୍ରାବଣୀ ଅବସରରେ ଅନ୍ୟୂନ ୫ ଜଣ ବ୍ୟକ୍ତିଙ୍କୁ ଏହି ପତ୍ରିକାର ସଦସ୍ୟ କରିବା ପାଇଁ ପ୍ରତ୍ୟେକ ବୈଦିକ ଧର୍ମୀ ପୂର୍ଣ୍ଣପ୍ରାଣରେ ପ୍ରଯତ୍ନ କରିବା ।

୪. ଆଜିର ଧାଁ-ଦଉଡ଼ ଭରା ଜୀବନରେ ସାଧନା ନିମନ୍ତେ ଦୀର୍ଘକାଳ ସମୟ ବାହାର କରିପାରିବା ଜଣେ ସାମାନ୍ୟ ବ୍ୟକ୍ତି ପାଇଁ କେତେକ ସ୍ଥଳରେ କଷ୍ଟକର ହୋଇଥାଏ । ସେପରି ସ୍ଥିତିରେ ଅନ୍ୟୂନ ପକ୍ଷେ ଶ୍ରାବଣ ପୂର୍ଣ୍ଣିମାଠାରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ **'ବୈଦିକ ସାଧନା ସତ୍ର'** ଅବଶ୍ୟ ପାଳନ କରିବା । ଏହି ସମୟ ମଧ୍ୟରେ ପ୍ରତ୍ୟହ ଯଜ୍ଞ, ସତ୍ସଙ୍ଗ ଆଦିର ଅନୁଷ୍ଠାନ କରିବା । ଯେଉଁଠି ଏକାଧିକ ବୈଦିକ ଧର୍ମୀ ଥିବେ ସେ ସ୍ଥାନରେ ପ୍ରତ୍ୟହ ଭ୍ରାମ୍ୟମାଣ ସତ୍ସଙ୍ଗର ଆୟୋଜନ କରିବା । ଅଧିକରୁ ଅଧିକ ନୂତନ ବ୍ୟକ୍ତିଙ୍କ ଗୃହରେ ସତ୍ସଙ୍ଗ ଆୟୋଜନ କରିବା । ଯଜ୍ଞ ପରିଚାଳନା, ଭଜନ ପରିବେଷଣ ଓ ବୈଦିକ ବିଚାର ଉପସ୍ଥାପନ ପାଇଁ ଯେତିକି ସର୍ବନିମ୍ନ ଲୋକ ଆବଶ୍ୟକ ସଂଗଠନ ପକ୍ଷରୁ ସେତିକି ଯିବା ଏବଂ ଅଧିକ ନୂତନ ବ୍ୟକ୍ତିଙ୍କୁ ସତ୍ସଙ୍ଗକୁ ନିମନ୍ତ୍ରଣ

କରିବା । ଏପରି କରିବା ଦ୍ୱାରା ଗୋଟିଏ ସଂଗଠନ ପକ୍ଷରୁ ଅନେକ ବେଦ ପ୍ରଚାର ଦଳ ତିଆରି ହୋଇ ଏକା ସମୟରେ ଅଧିକ ସ୍ଥାନରେ ବୈଦିକ ସତ୍‌ସଙ୍ଗ ହୋଇପାରିବ ।

୫. କୌଣସି ସାଧନା ବିନା ସଂଯମରେ ସଫଳ ହୋଇନଥାଏ । ଏଣୁ ଏହି 'ସାଧନା ସତ୍ର' ପାଳନ ଅବସରରେ ଅତ୍ୟାବଶ୍ୟକ ସାଂସାରିକ ଦାୟିତ୍ୱ ସମ୍ପାଦନ ବ୍ୟତୀତ ଅନ୍ୟ ସମୟରେ କେବଳ ଆଧ୍ୟାତ୍ମିକ ବିଚାରରେ ମଗ୍ନ ରହିବା । ରାଗ-ମସଲା ଆଦି ରହିତ ପରିମିତ ଶୁଦ୍ଧ, ସାତ୍ତ୍ୱିକ ଭୋଜନ ଗ୍ରହଣ କରିବା । ମନରେ ରାଜସିକତା, ଦ୍ୱେଷ ଆଦି ଜାଗ୍ରତ କରୁଥିବା ଧାରାବାହିକ, ଚଳଚ୍ଚିତ୍ର ଆଦି ଦର୍ଶନ, ସେଭଳି ସଂଗୀତ ଶ୍ରବଣ, ବିଷୟ ଭୋଗ ସେବନ ଇତ୍ୟାଦିରୁ ଦୂରେଇ ରହିବା । ଅଧିକ ସମୟ ଧ୍ୟାନ, ଜପ, ଆତ୍ମଚିନ୍ତନ, ବେଦ ପ୍ରଚାର କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା । ଯେହେତୁ ବିନା ସାଧନାରେ ଶାନ୍ତି, ଆଧ୍ୟାତ୍ମିକ ପ୍ରଗତି ନାହିଁ, ତେଣୁ ଏଭଳି 'ସାଧନା ସତ୍ର'ର ମଧ୍ୟେ-ମଧ୍ୟେ ଅନୁଷ୍ଠାନ ଦ୍ୱାରା ଆମେ ନିଜକୁ ପରୀକ୍ଷଣ ବି କରିପାରିବା ଯେ ଆମ ଗତି କୁଆଡ଼େ ?

୬. ଗୃହର ଆଧାର ଗୃହିଣୀ । ମହିଳାମାନେ ହିଁ ମୁଖ୍ୟତଃ ଧର୍ମ ଓ ସଂସ୍କୃତିର ରକ୍ଷା କରିଥାନ୍ତି । ଏଣୁ ବୈଦିକ ବିଚାର ପ୍ରତି ଶ୍ରଦ୍ଧାଶୀଳା ପ୍ରତ୍ୟେକ ମହିଳା 'ସାଧନା ସତ୍ର'ର ସଫଳତା ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ । ସ୍ୱ ପରିବାରରେ ଉପରୋକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ସାଙ୍ଗକୁ ନିଜ ପଡ଼ୋଶୀ-ବନ୍ଧୁ-ଆତ୍ମୀୟମାନଙ୍କୁ ଏହି କାର୍ଯ୍ୟକ୍ରମ ସହ ଯୋଡ଼ନ୍ତୁ ।

ମହର୍ଷି ମନୁ କହନ୍ତି — **'ସର୍ବେଷାମେବ ଦାନାନାଂ ବ୍ରହ୍ମଦାନଂ ବିଶିଷ୍ୟତେ'** (ମନୁ. ୪:୨୩୩)— ସଂସାରରେ ଜଳଦାନ, ଅନ୍ନଦାନ, ଗୋଦାନ, ଭୂମିଦାନ, ବସ୍ତ୍ରଦାନ ଆଦି ଯେତେ ପ୍ରକାର ଦାନ ଅଛି ସବୁଠୁ ବେଦବିଦ୍ୟାର ଦାନ ସର୍ବଶ୍ରେଷ୍ଠ ଦାନ । ବୈଦିକ ବିଚାରର ପ୍ରସାର ସର୍ବୋତ୍ତମ କାର୍ଯ୍ୟ । ଏଣୁ ଏହି କାର୍ଯ୍ୟରେ ତନୁ-ମନ-ଧନ ସକଳର ସର୍ବାଧିକ ଉପଯୋଗ ବାଞ୍ଛନୀୟ । ବେଦ ପ୍ରଚାର କାର୍ଯ୍ୟ ଈଶ୍ୱରୀୟ କାର୍ଯ୍ୟ । ଆମେ ଯେତେ ଏଥିରେ ସହଯୋଗ କରିବା ସେତେ ଅଧିକ ଈଶ୍ୱରୀୟ ଆଶୀର୍ବାଦ ପ୍ରାପ୍ତ କରିବା । ଆସନ୍ତୁ, ଈଶ୍ୱରଙ୍କ ଆଶିଷ ଅଧିକରୁ ଅଧିକ ପ୍ରାପ୍ତ କରିବାର ପାତ୍ର ହେବା ।

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ବି.ଦ୍ର :** ଶ୍ରୁତିନ୍ୟାସ ପକ୍ଷରୁ ଏହାର ଶାଖା ସଂଗଠନ 'ବେଦ ପ୍ରଚାର ସମିତି' ମାଧ୍ୟମରେ ସମଗ୍ର ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଶ୍ରାବଣୀ ଉପାକର୍ମ ଉପଲକ୍ଷେ 'ବୈଦିକ ସାଧନା ସତ୍ର' ପାଳନ, ବେଦ ପ୍ରଚାର କାର୍ଯ୍ୟକ୍ରମ ଅନେକ ଦିନ ଧରି ଆୟୋଜିତ ହେଉଛି । ଯେଉଁମାନେ ଏହି ସମୟ ମଧ୍ୟରେ ସ୍ୱ ଗୃହରେ ଅଥବା ସାମୂହିକ ସ୍ଥଳରେ ବୈଦିକ ଯଜ୍ଞାନୁଷ୍ଠାନ, ସତ୍‌ସଙ୍ଗର ଆୟୋଜନ କରିବା ପାଇଁ ସଂଗଠନରେ ସହଯୋଗ କାମନା କରନ୍ତି, ପ୍ରସାର ପାଇଁ ବୈଦିକ ସାହିତ୍ୟ ଆବଶ୍ୟକ କରନ୍ତି, ସେମାନେ ସ୍ଥାନୀୟ ବେଦ ପ୍ରଚାର ସମିତି ସହ ଯୋଗାଯୋଗ କରନ୍ତୁ ଅଥବା ଶ୍ରୁତିନ୍ୟାସ ସହ ନିମ୍ନ ଚଳଭାଷ ସଂଖ୍ୟାରେ ସଂପର୍କ କରନ୍ତୁ —

୯୮୬୧୩୩୫୩୨୧, ୮୯୦୮୦୦୫୧୦୫, ୯୮୬୧୩୭୨୦୭୬, ୮୨୮୦୧୮୯୨୨୯, ୯୮୫୩୩୫୫୦୭୯, ୯୩୩୭୧୦୩୭୮୨, ୯୮୬୧୩୫୮୯୭୭, ୯୪୩୭୧୧୮୯୫୧, ୯୧୭୮୮୪୭୧୨୬, ୯୪୩୮୦୩୨୯୯୨, ୯୪୩୯୨୨୬୮୦୧ ।

❖❖❖

# ଈଶ୍ୱର ଏକ କଳ୍ପନା ନା ବାସ୍ତବିକତା ?

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ.—** ସ୍ୱାମୀଜୀ ! ଆମ ସମସ୍ତଙ୍କ ମନରେ ଅର୍ଥାତ୍ ଯେଉଁମାନେ ପୂଜା କରୁଛନ୍ତି, ଯେଉଁମାନେ ପୂଜା କରୁନାହାନ୍ତି, ଯେଉଁମାନେ ଆସ୍ତିକ, ଯେଉଁମାନେ ନାସ୍ତିକ- ଏ ସମସ୍ତଙ୍କ ମନରେ ଗୋଟିଏ ସଂଶୟ, ପ୍ରଶ୍ନ ତ ଥାଏ ଯେ — 'ଈଶ୍ୱର ସତରେ ଅଛନ୍ତି, ନା ବାସ୍, 'ଈଶ୍ୱର' ଆମର ଗୋଟିଏ କଳ୍ପନା ?

**ସ୍ୱାମୀଜୀ** — ଆମ ସଂସ୍କୃତିର ପ୍ରାଚୀନ ଗ୍ରନ୍ଥମାନଙ୍କରେ ଋଷିମାନଙ୍କର ସବୁବେଳେ ସ୍ପଷ୍ଟ ବିଚାର ରହିଛି ଯେ ଆମେ କୌଣସି ବି କଥାକୁ ଯଦି ସ୍ୱୀକାର କରିବା, ତେବେ କାହା ଆଧାରରେ କରିବା ଉଚିତ ?

**ପ୍ର.କ.—** ପ୍ରମାଣ ଆଧାରରେ କରିବା ଉଚିତ।

**ସ୍ୱାମୀଜୀ** — ଠିକ୍ ! ପ୍ରମାଣ ଆଧାରରେ କରିବା ଉଚିତ। ଋଷିମାନେ ସବୁବେଳେ କହନ୍ତି — 'ବିନା ପ୍ରମାଣରେ କିଛି ବି ସ୍ୱୀକାର କରିବା ଉଚିତ ନୁହେଁ। **'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ'** (ନ୍ୟାୟ. ୧:୧:୧. ବାତ୍ସା. ଭାଷ୍ୟ)— ପ୍ରମାଣ-ପୁରଃସର ପରୀକ୍ଷା କରି ନିର୍ଣ୍ଣୟରେ ପହଞ୍ଚିବା ହିଁ ଉଚିତ କର୍ମ। ଆଚ୍ଛା ! ତେବେ 'ପ୍ରମାଣ' ମାନେ କ'ଣ ?

**ପ୍ର.କ.—** କୌଣସି ଲିଖିତ ପ୍ରମାଣ।

**ସ୍ୱାମୀଜୀ** — ଲିଖିତ ପ୍ରମାଣ ବି ତ ଅନେକ ପ୍ରକାର ପ୍ରମାଣ ମଧ୍ୟରୁ ଗୋଟିଏ ପ୍ରମାଣ। କିନ୍ତୁ ମୋର ପ୍ରଶ୍ନ ହେଉଛି — 'ପ୍ରମାଣ ମାନେ କ'ଣ' ? **'ମା ମାନେ'** ଧାତୁରୁ 'ପ୍ରମାଣ' ଶବ୍ଦର ଉତ୍ପତ୍ତି। 'ମା' ମାନେ ମାପିବା (Measurement)। ଅତଃ ପ୍ରମାଣ ଶବ୍ଦର ଅର୍ଥ ହେଲା— **'ପ୍ରମୀୟତେ ଅନେନ ଇତି ପ୍ରମାଣମ୍'**— ଯାହାଦ୍ୱାରା ଆମେ କୌଣସି ଜିନିଷକୁ ମାପୁ, ତାକୁ କୁହାଯାଏ ମାପଦଣ୍ଡ, ତାକୁ କୁହାଯାଏ 'ପ୍ରମାଣ'। ଖିରବାଲା ଖିର ବିକିବାକୁ ଆସିଲା। ସେ ଆମକୁ ପଚାରିଲା, 'ଖିର ରଖିବ ?' ମନେକର ଆମେ କହିଲେ— 'ହଁ, ଲିଟରେ ଦିଅ।' ତା' ପରେ ସେ କ'ଣ କରୁଛି ? ଖିର ମାପିବା ପାଇଁ ଯେଉଁ ପାତ୍ର, ଯେଉଁ ମାଧ୍ୟମ, ମାନକ ଅଛି, ସେଥିରେ ମାପି ସେ ଆମକୁ ଦେଉଛି। ତା' ପରେ ଆମେ ତାକୁ ସ୍ୱୀକାର କରୁଛେ ଯେ ଖିର ଲିଟରେ ଦେଇଛି। କାରଣ ଖିର ମାପିବାର ତାହା ହେଲା ମାପକ ପାତ୍ର। ଯେହେତୁ ତା' ଦ୍ୱାରା ଖିର ମପାଯାଇଛି, ତେଣୁ ଆମେ ସ୍ୱୀକାର କରୁଛେ। ଏ ତ ହେଲା ଖିରର ପରିମାଣକୁ ନିର୍ଣ୍ଣୟ କରିବା ପାଇଁ ପ୍ରମାଣ। କିନ୍ତୁ ଖିରର ସାନ୍ଦ୍ରତା (Density) ପାଇଁ ଏହା ପ୍ରମାଣ ନୁହେଁ। ତା' ପାଇଁ ଆମେ Lactometer ବ୍ୟବହାର କରୁ। ଖିର ପତଳା ଅଛି କି ଠିକ୍ ଅଛି ତା' ପାଇଁ Lactometer ହେଲା ପ୍ରମାଣ। ଅତଏବ ଯାହା ଦ୍ୱାରା ଆମେ କୌଣସି ବସ୍ତୁକୁ ମାପି, ପରୀକ୍ଷା କରି ନିଷ୍କର୍ଷରେ ଉପନୀତ ହେଉ, ତାକୁ କୁହାଯାଏ 'ପ୍ରମାଣ' — **'ପ୍ରମାୟାଃ ସାଧନଂ କରଣଂ ପ୍ରମାଣମ୍।'** 'ପ୍ରମା' ମାନେ ଯଥାର୍ଥ ଜ୍ଞାନ। ଏଣୁ ପ୍ରମାଣ ହେଲା ଯଥାର୍ଥ ଜ୍ଞାନ ପ୍ରାପ୍ତିର ସାଧନ, ଉଚିତ ନିଷ୍କର୍ଷରେ ଉପନୀତ ହେବାର ସାଧନ। ଏ ପ୍ରମାଣ ପୁଣି କେତେ ପ୍ରକାରର ? ଯୋଗଦର୍ଶନରେ କୁହାଯାଇଛି —

**ପ୍ରତ୍ୟକ୍ଷାନୁମାନାଗମାଃ ପ୍ରମାଣାନି।** (ଯୋଗ. ୧:୭)

ପ୍ରତ୍ୟକ୍ଷ, ଅନୁମାନ ଓ ଶବ୍ଦ- ଏ ହେଉଛି ତିନି ପ୍ରକାରର ପ୍ରମାଣ। ଏ ତିନି ପ୍ରକାର ପ୍ରମାଣ ମଧ୍ୟରୁ କେଉଁ କ୍ଷେତ୍ରରେ ପ୍ରତ୍ୟକ୍ଷ, କେଉଁଠି ଅନୁମାନ, କେଉଁଠି ଶବ୍ଦ ତ କେଉଁଠି ଏକାଧିକ ପ୍ରମାଣର ବ୍ୟବହାର କରି ଏଭଳି ଭାବେ ପ୍ରମାଣ ଆଧାରରେ ଆମେ ବସ୍ତୁଗୁଡ଼ିକର ସ୍ୱରୂପ ସମ୍ପର୍କରେ ନିଷ୍କର୍ଷରେ ପହଞ୍ଚୁ।

ଈଶ୍ୱରଙ୍କ ବିଷୟରେ ଆମ ଆଗରେ ଯେଉଁ ପ୍ରଶ୍ନ ଆସିଲା ଯେ 'ଈଶ୍ୱରଙ୍କ ଅସ୍ତିତ୍ୱର ସତ୍ୟାସତ୍ୟ କ'ଣ ? ଈଶ୍ୱର ଅଛନ୍ତି ନା ନାହାନ୍ତି ? କଳ୍ପନା ନା ବାସ୍ତବିକତା ଏହା କେମିତି ଜାଣିବା ?' — ଏହାକୁ ଆମେ ପ୍ରମାଣ ଦ୍ୱାରା ପରୀକ୍ଷା କରିବା ।

**୧.** ପ୍ରଥମ ପ୍ରମାଣ ହେଲା ପ୍ରତ୍ୟକ୍ଷ ପ୍ରମାଣ। ପ୍ରତ୍ୟକ୍ଷ ପ୍ରମାଣ କ'ଣ ? ପ୍ରତ୍ୟକ୍ଷ ପ୍ରମାଣର ପରିଭାଷା ନ୍ୟାୟଦର୍ଶନରେ କୁହାଯାଇଛି —

**ଇନ୍ଦ୍ରିୟାର୍ଥସନ୍ନିକର୍ଷୋତ୍ପନ୍ନଂ ଜ୍ଞାନମବ୍ୟ-ପଦେଶ୍ୟମବ୍ୟଭିଚାରି ବ୍ୟବସାୟାତ୍ମକଂ ପ୍ରତ୍ୟକ୍ଷମ୍।**

(ନ୍ୟାୟ. ୧:୧:୪)

କାନ, ଚର୍ମ, ଆଖି, ଜିଭ ଓ ନାକ - ଏ ପାଞ୍ଚୋଟି ଇନ୍ଦ୍ରିୟର ଯଥାକ୍ରମେ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ସହିତ ଆବରଣରହିତ ସମ୍ବନ୍ଧ ହୋଇ ଯେଉଁ ନିର୍ଭ୍ରାନ୍ତ ନିଶ୍ଚୟାତ୍ମକ ଜ୍ଞାନ ହୁଏ ତାକୁ ପ୍ରତ୍ୟକ୍ଷ କୁହାଯାଏ।

ଆମେ କହୁଛେ — 'ଏଇଟା ଗୋଟିଏ କଲମ। ଏ କଲମଟି ଏଇ ଟେବୁଲ୍ ଉପରେ ଅଛି।' ଆଚ୍ଛା ! ଏ କଥା ଆମେ କେମିତି ଜାଣିଲେ ?

**ପ୍ର.କ.**— ଏଇଟା ଆମେ ଆଖିରେ ଦେଖିଲେ। **ସ୍ୱାମୀଜୀ** — ଆଖିରେ କ'ଣ ଦେଖିଲେ ? **ପ୍ର.କ.**— କଲମ, ଟେବୁଲ୍। **ସ୍ୱାମୀଜୀ** — କଲମ, ଟେବୁଲ୍ର କ'ଣ ଦେଖିଲେ ? **ପ୍ର.କ.**— ତା'ର ରୂପ, ଆକାର। **ସ୍ୱାମୀଜୀ** — ଠିକ୍। ଆଖିରେ ଆମେ କଲମର, ଟେବୁଲ୍ର ରୂପ, ଆକାର ଦେଖିଲେ। ଆଖି ସହିତ କୌଣସି ପଦାର୍ଥର ରୂପର ସଂପର୍କ ହେବା ଦ୍ୱାରା ସେ ପଦାର୍ଥଟି ଆମକୁ ଦେଖାଯାଏ। ଏଣୁ ଯେଉଁ ପଦାର୍ଥର ରୂପ ଅଛି, ତାକୁ ଆମେ ଆଖିରେ ଦେଖି ସେ ବିଷୟରେ ଜାଣିପାରିବା, ସେ ବିଷୟକ ନିର୍ଣ୍ଣୟ ନେଇପାରିବା। ସେହିପରି କୌଣସି ପଦାର୍ଥର ଗନ୍ଧ ଆମେ ନାକ ଦ୍ୱାରା ଜାଣିପାରିବା। ସେହିପରି ପଦାର୍ଥରେ ଥିବା ରସକୁ ଆମେ ଜିଭ ଦ୍ୱାରା, ଶବ୍ଦକୁ କାନ ଦ୍ୱାରା, ସ୍ପର୍ଶକୁ ଚର୍ମ (ତ୍ୱଚା) ଦ୍ୱାରା ଜାଣିପାରିବା। କିନ୍ତୁ ଯେଉଁ ପଦାର୍ଥର ରୂପ ନ ଥିବ ତାକୁ ଆମେ ଆଖିରେ ଦେଖିପାରିବା କି ? **ପ୍ର.କ.**— ନା, ଦେଖିପାରିବା ନାହିଁ। **ସ୍ୱାମୀଜୀ** — ଯାହାର ଶବ୍ଦ ନଥିବ ତାକୁ କାନ ଦ୍ୱାରା ଶୁଣିପାରିବା କି ? **ପ୍ର.କ.**— ନା, ଶୁଣିପାରିବା ନାହିଁ। **ସ୍ୱାମୀଜୀ** — ଯାହାର ସ୍ପର୍ଶ ଗୁଣ ନଥିବ, ତାକୁ ଛୁଇଁ ଜାଣିପାରିବା କି ? **ପ୍ର.କ.**— ନା। **ସ୍ୱାମୀଜୀ** — ଯାହାର ରସ ଗୁଣ ନଥିବ, ଯାହାର ଗନ୍ଧ ଗୁଣ ନଥିବ ତାକୁ ଆମେ ଯଥାକ୍ରମେ ଚାଖି, ଶୁଙ୍ଘି ଜାଣିପାରିବା କି ? **ପ୍ର.କ.**— ନା, ପାରିବା ନାହିଁ।

ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ - ଏ ପାଞ୍ଚୋଟି ଯାକ ଜଡ଼ ପଦାର୍ଥର ଗୁଣ, ଚେତନର ଗୁଣ ନୁହନ୍ତି। ଆତ୍ମା ଓ ପରମାତ୍ମା ଉଭୟେ ଚେତନ ସତ୍ତା। ଏଣୁ ଏ ଉଭୟର ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ନାହିଁ। ଶାସ୍ତ୍ରରେ କୁହାଯାଇଛି— ଈଶ୍ୱର ଅରୂପ, ଅରସ, ଅଶବ୍ଦ, ଅସ୍ପର୍ଶ, ଅଗନ୍ଧ - ଈଶ୍ୱରଙ୍କ ନା ରୂପ ଅଛି, ନା ରସ ଅଛି, ନା ଶବ୍ଦ ଅଛି, ନା ସ୍ପର୍ଶ ଅଛି, ନା ଗନ୍ଧ ଅଛି। ଏଣୁ ଈଶ୍ୱରଙ୍କ ଅସ୍ତିତ୍ୱକୁ ଆମେ ଚକ୍ଷୁ ଆଦି କୌଣସି ଜ୍ଞାନେନ୍ଦ୍ରିୟ ବା ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ଜାଣିପାରିବା ନାହିଁ। ଈଶ୍ୱର ଇନ୍ଦ୍ରିୟ-ପ୍ରତ୍ୟକ୍ଷ ନୁହନ୍ତି — **'ନୈନଦ୍ଦେବା ଆପ୍ନୁବନ୍'** (ଯଜୁଃ. ୪୦:୪)— ଚକ୍ଷୁ ଆଦି କୌଣସି ବି ଜ୍ଞାନେନ୍ଦ୍ରିୟ ଦ୍ୱାରା ଈଶ୍ୱରଙ୍କୁ ଜଣାଯାଇପାରେ ନାହିଁ।

**୨.** ଦ୍ୱିତୀୟ ପ୍ରମାଣ ହେଲା ଅନୁମାନ ପ୍ରମାଣ। 'ଅନୁ' ମାନେ ପଛରେ। ଯେମିତିକି ଆମେ କହୁ ଅନୁଗମନ, ଅନୁସରଣ ଅର୍ଥାତ୍ ପଛରେ ଯିବା। ସେହିଭଳି 'ଅନୁମାନ' ଅର୍ଥାତ୍ ପଛରେ, ପରେ ହେବା ଜ୍ଞାନ। କାହା ପରେ ? ପ୍ରତ୍ୟକ୍ଷ ପରେ। **'ପ୍ରତ୍ୟକ୍ଷସ୍ୟ ପଶ୍ଚାନ୍ମୀୟତେ ଜ୍ଞାୟତେ ଯେନ ତଦନୁମାନମ୍'** (ସ.ପ୍ର. ୩ସମୁ.)— କୌଣସି ସ୍ଥାନରେ କାର୍ଯ୍ୟ-କାରଣକୁ ଏକତ୍ର ଦେଖିବା ପରେ ଅନ୍ୟତ୍ର ଏ ମଧ୍ୟରୁ ଗୋଟିକୁ ଦେଖି ଅନ୍ୟଟିକୁ ଯାହାଦ୍ୱାରା ଜଣାଯାଏ ତାକୁ ଅନୁମାନ କୁହାଯାଏ। ଅତଏବ ଯେଉଁଠାରେ କାର୍ଯ୍ୟ-କାରଣ ଉଭୟ ଦୃଷ୍ଟିଗୋଚର ହେଉନଥାଏ, କୌଣସି ବସ୍ତୁ ପୂର୍ଣ୍ଣ ଦେଖା ନଯାଇ ତା'ର ଗୋଟିଏ ଅଂଶ ଦେଖାଯାଉଥାଏ, ସେ ସ୍ଥଳରେ ଆମେ ଅନୁମାନ ଦ୍ୱାରା ତାକୁ ଜାଣିଥାଉ।

ଅନୁମାନ ପ୍ରମାଣ ତିନି ପ୍ରକାର —

**ଅଥ ତତ୍ପୂର୍ବକଂ ତ୍ରିବିଧମନୁମାନଂ ପୂର୍ବବଚ୍ଛେଷବତ୍ସାମାନ୍ୟତୋଦୃଷ୍ଟଂ ଚ।**

(ନ୍ୟାୟ.୧:୧:୫)

ପ୍ରତ୍ୟକ୍ଷପୂର୍ବକ ହେଉଥିବା ଅନୁମାନ ତିନି ପ୍ରକାର - ପୂର୍ବବତ୍, ଶେଷବତ୍ ଓ ସାମାନ୍ୟତୋଦୃଷ୍ଟ। କାରଣକୁ ଦେଖି କାର୍ଯ୍ୟକୁ ଅନୁମାନ କରିବାକୁ ପୂର୍ବବତ୍ ଅନୁମାନ କୁହାଯାଏ। କାର୍ଯ୍ୟକୁ ଦେଖି କାରଣକୁ ଅନୁମାନ କରିବାକୁ ଶେଷବତ୍ ଅନୁମାନ କୁହାଯାଏ। ପଦାର୍ଥଗୁଡ଼ିକ ବିଷୟରେ ସାମାନ୍ୟ ରୂପେ ଦୃଷ୍ଟ ଘଟଣା ଆଧାରରେ କୌଣସି ପଦାର୍ଥର ସ୍ଥିତି ସମ୍ପର୍କରେ ଅଦୃଶ୍ୟ କାରଣ ସମ୍ବନ୍ଧୀୟ ନିର୍ଣ୍ଣୟରେ ଉପନୀତ ହେବାକୁ ସାମାନ୍ୟତୋଦୃଷ୍ଟ ଅନୁମାନ କୁହାଯାଏ। ଆମେ ଗୋଟିଏ ବହି ଟେବୁଲ୍ ଉପରେ ରଖିଥିଲେ। ପରେ ଦେଖିବା ବେଳକୁ ତାହା ଥାକରେ ଅଛି। ଆମେ ଅନୁମାନ କରୁଛେ ଯେ ନିଶ୍ଚିତ କେହି ସେଠାରୁ ଏଠାକୁ ଆଣିଥିବ। କାରଣ ବହିଟି ଆପେ ତ ଟେବୁଲ୍‌ରୁ ଥାକକୁ ଆସିପାରିବ ନାହିଁ।

ପୂର୍ବବତ୍ ଅନୁମାନ ପ୍ରମାଣରେ ଆମେ କାରଣକୁ ଦେଖି କାର୍ଯ୍ୟକୁ ଅନୁମାନ କରୁ। ମନେକରନ୍ତୁ ଗୋଟିଏ ସ୍ଥାନରେ ଇଟା, ପଥର, ବାଲି ଜମା କରାଗଲାଣି। ମିସ୍ତ୍ରୀ-ମୂଲିଆ ଜମା ହେଲେଣି, ନିଅଁ ଖୋଳା ପାଇଁ ଚିହ୍ନ ଦିଆଗଲାଣି। ସେତେବେଳେ ଆମେ ଅନୁମାନ କରୁ ଯେ ଏଇଠି ଘର ତିଆରି ହେବ।

ଶେଷବତ୍ ଅନୁମାନ ପ୍ରମାଣରେ ଆମେ କାର୍ଯ୍ୟକୁ ଦେଖି କାରଣକୁ ଅନୁମାନ କରୁ। ଯଥା- ଆମେ ଅନୁମାନ କରୁ ଯେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଅଛି । କାହିଁକି ?

**ପ୍ର.କ.**— କାରଣ ପୃଥିବୀ ପୃଷ୍ଠର ସବୁ ପଦାର୍ଥଗୁଡ଼ିକ ପୃଥିବୀ ଆଡ଼କୁ ଟାଣି ହେଉଛି। ଗଛରୁ ଫଳ ତଳକୁ ପଡୁଛି, ବଲ୍‌ଟିଏ ଉପରକୁ ଫୋପାଡ଼ିଲେ ବି ପୁଣି ତଳକୁ ଚାଲିଆସୁଛି।

**ସ୍ୱାମୀଜୀ** — ଠିକ୍ ! ଆମେ ଜାଣିଛେ ଯେ ନ ଟାଣିବା ପର୍ଯ୍ୟନ୍ତ କୌଣସି ବସ୍ତୁ କାହା ଆଡ଼କୁ ଯାଏ ନାହିଁ। କୌଣସି ଦିଗରୁ ଆକର୍ଷିତ ହେଲେ ବସ୍ତୁଟିଏ ସେ ଦିଗକୁ ଯାଏ। ଯେମିତିକି ଏଇଠି ଏଇ ଫୁଲଦାନିଟି ଅଛି। ମୁଁ ମୋ ଆଡ଼କୁ ଟାଣିଲେ ଏଇଟା ମୋ ଆଡ଼କୁ ଆସିବ। ମନେକର ଗୋଟିଏ ଟେବୁଲ୍ ଉପରେ ଲୁହାଖଣ୍ଡଟେ ଅଛି। ଆମେ ତା'ଠୁ ଟିକିଏ ଛାଡ଼ି କାଠ ଖଣ୍ଡଟିଏ ରଖିଲେ। ଲୁହାଖଣ୍ଡ ପୂର୍ବବତ୍ ସ୍ଥିର। ଆମେ ବର୍ତ୍ତମାନ କାଠଖଣ୍ଡ ବଦଳରେ ସେ ସ୍ଥାନରେ ଚୁମ୍ବକଟିଏ ରଖିଲେ। ଲୁହାଖଣ୍ଡ ଚୁମ୍ବକ ଆଡ଼କୁ ଆକର୍ଷିତ ହେଲା। ଆମେ ଚୁମ୍ବକକୁ ଯେଉଁ ପଟକୁ ରଖିଲେ ଲୁହାଟି ସେଇ ପଟକୁ ଆକର୍ଷିତ ହେବାକୁ ଲାଗିଲା। ଏଥିରୁ କ'ଣ ଜଣାଗଲା ?

**ପ୍ର.କ.**— ଚୁମ୍ବକରେ ଚୁମ୍ବକୀୟ ଶକ୍ତି ଅଛି, ଯେଉଁଥି ପାଇଁ କି ଲୁହାଟି ସେ ପଟକୁ ଆକର୍ଷିତ ହେଉଛି। ଚୁମ୍ବକକୁ ଯେଉଁଆଡ଼କୁ ଘୁଞ୍ଚାଯାଉଛି ଲୁହାଖଣ୍ଡଟି ବି ସେ ଆଡ଼କୁ ଯାଉଛି ।

**ସ୍ୱାମୀଜୀ** — ଚୁମ୍ବକର ଚୁମ୍ବକୀୟ ଶକ୍ତି ଆମକୁ ଦେଖାଯାଉନି। ତଥାପି ଆମେ ଅନୁମାନ ଦ୍ୱାରା ନିଶ୍ଚିତ ଯେ ଚୁମ୍ବକର ଚୁମ୍ବକୀୟ ଶକ୍ତି ଅଛି । କାରଣ ଚୁମ୍ବକର ଚୁମ୍ବକୀୟ ଶକ୍ତିର କ୍ରିୟାରୁ ଲୁହାଖଣ୍ଡ ଗତିଶୀଳ ହେବା ଦ୍ୱାରା ସେ ଶକ୍ତିର ପ୍ରତୀତି ହେଉଛି । ଚୁମ୍ବକ ଯେଉଁଆଡ଼କୁ ଯାଉଛି, ଲୁହାଖଣ୍ଡ ବି ସେ ପଟକୁ ଯାଉଛି। ଅନ୍ୟଆଡ଼କୁ, ଯେଉଁପଟକୁ କି ଚୁମ୍ବକ ନାହିଁ, ସେ ଆଡ଼କୁ କାହିଁକି ଯାଉନି ? ତେଣୁ ଚୁମ୍ବକରେ ନିଶ୍ଚିତ ରୂପେ ଚୁମ୍ବକୀୟ ଶକ୍ତି ଅଛି, ଯାହାର ଆକର୍ଷଣ ଆଧାରରେ କି ଲୁହାଖଣ୍ଡଟି ଗତି କରୁଛି। ଏହାକୁ କୁହାଯାଏ ଅନୁମାନ ପ୍ରମାଣ (ଶେଷବତ୍)।

ଆଜି ସଂସାରରେ ଯେତେ ସବୁ ପଦାର୍ଥ ଅଛି, ସବୁ ପଦାର୍ଥର ଅସ୍ତିତ୍ୱକୁ କ'ଣ ଆଖିରେ ଦେଖି ହିଁ ଆମେ ସ୍ୱୀକାର କରୁଛେ ! **ପ୍ର.କ.**— ନା।

**ସ୍ୱାମୀଜୀ** — ଆମେ ମାନୁଛେ ଯେ ରଞ୍ଜନ ରଶ୍ମି (X-ray) ଅଛି। X-rayକୁ ଦେଖି ହିଁ କ'ଣ ଆମେ ମାନୁଛେ ଯେ X-ray ଅଛି ? X-ray କ'ଣ ଆମ ଆଖିକୁ ଦେଖାଯାଉଛି ? X-ray ତ ଆଖିକୁ ଦେଖାଯାଏ ନାହିଁ। ତାହା ଅଦୃଶ୍ୟ (Invisible)। ଆମେ ଏକ୍ସ-ରେ ମେସିନ୍

ଆଗରେ ଠିଆ ହେଉଛେ। ଫୋଟୋ ଉଠିବା ପରେ ଫୋଟୋରେ ସେ ଚିତ୍ର ଦେଖୁଛେ। ସେଥିରୁ ଅନୁମାନ କରୁଛେ ଯେ କୌଣସି ରଶ୍ମି, ଯାହାକି ଚର୍ମ, ମାଂସକୁ ଭେଦ କରିପାରେ; କିନ୍ତୁ ମୋଟା ଅସ୍ଥିକୁ ଭେଦ କରିପାରେ ନାହିଁ, ଶରୀର ଦେଇ ପ୍ରବେଶ କଲା ଯାହାର ପରିଣାମରେ ଏ ଫୋଟୋ ଉଠିଛି। ଏଥିରୁ ଆମେ ନିଷ୍କର୍ଷରେ ପହଞ୍ଚିଲେ ଯେ X-ray ଅଛି ।

ଆମେ ଯେଉଁ a, b, g ray ଅଛି ବୋଲି କହୁଛେ, ତାହା ତ ଆଖିକୁ ଦେଖାଯାଉନି। ସେଗୁଡ଼ିକର କାର୍ଯ୍ୟରୁ ଆମେ ସେସବୁର ଅସ୍ତିତ୍ୱକୁ ଅନୁମାନ କରୁଛେ। ଯେତେବେଳେ ରଦରଫୋର୍ଡ୍ ଏ ବିଷୟରେ ପରୀକ୍ଷଣ କଲେ, ଏ ତିନୋଟିକୁ ଆବିଷ୍କାର କଲେ, ସେ ଏଗୁଡ଼ିକର କାର୍ଯ୍ୟରୁ ଏସବୁର ଅବସ୍ଥିତି ଜାଣିଲେ। ଅତଏବ ଆମେ ଜାଣିଲେ ଯେ ଅନୁମାନ ପ୍ରମାଣରେ କୌଣସି ବସ୍ତୁର କାର୍ଯ୍ୟ ଦେଖି କାରଣର ଅନୁମାନ କରାଯାଏ ।

ଗୋଟିଏ ଘର ତିଆରି ହେଉଥିବା ଆମେ ଦେଖିଲେ। ମିସ୍ତ୍ରୀ-ମୂଲିଆ ତିଆରି କରୁଛନ୍ତି । ଆମେ ଜାଣିଲେ ଯେ ଏ ଘରଟିକୁ ମିସ୍ତ୍ରୀ-ମୂଲିଆ ତିଆରି କରୁଛନ୍ତି। ଏଇ ସହରରେ ଯେତେ ଘର ଅଛି ସେସବୁ ତିଆରି ହେଲା ବେଳେ ଆମେ ଦେଖିଛେ କି? **ପ୍ର.କ.**— ନା। **ସ୍ୱାମୀଜୀ** — ଯେଉଁସବୁ ଘର ତିଆରି ହେଉଥିବା ଆମେ ଦେଖିଛେ ସେ ବିଷୟରେ ତ ଆମେ ସ୍ଥିରନିଶ୍ଚିତ ଯେ ସେସବୁକୁ ମିସ୍ତ୍ରୀ-ମୂଲିଆ ତିଆରି କରିଛନ୍ତି । ଆଉ ଯେଉଁସବୁ ଘର ତିଆରି ହେଉଥିବା ଆମେ ଦେଖିନାହେଁ ସେ ବିଷୟରେ ଆମେ ଧାରଣା କରିବା ଉଚିତ ଯେ ଏସବୁ ଆପେ ତିଆରି ହୋଇଛି ?

**ପ୍ର.କ.**— ନା। ସେଗୁଡ଼ିକୁ ବି ନିଶ୍ଚିତ ରୂପେ ମିସ୍ତ୍ରୀ-ମୂଲିଆ ତିଆରି କରିଥିବେ ।

**ସ୍ୱାମୀଜୀ** — ସେ ଘରଗୁଡ଼ିକ ତିଆରି ହେବା ବେଳେ ଆପଣ ତ ଦେଖିନାହାନ୍ତି, ଫେରେ ମିସ୍ତ୍ରୀ-ମୂଲିଆ ତିଆରି କରିଥିବେ ବୋଲି କେମିତି ଦୃଢ଼ତାର ସହ କହୁଛନ୍ତି ?

**ପ୍ର.କ.**— ଯେଉଁ ଘର ତିଆରି ହେଉଥିବା ଆମେ ଦେଖିଲେ, ସେଇଟା ତ ଆପେ ତିଆରି ହେଉନଥିଲା। ତାକୁ ଅନେକ ଲୋକ ମିଶି ତିଆରି କରୁଥିଲେ। ତେଣୁ ସେହିଭଳି ଯେଉଁସବୁ ଘର ତିଆରି ହେଉଥିବା ବେଳେ ଆମେ ଦେଖିନାହେଁ, ସେଗୁଡ଼ିକ କେମିତି ଆପେ ତିଆରି ହୋଇଯିବ ? ସେଗୁଡ଼ିକ ମଧ୍ୟ କେବେ ବି ଆପେ ତିଆରି ହୋଇନଥିବ। କେହି ନିଶ୍ଚିତ ତିଆରି କରିଥିବେ ।

**ସ୍ୱାମୀଜୀ** — ଆଚ୍ଛା ! ଘର ବିଷୟରେ ତ ତୁମେ କହିଲ ଯେ ସବୁ ଘର କେହି ନା କେହି ତିଆରି କରିଛନ୍ତି। ଘର ବ୍ୟତୀତ ସଂସାରରେ ଆଉ ଯେତେ ପଦାର୍ଥ ଅଛି, ଯଥା— ଚୌକି, ଟେବୁଲ୍, ଖଟ, ପଲଙ୍କ, ହାଣ୍ଡି-ମାଠିଆ, ଲୁଗା-ପଟା, ବାସନ-କୁସନ, ଗହଣା-ଗାଣ୍ଠି ଅଛି ସେସବୁ ଆପେ ତିଆରି ହୋଇଥିବ ନା ତା'ର ବି କେହି ନିର୍ମାତା ଥିବେ ?

**ପ୍ର.କ.**— ଏଇଟା ତ ସ୍ୱାଭାବିକ ଜାଣିବା କଥା ଯେ ଯେହେତୁ ଘର ଭଳି ଏସବୁ ବି ନିର୍ମିତ ପଦାର୍ଥ, ତେଣୁ ଏସବୁର ବି କର୍ତ୍ତା ଥିବେ ।

**ସ୍ୱାମୀଜୀ** — ଏଇ ଯେଉଁ ତୁମେ କହିଲ ଯେ ଏଇଟା ତ ସ୍ୱାଭାବିକ ଜାଣିବା କଥା, ଏଇଟା ତୁମେ କେମିତି ଜାଣିଲ ? **ପ୍ର.କ.**— ଅନୁମାନ କରି।

**ସ୍ୱାମୀଜୀ** — ଆଚ୍ଛା ! ହାଣ୍ଡି-ମାଠିଆ, ଘର, ଗାଡ଼ି, ଗହଣା-ଗାଣ୍ଠି, ଲୁଗା-ପଟା ଆଦି ଛୋଟ-ଛୋଟ ଜିନିଷ ତିଆରି କରିବା ପାଇଁ ଯଦି ନିର୍ମାତା ଆବଶ୍ୟକ, ତେବେ ବହୁତ ବଡ଼-ବଡ଼ ବସ୍ତୁ ତିଆରି ପାଇଁ କର୍ତ୍ତା ଆବଶ୍ୟକ ନା ନାହିଁ ? ଯଥା- ଯଦି ଡ୍ରେନ୍, କେନାଲ୍ ଆଦି ଅଳ୍ପ ଜଳ ଯିବା ମାର୍ଗ ତିଆରି କରିବା ପାଇଁ ନିର୍ମାତା ଆବଶ୍ୟକ, ତେବେ ନାଳ-ନଈ ଆଦି ବହୁତ ପାଣି ଯାଉଥିବା ପଥ ତିଆରି ପାଇଁ କର୍ତ୍ତା ଆବଶ୍ୟକ ନା ନାହିଁ ? ଯଦି ଦୀପ, ଲଣ୍ଠନ, ଲ୍ୟାମ୍ପ, ମହମବତୀ, ବଲବ୍, ଟ୍ୟୁବ୍ ଲାଇଟ୍ ଆଦି ଆଲୋକର ଆଧାର ପାଇଁ ନିର୍ମାତା ଆବଶ୍ୟକ, ତେବେ ଆଲୋକର ବିରାଟ-ବିରାଟ ଆଧାର ସୂର୍ଯ୍ୟ, ନକ୍ଷତ୍ର ଆଦିର ନିର୍ମାଣ ପାଇଁ ନିର୍ମାତା ଆବଶ୍ୟକ ନୁହେଁ କି ?

**ପ୍ର.କ.**— ନିର୍ମାତା ନିଶ୍ଚିତ ଆବଶ୍ୟକ ।

**ସ୍ୱାମୀଜୀ** — ଠିକ୍ ! ଆମେ ଏ ସିଦ୍ଧାନ୍ତରେ ତ ପହଞ୍ଚିଲେ ଯେ ପ୍ରତ୍ୟେକ ନିର୍ମିତ ପଦାର୍ଥର ନିର୍ମାଣକର୍ତ୍ତା ଥାଆନ୍ତି। ଯେହେତୁ ଏ ବିରାଟ ସୃଷ୍ଟି ନିର୍ମିତ ହୋଇଛି। ତେଣୁ ଏହାର ମଧ୍ୟ ଜଣେ ନିର୍ମାଣକର୍ତ୍ତା ଥିବେ। ତେବେ ସେ ନିର୍ମାତାଙ୍କର କ'ଣ ଯୋଗ୍ୟତା ରହିବା ଆବଶ୍ୟକ ସେ କଥା ବିଚାର କରିବା।

ଆମେ ଟେବୁଲ୍ ଉପରେ କିଛି କାଗଜ ରଖିଥିଲେ । ପବନ ହେଲେ କାଗଜଗୁଡ଼ିକ ତଳେ ଅସ୍ତବ୍ୟସ୍ତ ଭାବେ ବିଞ୍ଚି ହୋଇପଡ଼ିବା ସମ୍ଭବ। କିନ୍ତୁ ସେ କାଗଜଗୁଡ଼ିକ ଯଦି ଟେବୁଲ୍‌ରୁ ଯାଇ ଥାକରେ ସଜାଇ ହୋଇ ରହିଥାଏ, ତେବେ ପବନରେ ଉଡ଼ି ଥାକରେ ସଜାଇ ହୋଇଥିବ ବୋଲି କହିପାରିବା କି ?

**ପ୍ର.କ.**— ନା, କଦାପି ନୁହେଁ। ପବନର ବିଚାର ଶକ୍ତି ନାହିଁ। ତେଣୁ ପବନରେ ଉଡ଼ି ଥାକରେ ସଜାଇ ହେବା ଅସମ୍ଭବ । ନିଶ୍ଚିତ ଭାବେ କୌଣସି ଚେତନ ବୁଦ୍ଧିମାନ୍ ବ୍ୟକ୍ତି ସଜାଇ ରଖିଛି।

**ସ୍ୱାମୀଜୀ** — ଅତଏବ କର୍ତ୍ତା ବିଷୟରେ ଗୋଟିଏ ବଡ଼ ଆବଶ୍ୟକତା ହେଲା - ବୁଦ୍ଧିପୂର୍ବକ କ୍ରିୟା ପାଇଁ କର୍ତ୍ତା ନିଶ୍ଚିତ ରୂପେ ଚେତନ, ବୁଦ୍ଧିମାନ୍ ହୋଇଥିବା ଆବଶ୍ୟକ ।

ଆମେ ସଂସାରରେ ଦେଖୁଛେ ଯେ ସବୁଠି ବ୍ୟବସ୍ଥା ଅଛି । ବ୍ୟବସ୍ଥା ଅଛି ନା ନାହିଁ କେମିତି ଜଣାଯାଏ ? ଘଟୁଥିବା ଘଟଣାଗୁଡ଼ିକୁ ଅନୁଧାନ କଲେ ବ୍ୟବସ୍ଥା ଅଛି ନା ନାହିଁ ଜଣାଯାଏ। ଘଟୁଥିବା ଘଟଣାଗୁଡ଼ିକ ନିଶ୍ଚିତ କ୍ରମରେ, ଶୈଳୀରେ ଘଟୁଥିଲେ ବ୍ୟବସ୍ଥା ଅଛି ବୋଲି ଜଣାଯାଏ। ବ୍ୟବସ୍ଥା ପଛରେ ନିୟମ ଥାଏ, ଯାହା ଆଧାରରେ କି ଘଟଣାଗୁଡ଼ିକ କ୍ରମାନ୍ୱୟରେ ଘଟୁଥାଏ । ସଂସାରରେ ସର୍ବତ୍ର ନିୟମ-ବ୍ୟବସ୍ଥା ଥିବା କଥା ଆମକୁ ଦୃଷ୍ଟିଗୋଚର ହେଉଛି । କେମିତି ? ଯେତେବେଳେ ଆମେ ମଞ୍ଜିଟିଏ ପୋତୁଛେ ସେଥିରୁ ପ୍ରଥମେ ଗଜା ବାହାରୁଛି, ତା' ପରେ ପତ୍ର ହେଉଛି, ତା' ପରେ କାଣ୍ଡ, ତା' ପରେ ଫୁଲ, ତା' ପରେ ଫଳ ହେଉଛି। ତେଣୁ ଆମକୁ ବୃକ୍ଷ ବିଷୟରେ ଏ ନିୟମ ଜଣାଗଲା ଯେ ବୀଜରୁ ପ୍ରଥମେ ଅଙ୍କୁର, ତା' ପରେ ପତ୍ର-କାଣ୍ଡ-ଫୁଲ-ଫଳ ହୁଏ। ଏ ନିୟମ ସବୁ ଗଛରେ ଲାଗୁହେଉଛି । ତେଣୁ ସବୁ ସ୍ଥାନରେ ଆମେ ଏହି କ୍ରମ ଦେଖୁଛେ। ବ୍ୟତିକ୍ରମ ନାହିଁ। ଅର୍ଥାତ୍ ଏମିତି ଦେଖୁନାହେଁ ଯେ କୌଣସି ଗଛରେ ଆଗ ଗଜା ବାହାରିବା ପରେ ପତ୍ର ହେଉଛି ତ ଆଉ କେଉଁଠି ଆଗ ପତ୍ର କଅଁଳିବା ପରେ ଗଜା ବାହାରୁଛି, କେଉଁ ଗଛରେ ଆଗ ଫୁଲ ତା' ପରେ ଫଳ ତ ଆଉ କେଉଁ ଗଛରେ ଆଗ ଫଳ ତା' ପରେ ପତ୍ର ଏବଂ ଗଜା ବାହାରୁଛି ଶେଷକୁ ଇତ୍ୟାଦି। ନା, ଏମିତି ବି ହେଉଛି ?

**ପ୍ର.କ.**— ନା, ନା। ସବୁଠି ଏକା ନିୟମ।

**ସ୍ୱାମୀଜୀ** — ଅତଃ ଆମେ ଦେଖୁଛେ ଯେ ସଂସାରର ସମସ୍ତ କାର୍ଯ୍ୟ ବ୍ୟବସ୍ଥିତ ଚାଲିଛି। ଛୋଟରୁ ଛୋଟ ଓ ବଡ଼ରୁ ବଡ଼ ଜାଗତିକ ପଦାର୍ଥରେ ଆମେ ଏ ନିୟମବଦ୍ଧତା ପାଉଛେ।

ଜଣେ କୃଷକ ଚାଷ କଲାବେଳେ ତାକୁ ଯେଉଁ ଫସଲ ଦରକାର ସେ ଫସଲର ମଞ୍ଜି ବୁଣୁଛି ନା ଅନ୍ୟ ଫସଲର ମଞ୍ଜି ବୁଣୁଛି ? **ପ୍ର.କ.**— ସେଇ ଫସଲର ମଞ୍ଜି। **ସ୍ୱାମୀଜୀ** — ଅନ୍ୟ ଫସଲର ମଞ୍ଜି କାହିଁକି ବୁଣୁନି ? **ପ୍ର.କ.**— ଅନ୍ୟ ଫସଲର ମଞ୍ଜି ବୁଣିଲେ, ସେ ଚାହୁଁଥିବା ଫସଲ କେମିତି ହେବ ? **ସ୍ୱାମୀଜୀ** — ଆଚ୍ଛା ! ତା' ମାନେ ପ୍ରତ୍ୟେକ ଫସଲ ପାଇଁ ସେଇ ଫସଲର ମଞ୍ଜି ହିଁ ବୁଣିବା ଦରକାର। ଧାନରୁ ଧାନ, ଚଣାରୁ ଚଣା, ମକାରୁ ମକା, ଆଖୁରୁ ଆଖୁ ଗଛ ହୁଏ। ଅର୍ଥାତ୍ ପ୍ରତ୍ୟେକ ମଞ୍ଜିରୁ ସେ ପ୍ରକାର ଗଛ ହେବ - ଏ ନିୟମ ଅଛି।

ଲୋକମାନେ ଘରସଂସାର କରୁଛନ୍ତି। ସନ୍ତାନ-ସନ୍ତତି ଚାହୁଁଛନ୍ତି। କାହିଁକି ଚାହୁଛନ୍ତି ? ଭବିଷ୍ୟତର ସୁରକ୍ଷା ପାଇଁ ଯେ- 'ଆମେ ଯେତେବେଳେ ବୁଢ଼ା ହୋଇଯିବା ଆମ ଯତ୍ନ କିଏ ନେବ ?' ଯେଉଁମାନେ ସନ୍ତାନ ଚାହୁଁଛନ୍ତି ସେମାନେ ସମସ୍ତେ ଜାଣନ୍ତି ଯେ ସେମାନଙ୍କ ଘରେ ଛୁଆଟିଏ ଜନ୍ମ ହେବ। ନା, ବୁଢ଼ାଟିଏ ? **ପ୍ର.କ.**— ନା, ନା। ଛୁଆଟିଏ ହିଁ ଜନ୍ମ ହେବ। **ସ୍ୱାମୀଜୀ** — ଯଦି ସନ୍ତାନ ଜନ୍ମ ହେଲା ବେଳେ କେଉଁ ଅବସ୍ଥାରେ ଜନ୍ମ ହେବ ତା'ର କିଛି ନିଶ୍ଚିତ

ନିୟମ ନଥାନ୍ତା, କାହାଘରେ ପିଲାଟିଏ, କାହାଘରେ ଯୁବକଟିଏ ତ କାହାଘରେ ବୁଢ଼ାଟିଏ ଜନ୍ମ ହେଉଥାନ୍ତା, ତେବେ କେହି ମଧ୍ୟ ସନ୍ତାନ ଚାହାଁନ୍ତେନି; ଯେହେତୁ କି କ'ଣ ଯେ ଜନ୍ମ ହେବ କିଛି ସ୍ଥିରତା ନାହିଁ। ଅସୁବିଧା ସ୍ଥିତି ହୋଇପାରେ। କିନ୍ତୁ ସମସ୍ତେ ଜାଣିଛନ୍ତି ଯେ ଛୁଆଟିଏ ହିଁ ଜନ୍ମ ହେବ। ସେ ବାଲ୍ୟ, କୈଶୋର, ଯୌବନ, ପ୍ରୌଢ଼, ଜରା ଏଭଳି କ୍ରମ ଦେଇ ଗତିକରିବ। ଆଜି ଆମେ ଯୌବନରେ ଅଛେ। ଆମର ଶାରୀରିକ ସାମର୍ଥ୍ୟ ଅଛି । ଆଜି ଯିଏ ଜନ୍ମ ହେବ ସେ ଅସମର୍ଥ ଥିବ, ଆମେ ତା'ର ଲାଳନ-ପାଳନ କରିବା। ଆମେ ଯେତେବେଳେ ବୃଦ୍ଧ-ବୃଦ୍ଧା ଅସମର୍ଥ ହୋଇଯିବା, ସେତେବେଳେ ସେ ଯୌବନରେ ଥିବ, ସମର୍ଥ ଥିବ, ଆମ ସେବା-ଶୁଶ୍ରୂଷା କରିବ । ଅତଃ ସମଗ୍ର ପ୍ରାଣୀ ଜଗତରେ ଜନ୍ମ-ବାଲ୍ୟ-ଯୌବନ-ଜରା-ମୃତ୍ୟୁ ଏ କ୍ରମର ନିୟମ ବ୍ୟାପକ।

ଉଦ୍ଭିଦ-ଜଗତରେ ନିୟମ, ପଶୁ-ଜଗତରେ ନିୟମ, ପକ୍ଷୀ-ଜଗତରେ ନିୟମ, ମନୁଷ୍ୟ-ଜଗତରେ ନିୟମ, ପ୍ରାଣୀ-ଜଗତରେ ନିୟମ, ଅପ୍ରାଣୀ-ଜଗତରେ ନିୟମ, ଚେତନ-ଜଗତରେ ନିୟମ, ଜଡ଼-ଜଗତରେ ନିୟମ— ଏକକୋଷୀ ପ୍ରାଣୀଠାରୁ ଆରମ୍ଭ କରି ବିରାଟ ତିମି ମାଛ ପର୍ଯ୍ୟନ୍ତ, ପରମାଣୁ ଠାରୁ ଆରମ୍ଭ କରି ସୂର୍ଯ୍ୟ, ନୀହାରିକା, ଛାୟାପଥ ଆଦି ବିଶାଳ ସତ୍ତା ପର୍ଯ୍ୟନ୍ତ ସର୍ବତ୍ର ନିୟମ ପରିବ୍ୟାପ୍ତ।

ବର୍ତ୍ତମାନ ପ୍ରଶ୍ନ ହେଲା ନିୟମଟିଏ କରିବା ପାଇଁ ନିୟାମକଟିଏ ଦରକାର ନା ନାହିଁ? ନିୟମଟିଏ ଆପେ ହୋଇଯାଏ ନା କିଏ କରେ? ନିୟମର ସଞ୍ଚାଳନ ପାଇଁ କୌଣସି ନିୟନ୍ତା ଆବଶ୍ୟକ ନା ନାହିଁ? ଆମେ ଏ ବିଷୟରେ ବିଚାର କରିବା।

ମୋ ପ୍ରବଚନ ନିୟମିତ ଚାଲିଥାଏ ଚାରିଆଡ଼େ ବର୍ଷସାରା। ଯେଉଁଠି କେବଳ ସାୟଂକାଳିକ ପ୍ରବଚନ ହୁଏ ପ୍ରାୟତଃ ସନ୍ଧ୍ୟା ୬.୩୦ ରୁ ୮.୦୦ ଯାଏ ଅଥବା ସନ୍ଧ୍ୟା ୭.୦୦ ରୁ ୮.୩୦ ଯାଏ ହୁଏ ଋତୁ ଅନୁସାରେ। ଆମେ ଦେଖିଛୁ ଯେଉଁଠି ୬.୩୦ରେ ପ୍ରବଚନ ଥାଏ ୫.୩୦-୬.୦୦ ପର୍ଯ୍ୟନ୍ତ ପ୍ରାୟ କେହି ଶ୍ରୋତା ଆସି ନଥାନ୍ତି। କିନ୍ତୁ ୬.୨୫ରେ ଆମେ ପ୍ରବଚନ ମଣ୍ଡପକୁ ପ୍ରବେଶ କରିବା ବେଳକୁ ପ୍ରାୟ ଅର୍ଦ୍ଧାଧିକ ଲୋକ ଆସିଯାଇଥାନ୍ତି। ମଞ୍ଚରେ ବସି ପ୍ରାରମ୍ଭିକ ବନ୍ଦନା ସାରି ଆଖି ଖୋଲିବା ବେଳକୁ ପ୍ରାୟ ମଣ୍ଡପ ପରିପୂର୍ଣ୍ଣ। ଆଉ ଯେଉଁଠି ଆମ ଶିବିର ଆଦି ହୁଏ। ସେଠାରେ ତ ପ୍ରତି କାଳାଂଶ(Period)ର ପ୍ରବଚନ ଆରମ୍ଭ ପୂର୍ବରୁ ହିଁ ପ୍ରାୟ ସମସ୍ତ ଶିବିରାର୍ଥୀ ବସିଯାଇଥାନ୍ତି । ଏମିତି କାହିଁକି ହୁଏ? ପ୍ରବଚନ ଶୁଣିବା ପାଇଁ କିଏ ଦିନ ୧୨ଟା, ୨ଟା, ୩ଟା, କି କିଏ ୪ଟା, ୫ଟା ବେଳକୁ କାହିଁକି ଆସନ୍ତି ନାହିଁ? କାରଣ ପ୍ରଚାର-ପତ୍ର, ପ୍ରଚାର-ଫଳକ, ଧ୍ୱନିବର୍ଦ୍ଧକ ଯନ୍ତ୍ର ଆଦି ମାଧ୍ୟମରେ ସୂଚନା ଦିଆଯାଇଥାଏ ଯେ ପ୍ରବଚନ ୬.୩୦ରୁ ୮.୦୦ ହେବ। ଏଣୁ ଏ ନିୟମ ଥିବାରୁ ଠିକ୍ ସମୟରେ ସମସ୍ତେ ଆସନ୍ତି। ଶିବିରରେ ପ୍ରବଚନ ପୂର୍ବରୁ କାହିଁକି ପ୍ରାୟ ସମସ୍ତ ଶିବିରାର୍ଥୀ କକ୍ଷରେ ଉପସ୍ଥିତ ରହନ୍ତି? କାରଣ ନିୟମ କରାଯାଇଛି ଯେ ପ୍ରବଚନ ଆରମ୍ଭ ହେବା ପରେ କେହି କକ୍ଷରେ ପ୍ରବେଶ କରିବେ ନାହିଁ। ଯିଏ ପୂର୍ବରୁ ଆସିନଥିବ, ସେ ବାହାରେ ହିଁ ରହିବ । ଆଚ୍ଛା! ଏ ନିୟମ କେହି କରିଛି ନା ଆପେ ହୋଇଛି?

**ପ୍ର.କ.**— ଆପଣଙ୍କ ସଂସ୍ଥା ତରଫରୁ କରାଯାଇଛି । **ସ୍ୱାମୀଜୀ** — ସଂସ୍ଥା ତରଫରୁ ହୋଇଛି ମାନେ? ଆମ ସଂସ୍ଥାର ଘର, ନା ଚୌକି, ନା ଟେବୁଲ୍- କିଏ କରିଛି? **ପ୍ର.କ.**— ଘର-ଦ୍ୱାର, କାନ୍ଥ-କବାଟ, ଚୌକି-ଟେବୁଲ୍ କେମିତି ନିୟମ ତିଆରି କରିପାରିବେ? **ସ୍ୱାମୀଜୀ** — କାହିଁକି କରିପାରିବେନି? **ପ୍ର.କ.**— ସେସବୁ ତ ଜଡ଼ ପଦାର୍ଥ। ଜଡ଼ ପଦାର୍ଥ କେମିତି ନିୟମ ତିଆରି କରିବ? ତା'ର କ'ଣ ବୁଝିବା-ବିଚାର କରିବା ଶକ୍ତି ଅଛି? ସେ ନିୟମ ଆପଣଙ୍କ ସଂସ୍ଥାର ସଦସ୍ୟମାନେ କରିଛନ୍ତି।

**ସ୍ୱାମୀଜୀ** — ଆଚ୍ଛା! ତେବେ ତୁମ କହିବା କଥା ହେଲା ଯେ ଜଡ଼ ପଦାର୍ଥର ବୁଝିବା-ବିଚାର କରିବା ଶକ୍ତି ନ ଥିବାରୁ ଜଡ଼ ପଦାର୍ଥ କୌଣସି ନିୟମ ତିଆରି କରିପାରିବ ନାହିଁ। ପ୍ରତ୍ୟେକ ନିୟମ ତିଆରି କରିବା ପାଇଁ ଚେତନ ସତ୍ତା ଆବଶ୍ୟକ।

ଆମେ ପୂର୍ବରୁ ଆଲୋଚନା କରିଛେ ଯେ ଉଭିଦ-ଜଗତ, ପ୍ରାଣୀ-ଜଗତ, ଜଡ଼-ଚେତନ ସବୁଠି ନିୟମ ଅଛି। ପୃଥିବୀ ସୂର୍ଯ୍ୟକୁ ପରିକ୍ରମା କରୁଛି, ତାହା ବି ନିୟମରେ। ପୃଥିବୀ ସ୍ୱ ଅକ୍ଷ ଚତୁର୍ଦ୍ଦିଗରେ ଘୁରୁଛି, ତାହା ବି ନିୟମରେ। ଚନ୍ଦ୍ର ପୃଥିବୀକୁ ପରିକ୍ରମା କରୁଛି, ତାହା ବି ନିୟମରେ। ଏହିପରି ଏ ବିଶ୍ୱବ୍ରହ୍ମାଣ୍ଡରେ ଅସଂଖ୍ୟ ନିୟମ ଅଛି । ଏସବୁ ନିୟମ କେମିତି ହୋଇଛି ? କ'ଣ ଏସବୁ ନିୟମ ଆପେ ହୋଇଛି ?

**ପ୍ର.କ.**— ନା, ନିୟମ ଆପେ ହୁଏ ନାହିଁ ଏକଥା ତ ଆମେ ବର୍ତ୍ତମାନର ଆଲୋଚନାରୁ ନିଷ୍କର୍ଷରେ ପହଞ୍ଚିଲେ। କେହି ନା କେହି ତିଆରି କରେ।

**ସ୍ୱାମୀଜୀ** — ତେବେ କ'ଣ ଏ ବିଶାଳ ବ୍ରହ୍ମାଣ୍ଡରେ ଥିବା ଅସଂଖ୍ୟ ନିୟମକୁ ଏ ସୂର୍ଯ୍ୟ, ଚନ୍ଦ୍ର ଆଦି ପଦାର୍ଥଗୁଡ଼ିକ ତିଆରି କରିଥିବେ ?

**ପ୍ର.କ.**— ସେକଥା ବି ତ ଆମେ ଆଲୋଚନା କରିସାରିଛେ ଯେ ସୂର୍ଯ୍ୟାଦି ଜଡ଼ ପଦାର୍ଥ ଭିତରେ ବୁଦ୍ଧି-ବିବେକ-ବିଚାର କ୍ଷମତା ନଥିବାରୁ କୌଣସି ଜଡ଼ ପଦାର୍ଥ ନିୟମ ତିଆରି କରିପାରେ ନାହିଁ। ଆମ ଘରେ ବି ଜୋତା କେଉଁଠି ରହିବ, ଛତା କେଉଁଠି ରହିବ, ଚାଉଳ-ଡାଲି କେଉଁଠି ରହିବ ସେ ନିୟମ ମୁଁ କରିଛି । ଜୋତା କି ଛତା କିମ୍ବା ଡାଲି-ଚାଉଳ ଏ ନିୟମ କରିନାହାନ୍ତି ।

**ସ୍ୱାମୀଜୀ** — ଆଚ୍ଛା ! ନିୟମ ଆପେ ହୋଇନଥାଏ କିମ୍ବା କୌଣସି ଜଡ଼ ପଦାର୍ଥ କରିପାରନ୍ତି ନାହିଁ । ଗାଈ-ବଳଦ, ହାତୀ-ଘୋଡ଼ା ଆଦି ଯେଉଁ ମନୁଷ୍ୟେତର ପ୍ରାଣୀ ସମୂହ ଅଛନ୍ତି ସେମାନେ କେହି କିମ୍ବା ସମସ୍ତେ ମିଶି ସଂସାରର ଏ ନିୟମ ସବୁ କରିଥିବେ କି ?

**ପ୍ର.କ.**— ପଶୁ-ପକ୍ଷୀ-କୀଟ-ପତଙ୍ଗଙ୍କ ଭିତରେ ଏତେ ବୁଦ୍ଧି କାହିଁ ଯେ ସେମାନେ ଏତେ ବୁଦ୍ଧିମତ୍ତାପୂର୍ଣ୍ଣ ଏସବୁ ନିୟମ ତିଆରି କରିପାରିବେ ?

**ସ୍ୱାମୀଜୀ** — ତୁମେ କି ମୁଁ କିମ୍ବା ଆମେ ସମସ୍ତେ ମଣିଷମାନେ ଅଥବା ଆମର ସମସ୍ତ ବୈଜ୍ଞାନିକ ମିଶି ଏ ବିଶାଳ ବ୍ରହ୍ମାଣ୍ଡର ନିୟମ ସବୁ କରିଛେ କି ?

**ପ୍ର.କ.**— ସବୁଠୁ ଧ୍ୟାନଯୋଗ୍ୟ କଥା ହେଲା ଯେ ଆପଣ ଓ ମୋ ପୂର୍ବରୁ, ଏପରିକି ମଣିଷ ସୃଷ୍ଟି ହେବା ପୂର୍ବରୁ ଏ ବ୍ରାହ୍ମାଣ୍ଡରେ ଏ ନିୟମ ସବୁ ଅଛି। ମୁଁ ଯାହା ଜାଣିଛି ଯେ, ଆଗ ଗ୍ରହ-ନକ୍ଷତ୍ର ସୃଷ୍ଟି ହେଲେ, ତା'ପରେ ଉଭିଦ ଜଗତ, ତା' ପରେ ପ୍ରାଣୀ ଜଗତ ସୃଷ୍ଟି ହେଲେ। ମଣିଷ ପୂର୍ବରୁ ଥିବା ନିୟମ ମଣିଷ କେମିତି ତିଆରି କରିଥିବ ? ଆଉ ଯୋଗ୍ୟତା ଦୃଷ୍ଟିରୁ ଦେଖିଲେ ବି ଏ କଥା ତ ନିଶ୍ଚିତ ଯେ ଆପଣ କି ମୁଁ କିମ୍ବା ଅନ୍ୟ ମଣିଷମାନେ କେହି ବି ବ୍ରହ୍ମାଣ୍ଡର ଏ ନିୟମଗୁଡ଼ିକ କରିବା ସମ୍ଭବ ନୁହେଁ। ଆଉ ରହିଲା ବୈଜ୍ଞାନିକମାନଙ୍କ କଥା। ବୈଜ୍ଞାନିକମାନେ ବି ନିଶ୍ଚିତରୂପେ କରିନାହାନ୍ତି ।

**ସ୍ୱାମୀଜୀ** — ହଁ। ବୈଜ୍ଞାନିକମାନେ ବି ବ୍ରହ୍ମାଣ୍ଡର ନିୟମଗୁଡ଼ିକ କରିନଥିବେ । କାରଣ ବୈଜ୍ଞାନିକମାନେ କ'ଣ କରନ୍ତି ? ବୈଜ୍ଞାନିକମାନେ ଜଗତର ନିୟମ ତିଆରି କରନ୍ତି ନାହିଁ ବରଂ ଜଗତରେ ଥିବା ନିୟମଗୁଡ଼ିକୁ ଆବିଷ୍କାର କରନ୍ତି, ସଂସାରରେ ପ୍ରଘଟ କରନ୍ତି। ଯଥା- 'ଗଛରୁ ଫଳ ତଳକୁ ପଡ଼ିବ'- ଏ ନିୟମ ନ୍ୟୁଟନ୍ ତିଆରି କରିନାହାନ୍ତି। ନ୍ୟୁଟନ୍ ଜନ୍ମ ହେବା ପୂର୍ବରୁ ବି ଗଛରୁ ଫଳ ତଳକୁ ହିଁ ପଡୁଥିଲା। ଏହାକୁ ଅନୁଧ୍ୟାନ, ଗବେଷଣା କରି ନ୍ୟୁଟନ୍ ମାଧ୍ୟାକର୍ଷଣ ଶକ୍ତି ଆବିସ୍କାର କଲେ। ବର୍ତ୍ତମାନ ସୁଦ୍ଧା ଏ ବିଶାଳ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ଅସଂଖ୍ୟ ନିୟମରୁ କାଣିଚାଏ ମାତ୍ର ବୈଜ୍ଞାନିକମାନେ ଜାଣିପାରିଛନ୍ତି। ବିଶାଳ ବ୍ରହ୍ମାଣ୍ଡ କଥା ତ ତେଣିକି ଥାଉ ଗୋଟିଏ କ୍ଷୁଦ୍ର ପରମାଣୁରେ କାର୍ଯ୍ୟ କରୁଥିବା ସବୁ ନିୟମକୁ ବି ଆଜି ସୁଦ୍ଧା ବୈଜ୍ଞାନିକମାନେ ଜାଣିପାରିନାହାନ୍ତି । ପରମାଣୁଟିଏ କେତେ କ୍ଷୁଦ୍ର। ସେହି ଅତିକ୍ଷୁଦ୍ର ପରମାଣୁ ବିଷୟରେ ବି ନିତି-ପ୍ରତି ନୂଆ ତଥ୍ୟ ଲୋକଲୋଚନକୁ ଆସୁଛି। ଯଦି ବୈଜ୍ଞାନିକମାନେ ବ୍ରହ୍ମାଣ୍ଡର ନିୟମ ସବୁ ତିଆରି କରିଥାନ୍ତେ, ତେବେ ସେସବୁ ଜାଣିବାକୁ ପୁଣି ସେମାନଙ୍କୁ ଗବେଷଣା, ପରୀକ୍ଷା-ନିରୀକ୍ଷା କରିବାର ଆବଶ୍ୟକତା କ'ଣ ଅଛି ? ଅତଏବ ନିଷ୍କର୍ଷ ବାହାରିଲା ଯେ ଯେହେତୁ ବ୍ରହ୍ମାଣ୍ଡର ଏ ଅସଂଖ୍ୟ ନିୟମଗୁଡ଼ିକ ଆପେ ହେବା ସମ୍ଭବ ନୁହେଁ କି ଜଡ଼ ପଦାର୍ଥ ଦ୍ୱାରା ହେବା ସମ୍ଭବ

ନୁହେଁ ଏବଂ ଅଜ୍ଞ ହୋଇଥିବାରୁ କୌଣସି ପ୍ରାଣୀ ଏକାକୀ କିମ୍ବା ସାମୂହିକ ରୂପେ ଏସବୁକୁ କରିବା ସମ୍ଭବ ନୁହେଁ, ତେଣୁ ଏ ଅଂସଖ୍ୟ ବହୁ ବୁଦ୍ଧିମତ୍ତାପୂର୍ଣ୍ଣ ନିୟମ ନିଶ୍ଚିତ ରୂପେ କୌଣସି ଅନନ୍ତ ଜ୍ଞାନସମ୍ପନ୍ନ ଚେତନ ସତ୍ତା ଦ୍ୱାରା ହୋଇଛି। ଦ୍ୱିତୀୟରେ ବ୍ରହ୍ମାଣ୍ଡରେ ବ୍ୟାପ୍ତ ଗୋଟିଏ-ଗୋଟିଏ ନିୟମକୁ ଜାଣିବା ପାଇଁ ଯଦି କେତେ-କେତେ ବୈଜ୍ଞାନିକଙ୍କ ଭଳି ଚେତନ, ବୁଦ୍ଧିମାନ୍ ସତ୍ତା ଆବଶ୍ୟକ ପଡୁଛି, ତେବେ ସେହି ବୁଦ୍ଧିମତାପୂର୍ଣ୍ଣ ନିୟମଗୁଡ଼ିକର ନିର୍ମାଣ କରିବା ପାଇଁ କ'ଣ ମହାବୁଦ୍ଧିମାନ୍ ଚେତନ ସତ୍ତା ଆବଶ୍ୟକ ନୁହେଁ? ନିଶ୍ଚିତ ଆବଶ୍ୟକ। ତେଣୁ ସଂସାରର ଜଣେ ନିୟାମକ ଅଛନ୍ତି। ହଁ, ତାଙ୍କୁ ଆମେ ଈଶ୍ୱର କହିପାରିବା, ଭଗବାନ କହିପାରିବା, ବ୍ରହ୍ମ କହିପାରିବା, ପରମାତ୍ମା କହିପାରିବା। ଆମେ ତାଙ୍କୁ କେଉଁ ନାମରେ କହିବା ସେଇଟା ଅଲଗା କଥା। କିନ୍ତୁ ସେ କଳ୍ପନା ନୁହନ୍ତି, ନିଛକ ବାସ୍ତବିକତା। ତାଙ୍କ ଅସ୍ତିତ୍ୱ ସିଦ୍ଧ, ଯେହେତୁ କି ସୃଷ୍ଟିରେ ଅସଂଖ୍ୟ ବୁଦ୍ଧିମତ୍ତାପୂର୍ଣ୍ଣ ନିୟମ ବିଦ୍ୟମାନ । ତା' ସହିତ ସଂସାରରେ କ୍ରମବଦ୍ଧତା (Regularity) ବି ଦେଖୁଛେ ।

**ପ୍ର.କ.**— ତେବେ ସମ୍ପୂର୍ଣ୍ଣ ଆଲୋଚନାର ସାରକୁ ଆମେ ଯଦି ଗୋଟିଏ ବାକ୍ୟରେ କହିବା ତା' ହେଲେ ଏଇଆ ହେବ ଯେ ଈଶ୍ୱର ଗୋଟିଏ ଯଥାର୍ଥ ସତ୍ତା, ସୃଷ୍ଟି ରୂପକ ଗୋଟିଏ ବ୍ୟବସ୍ଥାର ନିର୍ମାତା (System Developer), ଏ ବ୍ୟବସ୍ଥାର ସଞ୍ଚାଳକ (Operator) ମଧ୍ୟ। କିନ୍ତୁ ଲୋକେ ଯେଉଁ କହନ୍ତି ଯେ ଭଗବାନ ଆମର ପାଳକ (Care-taker) କି ଆମ ଗୁରୁଜନମାନଙ୍କ ସହ ସମାନ, ସେ କଥା ତା' ହେଲେ ନୁହେଁ? ସେ କେବଳ ନିୟମ ଆଧାରରେ ଯାହା କରନ୍ତି ?

**ସ୍ୱାମୀଜୀ** — ଭଗବାନ ଏ ସଂସାରର Programming ବି କରନ୍ତି ଏବଂ ଏ ସଂସାର ରୂପକ System (ବ୍ୟବସ୍ଥା)କୁ Operate (ସଞ୍ଚାଳନ) ବି କରନ୍ତି । ପରମାତ୍ମା ଆମ ଗୁରୁଜନ କାହିଁକି ନୁହଁନ୍ତି ? ପରମାତ୍ମା ଆମ ଗୁରୁ। ସେ ତ ଆମ ଜନକ। ତେଣୁ ତ ତାଙ୍କୁ ଆମେ ମାତା-ପିତା କହୁ। ଯେହେତୁ କି ସେ ଚେତନ ଅଟନ୍ତି ଏବଂ ଆମ କଲ୍ୟାଣ ପାଇଁ ଅହର୍ନିଶ କାମ କରୁଛନ୍ତି, ଆମ ଖାଦ୍ୟ-ପାନୀୟ ପାଇଁ ବୃକ୍ଷ-ବନସ୍ପତିରେ କେତେ ନିୟମ ଆଧାରିତ ବ୍ୟବସ୍ଥା ଖଞ୍ଜି ଆମ ପାଳନ-ପୋଷଣ କରୁଛନ୍ତି। ଆମକୁ ସର୍ବଦା ସତ୍ପ୍ରେରଣା ଦେଉଛନ୍ତି । ହଁ, ଆମ ଲୌକିକ ଗୁରୁଜନ ଓ ପରମାତ୍ମାଙ୍କ ମଧ୍ୟରେ ଏତିକି ପାର୍ଥକ୍ୟ ଅଛି ଯେ ଆମ ଗୁରୁଜନମାନେ ଦେଖାଯାଉଛନ୍ତି (Visible) ଏବଂ ପରମାତ୍ମା ଦେଖାଯାଉନାହାନ୍ତି (Invisible)।

**ପ୍ର.କ.**— ଆମେ ଛୋଟ ବେଳେ ଯେତେବେଳେ ଭୁଲ୍ କରୁ ଆମ ମା-ବାପା ଆଦି ଆମକୁ ଏଇଥି ପାଇଁ ଦଣ୍ଡ ଦିଅନ୍ତି ଯଦ୍ୱାରାକି ସେ ଭୁଲ୍‌କୁ ଆମେ ଆଉ ଥରେ କରିବୁନି, ଆମେ ଜାଣିଯିବୁ ଯେ ଏଇ କାମଟା ଭୁଲ୍ । ଆମେ ଭୁଲ୍ ଏଥିପାଇଁ କରୁ ଯେ ଆମେ ଜାଣିନଥାଉ କି କୋଉଟା ଭୁଲ୍, କୋଉଟା ଠିକ୍ । ଦଣ୍ଡ ପାଇବା ଦ୍ୱାରା ଆମେ ଭୁଲ୍-ଠିକ୍ ଜାଣିଯାଉ। ଯେତେବେଳେ ଆମେ ଜାଣିଯାଉ, ସେତେବେଳେ ଦଣ୍ଡ କମିଯାଏ କିମ୍ବା ଆଉ ଦଣ୍ଡ ଦିଆଯାଏ ନାହିଁ। କିନ୍ତୁ ଭଗବାନ ଆମକୁ ଦଣ୍ଡ ଦେଉଛନ୍ତି। ଆମେ ହୃଦୟଙ୍ଗମ କରୁ ଯେ ଆମର ଭୁଲ୍ ଯୋଗୁଁ ଦେଲେ। ଆମେ ସେ ଭୁଲ୍ ବୁଝିପାରବା, ଭୁଲ୍ ସ୍ୱୀକାର (Confess) କରିବା ପରେ ବି କ'ଣ ପାଇଁ ଆମକୁ ସେ ଦଣ୍ଡ ଭୋଗିବାକୁ ପଡୁଛି ?

**ସ୍ୱାମୀଜୀ** — କାରଣ ହେଲା ଯେ ଆମେ ଦେଖୁଛେ କି ଆମେ ଅନେକ ଥର ଭୁଲ୍ କାମ କରୁଛେ । ଭୁଲ୍ କାମ କରିବା ପରେ ଯେତେବେଳେ ଆମକୁ ଦଣ୍ଡ ମିଳିବା ସ୍ଥିତି ଆସେ ଆମେ ସେତେବେଳେ ଭୁଲ୍‌ସ୍ୱୀକାର (Confess) କରୁ, କ୍ଷମା ମାଗୁ ଯେ ମୋର ଭୁଲ୍ ହୋଇଯାଇଛି ମୋତେ କ୍ଷମା କରିଦିଅନ୍ତୁ । କ'ଣ ବାସ୍ତବରେ ଆମର ସେ ଭୁଲ୍‌ର ଆଉ ପୁନରାବୃତ୍ତି ହୁଏ ନାହିଁ ? ତୁମେ ତୁମ ନିଜ ବ୍ୟକ୍ତିଗତ ଜୀବନକୁ ଅନୁଧ୍ୟାନ (ଆତ୍ମନିରୀକ୍ଷଣ, Self-Introspection) କରି ଦେଖ ଯେ ଯେଉଁ-ଯେଉଁ ଭୁଲ୍‌କୁ ତୁମେ ଥରେ ସ୍ୱୀକାର (Confess) କରିଛ, ସେ ଭୁଲ୍ କରିବା ସତରେ କ'ଣ ବନ୍ଦ ହୋଇଯାଇଛି ? ତା'ର ଆଉ ପୁନରାବୃତ୍ତି ହୋଇନାହିଁ ?

**ପ୍ର.କ.**— ଯଦି ଦଣ୍ଡ ଭୟରେ ମୁଁ କୌଣସି ଭୁଲ୍‌କୁ ସ୍ୱୀକାର (Confess) କରିଛି ତେବେ ତା'ର ପୁନରାବୃତ୍ତି

ଘଟିଛି । ଆଉ ଯଦି ମୋ ଅନ୍ତରାତ୍ମାରେ ମୁଁ ତାକୁ ଭୁଲ୍ ବୋଲି ହୃଦୟଙ୍ଗମ କରିଛି, ତେବେ ସେ ଭୁଲ୍‌ର ଆଉ ପୁନରାବୃତ୍ତି ହୋଇନି।

**ସ୍ୱାମୀଜୀ** — ମଣିଷର ସ୍ୱଭାବ ହେଲା ଯେ — **୧.** ମଣିଷ ଦଣ୍ଡକୁ ଭୟ କରେ, ଭୁଲ୍ କାମକୁ ଭୟ କରେନାହିଁ। ସାଧାରଣତଃ ଯେଉଁ କାମକୁ ଭୁଲ୍ ବୋଲି ଜାଣେ, ଅଥଚ ତାହା ସୁଖପ୍ରଦ ପ୍ରତୀତ ହୁଏ, ଯଦି ସେ କାମ କଲେ ଦଣ୍ଡ ପାଇବାର ଭୟ ନାହିଁ ତେବେ ସେ ସେହି ଭୁଲ୍ କାମକୁ ନିର୍ଦ୍ୱନ୍ଦ୍ୱରେ କରିଦିଏ। ଆଉ ଯଦି କୌଣସି ଭୁଲ୍ କାମ ସୁଖପ୍ରଦ ପ୍ରତୀତ ହେଲେ ମଧ୍ୟ ସେଥିରେ ନିଶ୍ଚିତ ଦଣ୍ଡ ମିଳିବ ବୋଲି ଜଣାଯାଏ, ସେ ସେଥିରୁ ନିବୃତ୍ତ ହୋଇଯାଏ।

**୨.** ଦ୍ୱିତୀୟରେ ଯେତେବେଳେ କୌଣସି ଭୁଲ୍ କାମ କରିକରି ଆମେ ଅଭ୍ୟସ୍ତ ହୋଇଯାଉ, ସେତେବେଳେ ଭୁଲ୍ ବୋଲି ଜାଣିଲା ପରେ Confess ବି ହଜାରେ ଥର କରୁ ତଥାପି ସେ ଭୁଲ୍‌କୁ ଆଉ ଥରେ କରୁ। ଯେମିତିକି ଜଣେ ଲୋକ ସିଗାରେଟ୍ ପିଇବାରେ ଦଶ ବର୍ଷ ହେଲା ଅଭ୍ୟସ୍ତ । ଆଜି ତାକୁ ତା'ର ବହୁ ଦୁଷ୍ପରିଣାମ ଭୋଗ କରିବାକୁ ପଡୁଛି । ଭବିଷ୍ୟତରେ ଭୟଙ୍କର ଦୁଃଖ ଭୋଗ କରିବାର କଠୋର ସତ୍ୟ ପ୍ରକାଶ କରି ଡାକ୍ତର ବି ଭୟ ଦେଖାଉଛନ୍ତି । ସେ ବ୍ୟକ୍ତି ଧୂମପାନ ନ କରିବାର ସଂକଳ୍ପ କରି ମଧ୍ୟ ଅନେକ ଥର ସେଥିରୁ ବିଚ୍ୟୁତ ହୋଇଯାଉଛି । କାରଣ ଭୁଲ୍ କାମ ଅଭ୍ୟାସରେ ପଡ଼ିଯାଇଛି । ତା'ର ସଂସ୍କାର ଚିତ୍ତରେ ତୀବ୍ର ଭାବରେ ଅଛି ।

ଛୋଟ ଛୁଆମାନେ ଚଞ୍ଚଳ ଥାଆନ୍ତି। କେତେ ଛୁଆ ତ ଅତ୍ୟଧିକ ଚଞ୍ଚଳ। ଗୋଟିଏ ମୁହୂର୍ତ୍ତ ବି ସ୍ଥିର ରହିବା ଦେଖାଯାଏନି। ଯେଉଁଠିକି ଚଢ଼ିବାକୁ ମନା କଲେ, ଯାହା ଧରିବାକୁ ମନା କଲେ, ଯାହା କରିବାକୁ ମନାକଲେ ସେ କଥା ମନେ ରଖନ୍ତିନି, ମାନନ୍ତିନି। ବାରଣ କରାଯାଇଥିବା ସେଇ-ସେଇ କାମ କରି ଘରର, ନିଜର ହାନି କରନ୍ତି। ଆଖି ଦେଖାଇଲେ, ଧମକାଇଲେ କହନ୍ତି — 'Mummy! Sorry'। ସେ Sorry ର କୌଣସି ମୂଲ୍ୟ ନଥାଏ। ସେ 'ସରି' ମୁହଁରୁ ବାହାରି ପବନରେ ମିଳାଇଯାଏ। କିଛି ସମୟ ପରେ ପୁଣି ସେଇ ଭୁଲ୍‌ର ପୁନରାବୃତ୍ତି। ଫେରେ କହନ୍ତି - 'ମମି! ସରି।' ପୁଣି ପୁନରାବୃତ୍ତି, ପୁଣି 'ସରି'! ସେପରି କ୍ଷେତ୍ରରେ ସେ ମାଆମାନେ କ'ଣ କରନ୍ତି ନା, ଛୁଆଙ୍କ ସେ ବାରମ୍ବାର 'ସରି' ଉପରେ ଆଉ ଧ୍ୟାନ ଦିଅନ୍ତିନି, ସେମାନଙ୍କ ହାତ-ଗୋଡ଼ କିଛି ସମୟ ପାଇଁ ବାନ୍ଧି ଦିଅନ୍ତି। କାହିଁକି ? ଏଇ ବିଚାରରେ ଯେ, ହାତ-ଗୋଡ଼ ବନ୍ଧା ହେବା ଦ୍ୱାରା ସେ ଛୁଆକୁ ଦୁଃଖ ମିଳିବ । ଏ ଦୁଃଖର ସଂସ୍କାର ତା' ଭିତରେ ରହିବ। ସଂସ୍କାରରୁ ସ୍ମୃତି ଜାତ ହୁଏ। ଯେତେବେଳେ ଆଉ ଥରେ ସେ ଭୁଲ୍‌କୁ ସେ ଛୁଆ କରିବାକୁ ଯିବ ତା' ଭିତରେ ହାତଗୋଡ଼ ବନ୍ଧା ହୋଇ ଦୁଃଖ ମିଳିବାର ସ୍ମୃତି ଜାଗ୍ରତ ହୋଇ ତାକୁ ସେଥିରୁ ନିବୃତ୍ତ କରିବ । କିନ୍ତୁ ଛୁଆଙ୍କ ଭିତରେ ସାଧାରଣତଃ ଅସ୍ଥିରତାର ସଂସ୍କାର ତୀବ୍ର ଥାଏ । ତେଣୁ ହାତ-ଗୋଡ଼ ବାନ୍ଧିବା ସୂତ୍ର ଥରକରେ ସଫଳତା ଦିଏନି । ନିୟମିତ ବ୍ୟବଧାନରେ ଏ କାମ କରିବା ସାଙ୍ଗକୁ ଅନେକ ଥର ଏ କାମର ପୁନରାବୃତ୍ତି ହେବାର ଭୟ ପ୍ରଦର୍ଶନ ତଥା କଥା ମାନି ଶାନ୍ତ ରହିବାର ଲାଭ ବିଷୟକ ପରାମର୍ଶ-ଏ ସବୁ ପ୍ରକାର ପଦ୍ଧତି ଅବଲମ୍ବନ କରିବାକୁ ପଡ଼େ।

ବିନା ଦଣ୍ଡରେ ତୀବ୍ର ଖରାପ ସଂସ୍କାର ଧୋଇ ହେବାର ସମ୍ଭାବନା ନାହିଁ। ଦଣ୍ଡ ଦ୍ୱାରା ମିଳୁଥିବା ଦୁଃଖର ସଂସ୍କାର ହିଁ ଅଧିକାଂଶତଃ ଆମକୁ ଖରାପ କାମରୁ ନିବୃତ୍ତ କରେ। ଏଣୁ ଆମେ ଭୁଲ୍ ସ୍ୱୀକାର କରିବା ପରେ ମଧ୍ୟ ପରମାତ୍ମା ଆମକୁ ଦଣ୍ଡ ଦିଅନ୍ତି। ଯଦ୍ଦ୍ୱାରା କି 'ଭୁଲ୍‌ର ଫଳ ଦଣ୍ଡଜନିତ ଦୁଃଖ'- ଏ ସଂସ୍କାର ଆମ ଚିତ୍ତରେ ଦୃଢ଼ ହୁଏ। ତା' ଛଡ଼ା ଦଣ୍ଡ ଦ୍ୱାରା ଆମ ସହ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ମିଳେ ଯେ, ଭୁଲ୍ କଲେ ଦଣ୍ଡ ନିଶ୍ଚିତ। ତେଣୁ ଯେଉଁମାନେ ସେଭଳି ଭୁଲ୍ କରିନାହାନ୍ତି, ଅନ୍ୟମାନେ ଦଣ୍ଡ ପାଉଥିବା ଦେଖି ସେମାନେ ବି ଭୁଲ୍ କାମରୁ ନିବୃତ୍ତ ରହନ୍ତି।

**ପ୍ର.କ.**— ବହୁତ ଲୋକ ଅଛନ୍ତି, ଯେଉଁମାନେ କି ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ; କିନ୍ତୁ ସେମାନେ ଆଜି ସଂସାରରେ ବହୁତ ସଫଳ ବ୍ୟକ୍ତି, ବହୁତ ଧନ-ସମ୍ପତ୍ତି ଅଛି ସେମାନଙ୍କ ପାଖରେ, ବହୁତ ନାଁ ଅଛି ସମାଜରେ, ବହୁତ ଆରାମରେ ଅଛନ୍ତି ସେମାନେ। କିନ୍ତୁ ଆମେ ଦେଖୁଛୁ ଯେ

ଯେଉଁମାନେ ଈଶ୍ୱର-ବିଶ୍ୱାସୀ, ଯିଏ ପୂଜା-ଆରାଧନା କରନ୍ତି, ସେମାନେ ସମସ୍ତେ ନ ହେଲେ ବି ସେମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟମ (Average) ସ୍ଥିତିରେ ରହିଯାଆନ୍ତି । ଏ କଥାକୁ ଆପଣ କେମିତି ଦେଖୁଛନ୍ତି ? ଏଇଟା କ'ଣ ଆମମାନଙ୍କ ମନରେ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରୁନି ?

**ସ୍ୱାମୀଜୀ** — 'ଈଶ୍ୱର' ମାନେ କ'ଣ ? ଈଶ୍ୱର ଏକ ନ୍ୟାୟକାରୀ ଚେତନ ସତ୍ତା । ଈଶ୍ୱରଙ୍କୁ ଯେଉଁମାନେ ବୁଝିଛନ୍ତି, ପୂଜା-ପାଠ କରୁଛନ୍ତି, ଆସ୍ତିକ ଅଟନ୍ତି ବୋଲି କହନ୍ତି ସେ ଭିତରୁ ପ୍ରାୟତଃ ୯୯% ଏଥିରେ ଦୃଢ଼ ବିଶ୍ୱାସୀ ନୁହଁନ୍ତି ଯେ — 'ଈଶ୍ୱର ଏକ ନ୍ୟାୟକାରୀ ଚେତନ ସତ୍ତା । ଈଶ୍ୱର ବିନା କର୍ମରେ କିଛି ଫଳ ଦିଅନ୍ତି ନାହିଁ କି ଆମ କର୍ମଠାରୁ ନ୍ୟୂନ-ଅଧିକ ଫଳ ବି ଦିଅନ୍ତି ନାହିଁ ।' ଯେତେ ଲୋକ ଈଶ୍ୱରଙ୍କୁ ପୂଜା କରନ୍ତି, ସେ ଭିତରୁ ପ୍ରାୟତଃ ୯୯% ଲୋକ ଯା' ତ ଭୁଲ୍ କାମ କରି ଦଣ୍ଡରୁ ଛାଡ଼ ପାଇବାକୁ ଚାହାଁନ୍ତି ଅଥବା ଉଚିତ ଲାଭ ପାଇଁ ଆବଶ୍ୟକ ପରିଶ୍ରମ କରିବାକୁ ଚାହାଁନ୍ତି ନାହିଁ । ସେମାନେ ଚାହାଁନ୍ତି ଯେ— ଆମେ ତ ପୂଜା-ପାଠ କରୁଛୁ । ଈଶ୍ୱର ଟିକିଏ ଆମ କଥା ଶୁଣନ୍ତେ; ଆମେ କମ୍ କାମ କଲେ ବି ଅଧିକ ଫଳ ଦିଅନ୍ତେ; ଆମେ ପାଠ ପଢ଼ାପଢ଼ି ଭଲ କରିପାରୁନୁ, ଆମ ପରୀକ୍ଷା ଖାତାରେ ଆମ ପାଇଁ ଲେଖା-ଲେଖି କରିଦିଅନ୍ତେ; ଆମ ଭୁଲ୍ ଉତ୍ତରଗୁଡ଼ିକୁ ଠିକ୍ କରିଦିଅନ୍ତେ; ଆମ ପରୀକ୍ଷା ଖାତା ଦେଖୁଥିବା ଲୋକଙ୍କ ମତିଭ୍ରମ କରିଦିଅନ୍ତେ, ଯେମିତିକି ଆମ ଭୁଲ୍ ଉତ୍ତରଗୁଡ଼ିକ ତାଙ୍କ ଆଖିକୁ ଠିକ୍ ଦେଖାଯାଆନ୍ତା, ମୂଲ୍ୟାଙ୍କନକର୍ତ୍ତା ଯେମିତି ଗୋଟିଏ ଉତ୍ତର ପାଇଁ ୨-୨ ଥର ମାର୍କ ଦେଇଦିଅନ୍ତେ ଇତ୍ୟାଦି । ଇଏ ହେଉଛି ଆମ ପୂଜା-ପାଠ, ଆସ୍ତିକତା ପଛର ମାନସିକତା ।

ଯେଉଁମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟତଃ ଅଧିକାଂଶ ଈଶ୍ୱରଙ୍କୁ ଠିକ୍ ଭାବେ ବୁଝନ୍ତି ନାହିଁ । ଆଉ ଯେଉଁମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ ସେମାନଙ୍କ ମଧ୍ୟରୁ ଅଧିକାଂଶ କିନ୍ତୁ ଈଶ୍ୱରଙ୍କ ବହୁତ ନିୟମକୁ ପାଳନ କରନ୍ତି । ଜଣେ ଲୋକ ରାଜାଙ୍କୁ ମାନୁଛି । 'ଆମ ରାଜା ଅଛନ୍ତି, ସେ ବହୁତ ଭଲ ଲୋକ, ସଦାଚାରୀ, ଅତ୍ୟନ୍ତ ନ୍ୟାୟକାରୀ, ଅନ୍ୟାୟକୁ ଆଦୌ ପ୍ରଶୟ ଦିଅନ୍ତିନି' ଆଦି ବୋଲି ସମସ୍ତଙ୍କୁ କହୁଛି । ଏଣେ କିନ୍ତୁ ମନରେ ଭାବୁଛି ଏବଂ ବେଳେ ବେଳେ ରାଜାଙ୍କୁ କହୁଛି ମଧ୍ୟ ଯେ— 'ମୁଁ ଆପଣଙ୍କର ଏତେ ପ୍ରଶଂସା କରୁଛି । ଏତେ ଲୋକଙ୍କୁ ଆପଣଙ୍କ କଥା କହୁଛି । ମୋ କାମଟା ଯେମିତି ହେଲେ କରାଇ ଦିଅନ୍ତୁ । । ମୋ ସନ୍ତାନ ପଢ଼ା-ପଢ଼ି କରୁନି ତାକୁ କେମିତି ହେଲେ ଭଲ ଚାକିରିଟିଏ ଦେଇଦିଅନ୍ତୁ । । ରାଜ୍ୟର ଜମି କି ଅନ୍ୟର ଜମି ମୋ ନାମରେ କେମିତି ବି କରି ଦିଅନ୍ତୁ । ଲାଞ୍ଚ-ମିଛ-ଦୁର୍ନୀତି-ଅନୀତି କରି ଯାହା ଏକତ୍ର କରିଛି ତାକୁ ସୁରକ୍ଷିତ ରଖନ୍ତୁ ଇତ୍ୟାଦି ଯାବତୀୟ ଅନୁଚିତ, ଅନୈତିକ ପ୍ରାର୍ଥନା କରେ । ଆଉ ଜଣେ ଲୋକ ରାଜାଙ୍କୁ କିଛି ସ୍ତୁତି-ପ୍ରଶଂସା କରେନି । କିନ୍ତୁ ରାଜା ରାଜ୍ୟରେ ଯେଉଁ ନିୟମ କରିଛନ୍ତି, ଯଥା — 'ଏଇ କାମ ଏମିତି କରିବ, ସେଇ କାମ ସେମିତି କରିବ, କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଯିବ, କର୍ତ୍ତବ୍ୟ ଠିକ୍ ରୂପେ ପାଳନ କରିବ, କାହାକୁ ଠକିବନି, ହଇରାଣ-ହରକତ କରିବନି, ଲାଞ୍ଚ-ମିଛ-ଦୁର୍ନୀତି-ପ୍ରିୟାପ୍ରୀତିତୋଷଣ କରିବନି, ଠିକ୍ ସମୟରେ କର ପୈଠ କରିବ, ସର୍ବତ୍ର ପରିଷ୍କାର-ପରିଚ୍ଛନ୍ନତା ରଖିବ' ଇତ୍ୟାଦି- ସେସବୁକୁ ସେ ପାଳନ କରେ । ମୋର ପ୍ରଶ୍ନ ହେଲା- ଏ ଉଭୟଙ୍କ ମଧ୍ୟରୁ ରାଜଭକ୍ତ, ରାଜାଙ୍କୁ ଯଥାର୍ଥରେ ମାନୁଥିବା ଲୋକ କିଏ ?

**ପ୍ର.କ.**— ଦ୍ୱିତୀୟ ବ୍ୟକ୍ତି ଜଣକ ।

**ସ୍ୱାମୀଜୀ** — ଠିକ୍ ସେହିଭଳି ଯେଉଁ ଲୋକ ଈଶ୍ୱରଙ୍କ ସତ୍ତାକୁ ତ ମାନୁନି; କିନ୍ତୁ ଈଶ୍ୱରଙ୍କ ନିୟମକୁ ପାଳନ କରୁଛି, ଯଥା- ସେ ବ୍ୟକ୍ତି ସକାଳୁ ଉଠି ବ୍ୟାୟାମ କରୁଛି, ଠିକ୍ ସମୟରେ ଖାଉଛି, ସ୍ୱାସ୍ଥ୍ୟରକ୍ଷାର ନିୟମ ପାଳନ କରୁଛି; ତା' ସ୍ୱାସ୍ଥ୍ୟ ଭଲ ରହିବ ନା ଯେଉଁ ବ୍ୟକ୍ତି ସକାଳୁ ଉଠି ଘଣ୍ଟା-ଘଣ୍ଟା ଘଣ୍ଟି ବଜାଇ ପୂଜା ତ କରୁଛି, କିନ୍ତୁ ନା ବ୍ୟାୟାମ କରୁଛି, ନା ଠିକ୍ ସମୟରେ ଖାଉଛି, ସକାଳୁ ପୂଜା ନାଁରେ ଖାଲି ପେଟରେ ଚାହା ପିଇ-ପିଇ ଦିନ ୨ଟା ଯାଏ ନ ଖାଇ ରହୁଛି, ଆଜି ଅମୁକ ଓଷା ତ କାଲି ସମୁକ ବ୍ରତ ନାଁରେ ଭୋକ-ଉପାସରେ ମରୁଛି ତା' ସ୍ୱାସ୍ଥ୍ୟ ଠିକ୍ ରହିବ ?

**ପ୍ର.କ.**— ପ୍ରଥମ ଲୋକର ସ୍ୱାସ୍ଥ୍ୟ ଠିକ୍ ରହିବ ଯିଏ କି ଆହାର-ବିହାର ଠିକ୍ କରୁଛି ।

**ସ୍ୱାମୀଜୀ** — ପୂଜା କରୁଥିବା ସେ ଲୋକ ଯଦି ଅଭିଯୋଗ କରିବ ଯେ- 'ମୁଁ ଈଶ୍ୱରଙ୍କୁ ଏତେ ପୂଜା କଲି। ରାତି ଥାଉ-ଥାଉ ଉଠି ଯା' ବାଡ଼ିରୁ ଦୁର୍ଗାଙ୍କ ପାଇଁ ମନ୍ଦାର, ତା' ବାଡ଼ିରୁ ଶିବଙ୍କ ପାଇଁ ଚମ୍ପା, ତା' ବାଡ଼ିରୁ ଅମୁକଙ୍କ ପାଇଁ ଅମୁକ ଫୁଲ-ପତ୍ର ଚୋରି କଲି। ଏତେ ବ୍ରତ- ଉପବାସ କଲି, ପୂଜା ନ କରିଥିଲେ ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ଟୋପେ ପାଟିରେ ଦେଇନି। ମୋତେ କାହିଁକି ରୋଗ ହେଲା ? ସେ ଲୋକ ଈଶ୍ୱରଙ୍କୁ କେବେ ଫୁଲଟିଏ କି ପତ୍ରଟିଏ ଦେଇନି। ସକାଳୁ ଉଠି ଖେଳୁଛି-ବୁଲୁଛି। କେବେ ବି ଉପାସ ନାହିଁ କି ବ୍ରତ ନାହିଁ। ତା' ସ୍ୱାସ୍ଥ୍ୟ କାହିଁକି ଠିକ୍ ରହିଲା ?' ଏଥିରେ ଈଶ୍ୱର କ'ଣ କରିବେ? ଈଶ୍ୱର କହିଛନ୍ତି ସକାଳୁ ଉଠି ବ୍ୟାୟାମ କର — **'ଅନ୍ତର୍ମୃତ୍ୟୁଂ ଦଧତାଂ ପର୍ବତେନ'** (ଋକ୍. ୧୦:୧୮:୪)— ବ୍ରହ୍ମଚର୍ଯ୍ୟ ଓ ପୁରୁଷାର୍ଥ ବଳରେ ମୃତ୍ୟୁକୁ ଦୂରେଇ ରଖ, **'ଘୃତେନ ତ୍ୱଂ ତନ୍ୱଂ ବର୍ଦ୍ଧୟସ୍ୱ'** (ଯଜୁଃ. ୧୨:୪୪)— ଘୃତାଦି ଉତ୍ତମ ପଦାର୍ଥ ଦ୍ୱାରା ଶରୀରକୁ ହୃଷ୍ଟ-ପୁଷ୍ଟ-ବଳିଷ୍ଠ କର। ଶରୀରକୁ ପଥର ଭଳି ଦୃଢ଼ କର— **'ଅଶ୍ମା ଭବତୁ ନସ୍ତନୂଃ'** (ଯଜୁଃ. ୨୯:୪୯)। ଏଣୁ ଯେଉଁ ଲୋକ ଈଶ୍ୱରଙ୍କ ନିୟମ ମାନିଲା, ତା' ସ୍ୱାସ୍ଥ୍ୟ ଠିକ୍ ରହିଲା।

ଆଜି ଜଣେ ବ୍ୟବସାୟରେ ସଫଳ ହେଲା। କେମିତି ହେଲା ? ଈଶ୍ୱର କହିଛନ୍ତି— **'ଇୟମୁପରି ମତିଃ'** (ଯଜୁଃ. ୧୩:୫୮)— ବୁଦ୍ଧି ସର୍ବୋପରି ସାଧନ, ସମ୍ପଦ ଅଟେ। **'ଭଦ୍ରଂ ମନଃ କୃଣୁଷ୍ୱ'**(ଋକ୍. ୨:୨୬:୨)—ମନକୁ କଲ୍ୟାଣକାରୀ କର, ଉନ୍ନତ ବିଚାରରେ ପରିପୂର୍ଣ୍ଣ କର। ଯିଏ କର୍ମରେ ବୁଦ୍ଧିର ଯଥାର୍ଥ ଉପଯୋଗ କରିବ, ମନରେ ଉନ୍ନତି-ପ୍ରଗତିର ସକାରାତ୍ମକ ବିଚାର ନିରନ୍ତର ଚିନ୍ତନ କରି ସମୁଚିତ ଉପାୟ ଅବଲମ୍ବନ କରିବ, ସିଏ କର୍ମରେ ସଫଳତା ପାଇବ। ଈଶ୍ୱର ଯେଉଁ ବୁଦ୍ଧି ଦେଇଛନ୍ତି, ସେଇ ଈଶ୍ୱର-ପ୍ରଦତ୍ତ (God-Gift) ବୁଦ୍ଧିକୁ ଏଇ ବ୍ୟକ୍ତି ଯଥାର୍ଥ ଉପଯୋଗ (Proper Utilise) କଲା, କ'ଣ ବ୍ୟବସାୟ କରିବ- କ'ଣ ନ କରିବ ତା' ପାଇଁ ଉଚିତ ଯୋଜନା କଲା, ଠିକ୍ ଲୋକଙ୍କ ସହ ପରାମର୍ଶ କଲା, ଦକ୍ଷ ଲୋକଙ୍କଠୁ ଯୋଜନା ଆଣିଲା, ତାକୁ ଧୈର୍ଯ୍ୟପୂର୍ବକ ପୂର୍ଣ୍ଣ ମନଯୋଗରେ କାର୍ଯ୍ୟକାରୀ କଲା। ଉତ୍ତମ ପରିଣାମ ପାଇଲା। ଆଉ ଜଣେ ଲୋକ ମହା ଅଳସୁଆ, ଏଣେ ରାତାରାତି ବଡ଼ ଲୋକ ହେବାର ସ୍ୱପ୍ନ। ଦିନସାରା ଈଶ୍ୱର-ଈଶ୍ୱର ଖାଲି କହିଲା। କାମରେ ନା ବୁଦ୍ଧିର ଉପଯୋଗ କଲା, ନା ଉଚିତ ପରିଶ୍ରମ କଲା, ନା ମନରେ ଧୈର୍ଯ୍ୟ ଅଛି, ନା ଚିତ୍ତରେ ସ୍ଥିରତା ଅଛି, ନା ଆତ୍ମବିଶ୍ୱାସ ଅଛି। ଆଜି ଏ ଜ୍ୟୋତିଷୀ ପାଖକୁ ଦଉଡ଼ିଲା, କାଲି ସେ ଭବିଷ୍ୟବକ୍ତା ନିକଟକୁ ଧାଇଁଲା, ତା' ପରଦିନ ସେ ତାନ୍ତ୍ରିକର ଶରଣ ପଶିଲା, ଆଜି ଏ ମୁଦି, କାଲି ସେ ତେଉଁରିଆ, ତା' ପରଦିନ ଅମୁକ ତାବିଜ, ତା' ପରେ ସମୁକ ଯନ୍ତ୍ର। ଯେହେତୁ ଯୋଜନା ଠିକ୍ ନାହିଁ କି ଉଚିତ ପରିଶ୍ରମ ନାହିଁ, ତେଣୁ ସବୁଠି ବିଫଳ ହିଁ ବିଫଳ ହେଲା। ଶେଷକୁ କହିଲା— 'ଭଗବାନ ବୋଲି କିଛି ନାହିଁ, ଧ୍ୟାନ-ଉପାସନା-ପୂଜା-ପାଠ ସବୁ ପ୍ରହସନ।' ଏଇଠି ଭୁଲ୍ ଈଶ୍ୱରଙ୍କର ନାହିଁ କି ଧ୍ୟାନ-ଉପାସନା ଖରାପ କାମ ନୁହେଁ। ବାସ୍ତବରେ ସେ ଲୋକର ଧୈର୍ଯ୍ୟ, ଆତ୍ମବଳ, ଯୋଜନା ଆଦି ନାହିଁ। ସମସ୍ୟା ସେଇଠି। ଅତଏବ ସିଦ୍ଧାନ୍ତ ହେଲା ଯେ ଯିଏ ଈଶ୍ୱରଙ୍କ ନିୟମକୁ ପାଳନ, ଅନୁସରଣ କରିବ, ସିଏ ଈଶ୍ୱରଙ୍କୁ ବିଶ୍ୱାସ କରୁ କି ନ କରୁ, ସିଏ ସଫଳ ହେବ। ଆଉ ଯିଏ ଈଶ୍ୱରଙ୍କୁ ବିଶ୍ୱାସ କରିବ; କିନ୍ତୁ ଈଶ୍ୱରଙ୍କ ନିୟମ ପାଳନ କରିବ ନାହିଁ ସିଏ ଅସଫଳ ହେବ। ଯିଏ ଈଶ୍ୱରଙ୍କ ନିୟମ ତ ପାଳନ କରିବ ; କିନ୍ତୁ ଈଶ୍ୱରଙ୍କ ସତ୍ତାକୁ ନ ମାନିବ, ଈଶ୍ୱର ଅଛନ୍ତି ବୋଲି ବିଶ୍ୱାସ ନ କରିବ ତା'କ୍ଷେତ୍ରରେ ହାନି କ'ଣ ହେବ କି, ସିଏ ଅହଂକାରୀ ହୋଇଯିବ। ପ୍ରଥମେ-ପ୍ରଥମେ ତ ପରିଶ୍ରମ ପୂର୍ବକ ସିଏ ଉପରକୁ ଉଠିବାକୁ ଲାଗିବ, ଉଚିତ ଯୋଜନାରେ ବହୁ ଉପରକୁ ବି ଯାଇପାରିବ, କିନ୍ତୁ ଅହଂକାରର ପରିଣାମରେ ଏଭଳି ଭୁଲ୍ କାମ କରିବସିବ ଯାହା ଫଳରେ ତା'ର ପୂର୍ବର ସବୁ ପରିଶ୍ରମ ମାଟିରେ ମିଶିଯିବ। ଆଉଥରେ ଶୂନ୍ୟରେ ପହଞ୍ଚିଯିବ।

**ପ୍ର.କ.**— ମୁଁ ହିଁ ସର୍ବେ-ସର୍ବା ବୋଲି ଭାବିବ, ବେଖାତିର ମନୋଭାବ ବଢ଼ିଯିବ।

**ସ୍ୱାମୀଜୀ** — ଅତଏବ ଦୁଇଟି ଯାକ ଆବଶ୍ୟକ।

**ଈଶ୍ୱରଙ୍କୁ ବି ମାନିବା ଆବଶ୍ୟକ, ଈଶ୍ୱରଙ୍କ ନିୟମକୁ ବି ମାନିବା ଆବଶ୍ୟକ। ଏ ଦୁଇଟି ଯାକ ମାନିବା ହିଁ ଯଥାର୍ଥରେ ଆସ୍ତିକତା।**

**ପ୍ର.କ.**— ଆମେ ଈଶ୍ୱରଙ୍କ ପ୍ରତି କୃତଜ୍ଞ ରହିବା ଉଚିତ। ମୋ ମନରେ ଯେଉଁଭଳି ଈଶ୍ୱରଙ୍କୁ ନେଇ ପ୍ରଶ୍ନ, ସେଉଁଭଳି ବହୁତଙ୍କ ମନରେ ବି ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ବିଷୟରେ ଆମର ଜଣେ ଦର୍ଶକ ତାଙ୍କ ମନକୁ ଆନ୍ଦୋଳିତ କରୁଥିବା ପ୍ରଶ୍ନର ଆପଣଙ୍କଠାରୁ ହିଁ ଉତ୍ତର ଚାହିଁଛନ୍ତି। ସେ ଲେଖିଛନ୍ତି— 'ଈଶ୍ୱର ତ ଦେଖାଯାଉନାହାନ୍ତି। ବାସ୍ତବରେ ତାଙ୍କ ଅସ୍ତିତ୍ୱ ଅଛି ବୋଲି ପ୍ରମାଣ କ'ଣ? ଈଶ୍ୱରଙ୍କୁ ଯେମିତି ହେଲେ ବି ବିଶ୍ୱାସ କରିବାକୁ ପଡ଼ିବ ବୋଲି ନ କହି ଦୟାକରି ଏହାର ତର୍କସଙ୍ଗତ ଉତ୍ତର ଦେବେ।'

**ସ୍ୱାମୀଜୀ** — ଗୋଟିଏ ମୌଳିକ ନିୟମ ମନେ ରଖନ୍ତୁ— **କୌଣସି ବସ୍ତୁର ଅସ୍ତିତ୍ୱ ପାଇଁ ବସ୍ତୁଟି ଦେଖାଯିବା ଜରୁରୀ ନୁହେଁ।** ନ ଦେଖାଯାଇ ମଧ୍ୟ ବସ୍ତୁ ବିଦ୍ୟମାନ ରହିପାରେ। ଦେଖାଯାଉନଥିବା ବହୁ ଜିନିଷ ଅଛି, ଯାହାକୁ କି ଆମେ ସମସ୍ତେ ସ୍ୱୀକାର କରୁଛୁ। ଯଥା- ମାଧ୍ୟାକର୍ଷଣ ଶକ୍ତି, ଚୁମ୍ବକୀୟ ଶକ୍ତି, ଇଲେକ୍ଟ୍ରନ୍, ପ୍ରୋଟୋନ୍, ନିଉଟ୍ରନ୍ ଆଦି। ଆମେ ଏଗୁଡ଼ିକର ଅସ୍ତିତ୍ୱକୁ କେମିତି ସ୍ୱୀକାର କରୁଛୁ?

**ପ୍ର.କ.**— ସେଗୁଡ଼ିକର କାର୍ଯ୍ୟରୁ।

**ସ୍ୱାମୀଜୀ** — ତେବେ ଈଶ୍ୱର ଦେଖାଯାଉନଥିଲେ ବି ତାଙ୍କ କାର୍ଯ୍ୟରୁ ତାଙ୍କ ଅସ୍ତିତ୍ୱ ସ୍ୱୀକାର କରାଯାଇପାରିବ ନା ନାହିଁ। **ପ୍ର.କ.**— କରାଯାଇପାରିବ। **ସ୍ୱାମୀଜୀ** — ଈଶ୍ୱରଙ୍କର କ'ଣ କିଛି କାର୍ଯ୍ୟ ନାହିଁ ସଂସାରରେ, ଯେଉଁଥିରୁ କି ଆମେ ତାଙ୍କ ଅସ୍ତିତ୍ୱ ସ୍ୱୀକାର କରିପାରନ୍ତେ?

**ପ୍ର.କ.**— ଈଶ୍ୱରଙ୍କ କାର୍ଯ୍ୟ ଅଛି ନା ନାହିଁ, ସେ କଥା ପ୍ରମାଣିତ କରିବା ଦାୟିତ୍ୱ ଆପଣଙ୍କର। ଆମ ଦର୍ଶକ ବନ୍ଧୁ ଆପଣଙ୍କଠାରୁ ସେ ପ୍ରମାଣ ଚାହିଁଛନ୍ତି।

**ସ୍ୱାମୀଜୀ** — ଈଶ୍ୱରଙ୍କ ଅସ୍ତିତ୍ୱ ପାଇଁ ତାଙ୍କ କାର୍ଯ୍ୟ ବିଷୟରେ, ଯଥା- ସେ ସଂସାରର ନିୟାମକ, ନିୟମକର୍ତ୍ତା ସାଙ୍ଗକୁ ସଞ୍ଚାଳକ ବୋଲି ମୁଁ ତର୍କ ଦେଇସାରିଛି। ଆଉ କିଛି ତର୍କ ଦେଉଛି।

ଧ୍ୟାନ ଦିଅନ୍ତୁ, କୌଣସି ବସ୍ତୁ ରହିବା ପାଇଁ, କାର୍ଯ୍ୟ କରିବା ପାଇଁ ତାକୁ ଗୋଟିଏ ଆଧାର ଦରକାର ପଡ଼ିଥାଏ। ଆଚ୍ଛା! ଘୋରଣା ଚକି ଦେଖିଛ?

**ପ୍ର.କ.**— ହଁ। **ସ୍ୱାମୀଜୀ** — ଆମେ ଦେଖୁଛେ, ଘୋରଣା ଚକି ବୁଲେ। ଉପର ଚକି ବୁଲିବା ପାଇଁ ତାକୁ କ'ଣ ଦରକାର? **ପ୍ର.କ.**— ତଳେ ଗୋଟିଏ ଚକି ଦରକାର। **ସ୍ୱାମୀଜୀ** — ତଳେ ଗୋଟିଏ ଚକି ତ ଦରକାର। ଆଉ କ'ଣ ଦରକାର? ବୁଲିବା ପାଇଁ ଗୋଟିଏ ମାଣିଖୁଣ୍ଟି ଦରକାର, ଯାହାକି ତଳ ଚକିର କେନ୍ଦ୍ରରେ ଠିଆ ବାଗରେ ପୋତା କାଠର କୀଳାଟିଏ। ସେହି ମାଣିଖୁଣ୍ଟି ନ ଥିଲେ, ଢିଲା ହୋଇ ବାହାରିଗଲେ ଚକ ଆଉ ନ ବୁଲନ୍ତି। ଶଗଡ଼, ରଥ ଇତ୍ୟାଦିରେ ଯେଉଁ ଚକ ବୁଲୁଛି ତାହା ବି ଗୋଟିଏ ଅଖ ଚାରିପଟେ ବୁଲୁଥାଏ। ଅଖ ନ ଥିଲେ ଚକ ବୁଲିପାରିବ ନାହିଁ। ଆମ ଗାଡ଼ିର ଯେଉଁ ଚକ ବୁଲୁଛି ସେଥିରେ ମଧ୍ୟ ଗୋଟିଏ ଅଖ (axis) ଲାଗିଛି। ଅଖ ସ୍ଥିର ଥାଏ, ଚକ ତା' ଚତୁର୍ଦ୍ଦିଗରେ ବୁଲେ। ଘୂର୍ଣ୍ଣାୟମାନ ଚକ ପାଇଁ ଏକ ସ୍ଥିର ଅଖ ଆବଶ୍ୟକ।

ଆମେ ଦେଖିଛେ ଯେ ଆଗ ଯେତେବେଳେ ଧାନ ବେଙ୍ଗଳା ପକାଯାଉଥିଲା, ମେରିଖୁଣ୍ଟିରେ ୧୦, ୧୫, ୨୦ ବଳଦଙ୍କୁ ବାନ୍ଧି ଦିଆଯାଉଥିଲା ଏବଂ ସେ ବଳଦଗୁଡ଼ିକ ମେରିଖୁଣ୍ଟି ଚତୁର୍ଦ୍ଦିଗରେ ଚକ୍ରାକାରରେ ବୁଲୁଥିଲେ। ସେମାନଙ୍କ ଗୋଡ଼ରେ ଦଳି ହୋଇ ଧାନ ମଳି ହୋଇଯାଉଥିଲା। ବଳଦଗୁଡ଼ିକ ସେ ପର୍ଯ୍ୟନ୍ତ ଚକ୍ରାକାରରେ ବୁଲିପାରନ୍ତି, ଯେତେବେଳ ଯାଏ ମେରିଖୁଣ୍ଟି ମଜବୁତ ଥାଏ। ମେରିଖୁଣ୍ଟି ଓପାଡ଼ି ହୋଇଗଲେ ବଳଦ ଚାଲିଲେ ସିଧା ତାଙ୍କ ରାସ୍ତାରେ। ସେହିପରି ଆମ ଘଣ୍ଟାର କଣ୍ଟା ବି ବୁଲୁଛି। କଣ୍ଟା ବୁଲିବା ପାଇଁ ମଧ୍ୟ ଏକ ସ୍ଥିର ଅଖ (axis) ଦରକାର ପଡୁଛି। ଆମେ ଦେଖୁଛେ, ରେଳଗାଡ଼ିଟିଏ ଗତି କରୁଛି। କାହା ଉପରେ ଗତି କରୁଛି?

**ପ୍ର.କ.**— ରେଳ ଧାରଣା ଉପରେ ।

**ସ୍ୱାମୀଜୀ** — ଗତିଶୀଳ ରେଳ ପାଇଁ ଏକ ଗତିହୀନ, ସ୍ଥିର ଧାରଣା ଆବଶ୍ୟକ । ନଦୀରେ ପାଣି ବହୁଛି । କାହା ଉପରେ ବହୁଛି ? ନଦୀର ସ୍ଥିର ଶଯ୍ୟା ଉପରେ ବହୁଛି । ଅତଃ ଆମେ ଏ ନିଷ୍କର୍ଷରେ ପହଞ୍ଚିଲେ ଯେ କୌଣସି ପଦାର୍ଥ ଗତିଶୀଳ ହେବା ପାଇଁ ଏକ ସ୍ଥିର ଆଧାର ଆବଶ୍ୟକ ।

ଏ ବିରାଟ ବ୍ରହ୍ମାଣ୍ଡରେ ଗତି ହେଉଛି । ବେଦରେ କୁହାଯାଇଛି — **'ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍'** (ଯଜୁଃ. ୪୦:୧) — ଏ ବିଶାଳ ବ୍ରହ୍ମାଣ୍ଡରେ ଯାହା ବି ପଦାର୍ଥ ଅଛି, ସବୁ ଗତିଶୀଳ । ଗତିଶୀଳ ଜଗତ ପାଇଁ ନିଶ୍ଚିତ ଭାବେ ଏକ ସ୍ଥିତିଶୀଳ, ଗତିହୀନ ଆଧାର ଆବଶ୍ୟକ । ବିନା ଆଧାରରେ ଗତି ହୋଇପାରିବ ନାହିଁ । ବେଦରେ ସେ ସତ୍ତାକୁ ଈଶ୍ୱର ନାମରେ ଅଭିହିତ କରାଯାଇଛି ।

**୨.** ଦ୍ୱିତୀୟ ହେତୁ ବିଷୟରେ ଆଲୋଚନା କରିବା । **କର୍ମଫଳପ୍ରଦାତା ରୂପେ ଈଶ୍ୱର ଅଛନ୍ତି ।** ଆମେ ବିବିଧ କର୍ମ କରୁଛେ । କର୍ମ (Action) ହେଉଛି ଜଡ଼ । କର୍ମର ଚେତନା (Consiousness) ନାହିଁ । ତେଣୁ କର୍ମ କେବେ ବି ନିଜେ ଆମକୁ ଫଳ ଦେଇପାରିବ ନାହିଁ । ଉଦାହରଣ ସ୍ୱରୂପ — ମୁଁ ପ୍ରବଚନ ଦେଉଛି । ମୋ ପ୍ରବଚନ ମୋତେ ଭୋଜନ ଦେଇପାରିବ ନାହିଁ । ମୋ ପ୍ରବଚନ ମୋ ମୁହଁରୁ ବାହାରି ତ ବାୟୁରେ ମିଳାଇଯାଏ, ମୋତେ ଭୋଜନ ଦେବ କେମିତି ? ହଁ, ମୋ ପ୍ରବଚନ ଶୁଣି କୌଣସି ଶ୍ରୋତା (ଚେତନ ବ୍ୟକ୍ତି) ମୋତେ ଭୋଜନ ଦେଇପାରିବ, କିଛି ଦକ୍ଷିଣା ଦେଇପାରିବ, କିଛି ମାର୍ଗବ୍ୟୟ ଦେଇପାରିବ । ତେଣୁ କର୍ମଫଳ ଦେବା ପାଇଁ ସବୁବେଳେ କୌଣସି ଚେତନ ସତ୍ତା ଦରକାର ।

ଇସ୍ପାତ କାରଖାନା, ଲୁହା ତିଆରି କାରଖାନା, ପ୍ଲାଷ୍ଟିକ୍ ତିଆରି କାରଖାନା, ଲୁଗାକଳ ଆଦି ଏଭଳି ବହୁତ ପ୍ରକାର କାରଖାନା ଅଛି । ସେ ସବୁରେ ବହୁ କର୍ମଚାରୀ କାମ କରନ୍ତି । ସେମାନେ ଇସ୍ପାତ, ଲୁହା, ପ୍ଲାଷ୍ଟିକ୍, ଲୁଗା ଆଦି ଉତ୍ପାଦନ କରନ୍ତି । ଲୁହା, ଇସ୍ପାତ ଆଦି ଯେଉଁ ଉତ୍ପାଦ ସେମାନେ ତିଆରି କରନ୍ତି ସେ ଲୁହା ଆଦି କର୍ମଚାରୀମାନଙ୍କୁ ଦରମା ଦିଅନ୍ତି କି ? ଦେଇପାରିବେ କି ?

**ପ୍ର.କ.**— ନାହିଁ ।

**ସ୍ୱାମୀଜୀ** — ତେଣୁ ଏସବୁ କାରଖାନାମାନଙ୍କରେ ଗୋଟିଏ ବିକ୍ରି ବିଭାଗ ଥାଏ । ସେଇଠି ବି କର୍ମଚାରୀମାନେ କାମ କରୁଥାନ୍ତି, ଯେଉଁମାନେ କି କାରଖାନାର ଉତ୍ପାଦ ବିକ୍ରି କରି କାରଖାନାକୁ ଅର୍ଥ ଆଣନ୍ତି । କାରଖାନାରେ ଆଉ ଗୋଟିଏ ଅଣ-ଉତ୍ପାଦନ ବିଭାଗ ଥାଏ । ଯେଉଁଠିରେ କର୍ମଚାରୀମାନଙ୍କ କାମ ହେଲା କାରଖାନାର ସମସ୍ତ କର୍ମଚାରୀଙ୍କ କର୍ମର ହିସାବ ରଖିବା, କିଏ କେତେ ଦରମା ପାଇବେ ତାହା ସ୍ଥିର କରିବା, କାହାକୁ କି ପ୍ରକାର ବାସଗୃହ ମିଳିବା ଉଚିତ, କାହାକୁ କି ପ୍ରକାର ଚିକିତ୍ସା ସୁବିଧା ମିଳିବା ଉଚିତ, କାହାକୁ କି ପ୍ରକାର ସୁବିଧା-ସୁଯୋଗ ମିଳିବା ଉଚିତ, କାହାକୁ କେତେ ଅବସରକାଳୀନ ଭତ୍ତା ଆଦି ମିଳିବା ଉଚିତ ସେକଥା ନିର୍ଦ୍ଧାରଣ କରିବା । ଉତ୍ପାଦନ କ୍ଷେତ୍ରରେ ଯେଉଁ କର୍ମଚାରୀଟିଏ ଲୁହା, ଇସ୍ପାତ ଆଦି ତିଆରି କରୁଛି ସିଏ ତ ତା' ନିର୍ଦ୍ଦିଷ୍ଟ ସ୍ଥାନରେ ରହି ସେ ବସ୍ତୁ ତିଆରି କରୁଛି । ସେ କର୍ମ ତାକୁ ଦରମା ଦେଉନାହିଁ କି ଉତ୍ପାଦିତ ସାମଗ୍ରୀ ଦରମା ଦେଇପାରୁନାହିଁ । ଏମାନେ ଦେଇପାରିବେ ନାହିଁ ମଧ୍ୟ । ତେଣୁ ସେହି କର୍ମ ଆଧାରରେ ମୂଲ୍ୟାଙ୍କନ କରି ଦରମା ଦେବା ପାଇଁ, ବିଭିନ୍ନ ସୁବିଧା ନିର୍ଦ୍ଧାରଣ କରି ପ୍ରଦାନ କରିବା ପାଇଁ ଅନ୍ୟ ଚେତନ ସତ୍ତା ଦରକାର ପଡୁଛି ।

ଯେମିତି ଗୋଟିଏ କାରଖାନାରେ ଗୋଟିଏ ଉତ୍ପାଦନ ବିଭାଗ (Production Unit) ଏବଂ ଆଉ ଗୋଟିଏ ଅଣ-ଉତ୍ପାଦନ ବିଭାଗ (Non-Production Unit) ରହୁଛି । ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଦରମାଦି ନାନାବିଧ ବ୍ୟବସ୍ଥା ସେମାନଙ୍କ କର୍ମ ନୁହେଁ, ବରଂ ଅଣ-ଉତ୍ପାଦନ କ୍ଷେତ୍ରରେ ଥିବା ଅନ୍ୟ ଲୋକେ କରନ୍ତି ! ସେମିତି ଏ ସଂସାରରେ ଆମେ ଯେଉଁ ବିବିଧ ପ୍ରକାର କର୍ମଗୁଡ଼ିକ କରୁଛେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେସବୁ କର୍ମ ନିଜେନିଜେ ଆମକୁ ଫଳ ଦେଇପାରନ୍ତି ନାହିଁ । କର୍ମର ଫଳ ଦେବା ପାଇଁ ଆଉ ଜଣେ ଚେତନ ସତ୍ତା ଦରକାର । ଯିଏ କି ୨୪

ଘଣ୍ଟା ସଜାଗ (Alert) ରହିଥିବ, ସବୁ କାର୍ଯ୍ୟ ନିରୀକ୍ଷଣ କରିପାରୁଥିବ, ଆମର ମାନସିକ ଚିନ୍ତନକୁ ମଧ୍ୟ ଜାଣିପାରୁଥିବ, ଆମ କର୍ମର ଠିକ୍ ମୂଲ୍ୟାଙ୍କନ କରିପାରୁଥିବ, କେଉଁ କର୍ମର କେଉଁ ଫଳ ସବୁ ଯଥାଯଥ ଜାଣିଥିବ ଏବଂ ଫଳ ରୂପେ ଆମକୁ ଯାହା-ଯାହା (ଜାତି, ଆୟୁ ଓ ଭୋଗ) ଆବଶ୍ୟକ ସେସବୁକୁ ତିଆରି କରିପାରୁଥିବ।

ଅତଏବ ନିଷ୍କର୍ଷ ବାହାରିଲା ଯେ ଯେହେତୁ ଆମେ କର୍ମର ଫଳ ଭୋଗ କରୁଛେ, କିନ୍ତୁ କର୍ମ ଜଡ଼ ହୋଇଥିବାରୁ ନିଜେ ଫଳ ଦେଇପାରିବ ନାହିଁ, ଏବଂ ଆମେ ଜୀବାତ୍ମାମାନେ ଅଳ୍ପଜ୍ଞ ହୋଇଥିବାରୁ ସବୁ କର୍ମର ହିସାବ ରଖିବା ଆମ ପକ୍ଷେ ସମ୍ଭବପର ନୁହେଁ ତଥା ଅଳ୍ପଶକ୍ତିମାନ୍ ହୋଇଥିବାରୁ ଫଳ ଭୋଗର ସମସ୍ତ ସାଧନ; ଯଥା - ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଶରୀର, ପାଣି, ପବନ ଆଦି ଆମେ ତିଆରି କରିପାରିବା ନାହିଁ। ଏଣୁ ନିଶ୍ଚିତ ରୂପେ ଗୋଟିଏ ତୃତୀୟ ସର୍ବଶକ୍ତିମାନ୍, ସର୍ବଜ୍ଞ, ସର୍ବବ୍ୟାପକ ଚେତନ ସତ୍ତା ଅଛନ୍ତି, ଯିଏ କି ବ୍ୟବସ୍ଥାପକ ହୋଇ କର୍ମର ଫଳ ଆମକୁ ନିରନ୍ତର ଦେଉଛନ୍ତି। ତାଙ୍କୁ ଈଶ୍ୱର କୁହାଯାଏ।

**ପ୍ର.କ.**— ଏତେ ବିଶଦ ଆଲୋଚନାରୁ ଜଣାଗଲା ଯେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ କେତେ ବୈଜ୍ଞାନିକ, ଯୁକ୍ତିଯୁକ୍ତ ବିଚାର ରହିଛି। କେବଳ ଅଜ୍ଞତା ଯୋଗୁଁ ଆମେ ଏସବୁ ଜାଣିପାରୁନୁ। ଆପଣଙ୍କ ତର୍କପୂର୍ଣ୍ଣ ଆଲୋଚନା ଆମ ଆଖି ଖୋଲିଦେଲା।

**ସ୍ୱାମୀଜୀ** — ଏସବୁ ତର୍କ ଋଷିମାନଙ୍କ ଶାସ୍ତ୍ରର। ବିଜ୍ଞାନ ଓ ଦର୍ଶନ ପରସ୍ପର ପରିପୂରକ। ଋଷିମାନଙ୍କ ଗ୍ରନ୍ଥ, ବୈଦିକ ସାହିତ୍ୟ ପଢ଼ିଲେ ଆମେ ଈଶ୍ୱରଙ୍କ ଅସ୍ତିତ୍ୱ ଓ ସ୍ୱରୂପ ଠିକ୍ ରୂପେ ବୁଝିପାରିବା ତଥା ଈଶ୍ୱରଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ବଢ଼ିବ।

**ପ୍ର.କ.**— ଆମେ ଜାଣିଲେ ଯେ କର୍ମଫଳଦାତା ରୂପେ ଈଶ୍ୱର ଅଛନ୍ତି। ଆମର ସମସ୍ତ କର୍ମର ଉଚିତ ମୂଲ୍ୟାଙ୍କନ କରି ଫଳ ଦେଉଛନ୍ତି। ଏଣୁ ଈଶ୍ୱର କୌଣସି କଳ୍ପନା ନୁହଁନ୍ତି, ବରଂ ନିଛକ ବାସ୍ତବିକତା।

ଉପସ୍ଥାପନା
**ଡଃ. ଲଳିତମଞ୍ଜରୀ ଦାସ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

**ଜୟପୁରରେ ବେଦ ପ୍ରବଚନ**

ଜୟପୁର ବେଦ ପ୍ରଚାର ସମିତି ପକ୍ଷରୁ ଗାନ୍ଧିଛକସ୍ଥିତ ସନ୍ଧ୍ୟା ଫଙ୍କସନ୍ ହଲ୍‌ଠାରେ ୨୭,୨୮,୨୯.୦୫.୧୬ ତିନି ଦିନ ଧରି ବେଦ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀଜୀ କହିଲେ ଯେ, ଆମେ ଧର୍ମ ନାମରେ ଯାହା କରୁଛୁ, ତାହା ବାସ୍ତବରେ ଧର୍ମ କି ନୁହେଁ ତା' ଉପରେ ପ୍ରାୟତଃ ବିଚାର କରୁନାହୁଁ। ମହର୍ଷି ମନୁ ଧର୍ମର ୧୦ଟି ଲକ୍ଷଣ ମଧ୍ୟରେ ବୁଦ୍ଧି ପୂର୍ବକ କର୍ମକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛନ୍ତି । ମନୁ କହନ୍ତି- **'ଯସ୍ତର୍କେଣ ଅନୁସନ୍ଧତ୍ତେ ସ ଧର୍ମ ବେଦ ନେତରଃ'**— ଯିଏ ତର୍କ ପୂର୍ବକ ଅନୁସନ୍ଧାନ କରେ ସିଏ ହିଁ ଧର୍ମକୁ ଯଥାଯଥ ଜାଣିପାରେ। ଯିଏ ତର୍କପୂର୍ବକ ଅନୁସନ୍ଧାନ ନ କରି ଆଚରଣ କରେ ସେ ପ୍ରାୟତଃ ଧର୍ମ ନାମରେ ଅଧର୍ମର ଆଚରଣ କରିଥାଏ । ଏଣୁ ଆମେ ଧର୍ମ ନାମରେ କିଛି ଶୁଣି ଦେବା ମାତ୍ରେ, ତା'ର ଆଚରଣ ନ କରି ବୁଦ୍ଧି ଦ୍ୱାରା ପରୀକ୍ଷା କରିବା ଉଚିତ। ଅନ୍ତିମ ଦିବସରେ ଅନ୍‌ମୋଲ ମହାରଣା, ମମତା ମଞ୍ଜରୀ ମହାରଣା, ଅର୍ପଣାଙ୍କ ସଂଯୋଜନାରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବହୁ ବ୍ୟକ୍ତି 'ଶ୍ରୁତିସୌରଭ' ପତ୍ରିକାର ସଦସ୍ୟତା ଗ୍ରହଣ କରିଥିଲେ। ଅଭିମନ୍ୟୁ ମହାରଣା, ପ୍ରକାଶ କୁମାର ନାୟକ, ତ୍ରିନାଥ ଷଡ଼ଙ୍ଗୀ, ଜଗଦୀଶ ମହାନ୍ତି, ଲକ୍ଷ୍ମଣ ମହାନ୍ତି, ନିରଂଜନ ପଣ୍ଡା, ଗୁପ୍ତ ନାୟକ, ସି.କେ ଗଣେଶ ଓ ମୀନକେତନ ଦାସ ପ୍ରମୁଖଙ୍କ ସଦୁଦ୍ୟମରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

**ସିଦ୍ଧାନ୍ତ ଚର୍ଚ୍ଚା :**

# ନାସ୍ତିକତାର କ୍ଷତି

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ଯେତେବେଳେ ଆମେ ଏହା ଦେଖିବାକୁ ଚାହୁଁ ଯେ ନାସ୍ତିକତା ଯୋଗୁଁ ଆମ ଜୀବନର କ'ଣ ଲାଭ ବା କ୍ଷତି ହୁଏ ଏବଂ ଆସ୍ତିକତାରୁ କ'ଣ ହୁଏ, ସେତେବେଳେ ଆମେ ଏହି ସିଦ୍ଧାନ୍ତର ସତ୍ୟତା ଉପରେ ବିଚାର ନ କରି ତା'ର ଉପଯୋଗିତାକୁ ହିଁ ସମୀକ୍ଷା କରିଥାଉ । ଅନେକ ବସ୍ତୁର ଅସ୍ତିତ୍ୱ ତ ରହିଛି ; କିନ୍ତୁ ସେସବୁ ଦ୍ୱାରା ମୋର ଜୀବନର କୌଣସି ଲାଭ ନାହିଁ । ଏଣୁ ସେସବୁର ଅସ୍ତିତ୍ୱ ସମ୍ପର୍କରେ ମୋର ଚିନ୍ତା ବି ନାହିଁ । ମନେକରନ୍ତୁ ଯେ ମୁଁ ଭାରତର ଅଧିବାସୀ । ଗ୍ରୀନ୍‌ଲାଣ୍ଡ ନିକଟସ୍ଥ ସାଗରରେ ଥିବା ଅମୁକ ମାଛର ପେଟର ଗଠନ କ'ଣ ? ଏ ବିଷୟରେ ଯଦି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ମତଭେଦ ହୋଇଯାଏ, ତେବେ ସାଧାରଣ ଭାବେ ଏହା ମୋର ଜୀବନ ସହ ଅସମ୍ବନ୍ଧ ହେବା କାରଣରୁ ତା'ର ଲାଭ ବା କ୍ଷତିର ପ୍ରଶ୍ନ ଉଠେ ନାହିଁ । ଏହିପରି ଯଦି ଈଶ୍ୱରଙ୍କ ଅସ୍ତିତ୍ୱ ନାହିଁ ତେବେ ତାଙ୍କୁ ମାନିବା ଦ୍ୱାରା ଆମର ଲାଭ ତ କିଛି ହୋଇ ହିଁ ପାରିବ ନାହିଁ, କାରଣ ଯେଉଁ ବସ୍ତୁ ହିଁ ନାହିଁ ତାହା ଆମକୁ କ'ଣ ଲାଭ ପହଞ୍ଚାଇବ ଏବଂ ଭ୍ରାନ୍ତିଦର୍ଶନରୁ କ୍ଷତି ବ୍ୟତୀତ ଆଉ କ'ଣ ହୋଇପାରିବ ? କିନ୍ତୁ ଯଦି ଈଶ୍ୱର ଅଛନ୍ତି, ତେବେ ପ୍ରଶ୍ନ ଏହା ହେବ ଯେ ତାଙ୍କୁ ମାନିବା ଦ୍ୱାରା କ'ଣ ଲାଭ ଓ ନ ମାନିଲେ କ'ଣ କ୍ଷତି ? କିଛି ଲୋକ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ନ ରଖି ବି ଲୋକଙ୍କ ଭିତରେ ଈଶ୍ୱରବାଦର ଭାବନା ଏଥିପାଇଁ ରଖିବାକୁ ଚାହାନ୍ତି କାରଣ ତଦ୍ଦ୍ୱାରା ସେମାନେ ଅତ୍ୟାଚାର ଓ ଅନାଚାରରୁ ଦୂରେଇ ରହିବେ ; ଈଶ୍ୱରଙ୍କ ଭୟ, ତାହା ମିଥ୍ୟା ବି ହେଉନା କାହିଁକି, ଲୋକଙ୍କ ମନରେ ମିଥ୍ୟା ଓ ଚୋରି ଆଦି ପ୍ରତି ଭୟ ଉଦ୍ରେକ କରିଥାଏ । ମାଆମାନେ ପିଲାମାନଙ୍କର କାନ୍ଦ ବନ୍ଦ କରାଇବା ପାଇଁ ଭୂତ ନେଇଯିବ କହି ଡରାଇ ଦିଅନ୍ତି । କିନ୍ତୁ ଅସତ୍ୟ ଉପରେ ସଦାଚାରର ଆଧାର ରଖିବା ବିରାଟ ଭୁଲ୍ । ଯେଉଁ ଭୟ ନିରାଧାର, କାଳ୍ପନିକ ଆସ୍ତିକତାରୁ ଉତ୍ପନ୍ନ ହେବ ତାହା କ୍ଷଣିକ ହିଁ ତ ହେବ, ଅବିଶ୍ୱସନୀୟ ବି ହେବ ।

କିନ୍ତୁ ଯଦି ଈଶ୍ୱର ବାସ୍ତବରେ କୌଣସି ସତ୍ତା ଅଟନ୍ତି ଏବଂ ସେ ଆମ ଜୀବନ ସହିତ କୌଣସି ସମ୍ବନ୍ଧ ରଖନ୍ତି ନାହିଁ ତେବେ ତାଙ୍କୁ ମାନିଲେ କିଛି ଲାଭ ନାହିଁ । ଅତଃ ଯେଉଁ ଆସ୍ତିକମାନେ ଈଶ୍ୱରଙ୍କ ସ୍ୱରୂପକୁ ଏପରି ମାନନ୍ତି କି ସେ ନା କର୍ତ୍ତା ଅଟନ୍ତି, ନା ଜୀବମାନଙ୍କର କର୍ମ ସହିତ କୌଣସି ସମ୍ବନ୍ଧ ରଖନ୍ତି, ନା ସୃଷ୍ଟିର ଝମେଲାରେ ପଶନ୍ତି, ଯଦି ସେ କେବେ ସୃଷ୍ଟି ରଚନା ବି କରିଥିଲେ ତେବେ ସେ ରଚନା କରିସାରି ଅଲଗା ହୋଇ ବସି ରହିଛନ୍ତି, କର୍ମ ସହ ତାଙ୍କର କୌଣସି ସମ୍ବନ୍ଧ ନାହିଁ । ସେମାନଙ୍କ ମତରେ ଥିବା ତର୍କଗୁଡ଼ିକର ଯଦି ସଂଗତି କରାଯାଏ ତେବେ ନାସ୍ତିକତାରୁ କୌଣସି କ୍ଷତି ହେବାର ସମ୍ଭାବନା ନାହିଁ । ଏଣୁ ଅନେକ ନାସ୍ତିକଙ୍କ କହିବା କଥା ହେଲା ଯେ ମନେକରନ୍ତୁ ଈଶ୍ୱର ଅଛନ୍ତି ବି ଏବଂ ସେ ସୃଷ୍ଟିକର୍ତ୍ତା ନୁହନ୍ତି କିମ୍ବା ଯଦି ସେ ସୃଷ୍ଟିକର୍ତ୍ତା ଅଟନ୍ତି ତେବେ ବି ସଂସାରଠାରୁ ଅଲଗା ହୋଇ ରହିଛନ୍ତି, ଏପରି ଈଶ୍ୱରଙ୍କୁ ମାନିବା ଦ୍ୱାରା ଲାଭ ହିଁ କ'ଣ ?

କିନ୍ତୁ ବୈଦିକ ଧର୍ମ ଏପରି ଈଶ୍ୱରଙ୍କ ଉପରେ ବିଶ୍ୱାସ କରେନାହିଁ । ଆର୍ଯ୍ୟସମାଜର ଦ୍ୱିତୀୟ ନିୟମରେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି କୁହାଯାଇଛି ଏବଂ ତାଙ୍କର ସର୍ବଜ୍ଞ, ସର୍ବାଧାର, ଅନ୍ତର୍ଯ୍ୟାମୀ ଆଦି ଏପରି ବିଶେଷଣ ଦିଆଯାଇଛି ଯଦ୍ଦ୍ୱାରା କି **'ତାଙ୍କରି ଉପାସନା କରଣୀୟ'** ଏହି ଉକ୍ତି ଆବଶ୍ୟକ ହୋଇଥାଏ । ଉପନିଷଦ କହେ— **"ଯଦା**

**ପଶ୍ୟଃ ପଶ୍ୟତେ ରୁକ୍ମବର୍ଣ୍ଣଂ କର୍ତ୍ତାରମୀଶଂ ପୁରୁଷଂ ବ୍ରହ୍ମଯୋନିମ୍ । ତଦା ବିଦ୍ୱାନ୍ ପୁଣ୍ୟପାପେ ବିଧୂୟ ନିରଞ୍ଜନଃ ପରମଂ ସାମ୍ୟମୁପୈତି ।"** ଏଠାରେ କେତେଗୁଡ଼ିଏ ବିଶେଷଣରେ ବିଶେଷିତ କରାଯାଇଛି ! ଯଥା– **(ରୁକ୍ମବର୍ଣ୍ଣମ୍)** ପ୍ରକାଶସ୍ୱରୂପ । ସୂର୍ଯ୍ୟ ପ୍ରକାଶ ଦିଅନ୍ତି । ଅତଃ ଯଦି ମନୁଷ୍ୟ ସୂର୍ଯ୍ୟଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିଦିଏ ତେବେ କ'ଣ ତା'ର ଲାଭ ହେବ ? କ'ଣ କ୍ଷତି ହେବନି ? ଆମ ଜୀବନର କେତେ ଯେ କ୍ରିୟାର ସଫଳତା କେବଳ ଏହି ଗୋଟିଏ ବିଶ୍ୱାସ ଉପରେ ନିର୍ଭର କରେ କି ସୂର୍ଯ୍ୟ ଅଛନ୍ତି ଏବଂ ଆମ ଜୀବନ ସହ ତାଙ୍କର ନିବିଡ଼ ସଂପର୍କ ଅଛି । (କର୍ତ୍ତାରମ୍) ସୃଷ୍ଟିର ରଚୟିତା । ସୃଷ୍ଟି ଥରେ ମାତ୍ର ତିଆରି ହୋଇଥିବା ବସ୍ତୁ ତ ନୁହେଁ । ଏଠାରେ ତ ପ୍ରତି ମୁହୂର୍ତ୍ତରେ ନୂତନ ବସ୍ତୁର ଉତ୍ପତ୍ତି ଓ ପୁରାତନର ବିନାଶ ଚାଲିଥାଏ । ଗୋଟିକର ବିନାଶ ହିଁ ଅନ୍ୟ ବସ୍ତୁର ରଚନା ଅଟେ । ସ୍ଥଳଭାଗ ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଜଳାଶୟ ଲୁପ୍ତ ହୋଇଯାଏ । ସୃଷ୍ଟି ସଂଯୋଗ-ବିୟୋଗାତ୍ମକ ଅଟେ । କାଠ ନ କାଟି କବାଟ ତିଆରି କରିହେବ ନାହିଁ । ଯେଉଁ ସତ୍ତା ପ୍ରତ୍ୟେକ ଛୋଟ-ବଡ଼ ଘଟଣା ବା ବସ୍ତୁ ନିର୍ମାଣ ସହିତ ସମ୍ବନ୍ଧ ରଖେ ତାକୁ ନ ମାନିଲେ ଲାଭ କିଛି ହେବ ନାହିଁ ଏବଂ କ୍ଷତି ଅନେକ ହେବ । ସେ ପୁଣି ଏପରି ସତ୍ତା ଯେ **'ଈଶ'** ଅର୍ଥାତ୍ ସମସ୍ତଙ୍କୁ ଅଧୀନରେ ରଖନ୍ତି ଓ **'ବ୍ରହ୍ମଯୋନି'** ଅର୍ଥାତ୍ ଜ୍ଞାନପ୍ରଦାତା ଅଟନ୍ତି । ବେଦରେ ଦୁଇ ପ୍ରକାର ମନୁଷ୍ୟଙ୍କ ବିଶେଷ ବର୍ଣ୍ଣନା କରାଯାଇଛି । ଗୋଟିଏ ପ୍ରକାର ଲୋକ ହେଲେ 'ଇନ୍ଦ୍ରଜ୍ୟେଷ୍ଠାସଃ' ଯେଉଁମାନେ ଈଶ୍ୱରଙ୍କୁ ସବୁଠାରୁ ଜ୍ୟେଷ୍ଠ ବା ବଡ଼ ବୋଲି ବୁଝିଥାନ୍ତି ଅର୍ଥାତ୍ ଯେଉଁମାନଙ୍କର ବିଶ୍ୱାସ ଯେ ସଂସାରରେ ଭୌତିକ ପଦାର୍ଥଗୁଡ଼ିକ ଉପରେ ଓ ସେସବୁଠୁ ଭିନ୍ନ ଏପରି ଏକ ସତ୍ତା ରହିଛି ଯିଏ ପରମ ଜ୍ଞାନବାନ୍, ପରମ ଶକ୍ତିଶାଳୀ ଓ ପରମ ଦୟାଳୁ । ଦ୍ୱିତୀୟ ପ୍ରକାର ଲୋକଙ୍କ ନାମ 'ଅନିନ୍ଦ୍ର' ଅର୍ଥାତ୍ ଯେଉଁମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ । ରାଜନୈତିକ ପଦ୍ଧତିର ଦୃଷ୍ଟାନ୍ତକୁ ନେଇ ଆମେ 'ଇନ୍ଦ୍ରଜ୍ୟେଷ୍ଠ' ଓ 'ଅନିନ୍ଦ୍ର'ଙ୍କ ଉପମା ଦେଶଭକ୍ତ ଏବଂ ଦେଶଦ୍ରୋହୀମାନଙ୍କ ସହ ଦେଇପାରିବା । ଯିଏ ବିଶ୍ୱାସ ରଖେ ନାହିଁ କି ଆମ ଦେଶରେ କୌଣସି ଶାସନ ରହିଛି ଏବଂ ରାଷ୍ଟ୍ରଧର୍ମର ଉଲ୍ଲଂଘନରେ ମୁଁ ଦଣ୍ଡନୀୟ ହେବି, ତା' ପାଇଁ ସଦାଚାରର ପ୍ରଶ୍ନ ହିଁ ଉଠେ ନାହିଁ । ତାହାର ଇଚ୍ଛା ମାତ୍ର ହିଁ ଆଚାର ଅଟେ । ଯଦି ଏପରି ଦୁଇ-ଚାରି ଜଣ ମନୁଷ୍ୟ ବି ଉତ୍ପନ୍ନ ହୋଇଯାଆନ୍ତି ତେବେ ସମଗ୍ର ରାଷ୍ଟ୍ରକୁ ଧ୍ୱଂସ କରିବାକୁ ସେମାନେ ଯଥେଷ୍ଟ । କିନ୍ତୁ ଯେଉଁମାନଙ୍କ ଭିତରେ ଶାସନ ପ୍ରତି ସମ୍ମାନ ରହିଛି ସେମାନେ ନିୟମ ଭଙ୍ଗ କରିବେ ନାହିଁ ଓ ଦେଶରେ ଶାନ୍ତି ବଜାୟ ରହିବ । ଏହା ଏପରି ଏକ କଥା ଯାହାକୁ ସ୍ଥୂଳ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ବି ବୁଝିପାରେ ଏବଂ ଯିଏ ତୀକ୍ଷ୍ଣ ବୁଦ୍ଧି ଯୁକ୍ତ ତାହାକୁ ଏକଥା ଅବୋଧ ହେବ ଏହା ଆଶ୍ଚର୍ଯ୍ୟର ବିଷୟ । ଏହିପରି ଯଦି ଆମର ନିମ୍ନୋକ୍ତ ତିନୋଟି କଥାରେ ବିଶ୍ୱାସ ହୋଇଯାଏ— ୧. ଈଶ୍ୱର ଅଛନ୍ତି, ୨. ସେ ସୃଷ୍ଟିକର୍ତ୍ତା ଅଟନ୍ତି ଅର୍ଥାତ୍ ସଂସାରର ସମସ୍ତ ବସ୍ତୁର ନିର୍ମାଣରେ ତାଙ୍କର ହାତ ରହିଛି ଓ ୩. ସେ ଜ୍ଞାନବାନ୍ ସତ୍ତା, ତେବେ ଅବଶ୍ୟ ହିଁ ଆମେ ନିଜର କର୍ତ୍ତବ୍ୟକୁ ପାଳନ କରିବାରେ ସଫଳ ହେବା । ଯଦି ଆମର ବିଶ୍ୱାସ ଏଥିରୁ ହଟିଯାଏ ତେବେ ଏପରି ଆଉ କେଉଁ ପ୍ରେରଣାପ୍ରଦ ସିଦ୍ଧାନ୍ତ ମିଳିବ ଯାହା କି ସଦାଚାର ଉପରେ ଆମକୁ ଦୃଢ଼ ରଖିପାରିବ ?

ଆସ୍ତିକତାର ଅନୁପଯୋଗିତା ଓ ନାସ୍ତିକତାର ନିର୍ଦ୍ଦୋଷତା ବିଷୟରେ ଗୋଟିଏ ତର୍କ ଦିଆଯାଇଥାଏ ଯେ — ସମସ୍ତ ଆସ୍ତିକ ସଦାଚାରୀ ଥିବା ଦେଖିବାକୁ ମିଳିନଥାଏ କି ସମସ୍ତ ନାସ୍ତିକ ଦୁରାଚାରୀ ନଥାନ୍ତି । ସାଧାରଣତଃ ପାଖଣ୍ଡ ଓ ଆଡ଼ମ୍ବର ତ ଆସ୍ତିକମାନଙ୍କ ଭିତରେ ହିଁ ଦେଖାଯାଏ । କୁହାଯାଏ ଯେ ଋଷିଆ ନାସ୍ତିକ ହୋଇ ହିଁ ନୈତିକ ଉନ୍ନତି କଲା ଏବଂ ଯେତେବେଳ ପର୍ଯ୍ୟନ୍ତ ଈଶ୍ୱର-ପୂଜକ ହୋଇ ଥିଲା, ପଙ୍କରେ ବୁଡ଼ି ରହିଥିଲା । ୟୁରୋପ ଓ ଏସିଆର ଆସ୍ତିକ ଜାତିଗୁଡ଼ିକ ଭ୍ରଷ୍ଟାଚାର ଓ ମୂର୍ଖତାର କାଦୁଅରେ ବୁଡ଼ି ହୋଇ ରହିଛନ୍ତି । ବ୍ରହ୍ମଦେଶ ଆଦି ନିରୀଶ୍ୱରବାଦୀ ଦେଶର ଈଶ୍ୱରଙ୍କ ଉପରେ ବିଶ୍ୱାସ ନ ରଖିବାରୁ କ'ଣ କ୍ଷତି ହୋଇଛି

ଯାହାକି ଈଶ୍ୱରବାଦୀ ଦେଶକୁ ଭୋଗିବାକୁ ପଡ଼ିନାହିଁ । ବ୍ୟକ୍ତିମାନଙ୍କ ଜୀବନରେ ବି ଏପରି ହିଁ ଘଟଣା ଦୃଷ୍ଟିଗୋଚର ହୋଇଥାଏ ।

କିନ୍ତୁ ସାମାନ୍ୟ ବିଚାର କରନ୍ତୁ । ପ୍ରଥମ ତ ଆମେ ଉପରେ ବର୍ଣ୍ଣନା କରିସାରିଛୁ କି କେବଳ ଈଶ୍ୱର-ବିଶ୍ୱାସ ହିଁ ପର୍ଯ୍ୟାପ୍ତ ନୁହେଁ । ଈଶ୍ୱର-ବିଶ୍ୱାସର ଯଥାର୍ଥ ରୂପ ହେବା ଉଚିତ ଏବଂ ଈଶ୍ୱର-ବିଶ୍ୱାସ କେତେ ଦୂର ପର୍ଯ୍ୟନ୍ତ ଆମ ପାଇଁ ଉପଯୋଗୀ ଆମେ ଏହା ବି ଜାଣିବା ଉଚିତ । ଯଦି ଖାଦ୍ୟ ଖାଉଥିବା ଲୋକ ହିଁ ଅଧିକ ରୋଗୀ ହୁଅନ୍ତି ଓ ମରିଯାଆନ୍ତି, ତେବେ ଏହାର ଅର୍ଥ ତ ଏହା ନୁହେଁ ଯେ ବଞ୍ଚିବା ପାଇଁ ଖାଦ୍ୟ ଅନାବଶ୍ୟକ । ଅଶୁଦ୍ଧ ଭୋଜନ, ଅପର୍ଯ୍ୟାପ୍ତ ଭୋଜନ, ଅଧିକ ଭୋଜନ ଏ ସବୁ ତ ରୋଗୋତ୍ପାଦକ । ଯିଏ ବୁଝେ କି କେବଳ ଖାଦ୍ୟ ଖାଇଲେ ହିଁ ଜୀବନ ଠିକ୍ ରହିବ, ସିଏ ଭୁଲ୍ କରେ । ଭୋଜନ ସହିତ ଅନ୍ୟ କିଛି ବି ତ ଦରକାର । ଏହିପରି ଯେଉଁଲୋକ ଆସ୍ତିକତାର ଏହି ଅର୍ଥ ବୁଝି ବସିଛନ୍ତି ଯେ କେବଳ ଈଶ୍ୱର-ଈଶ୍ୱର ଜପୁଥାଅ ଏବଂ ଈଶ୍ୱରଙ୍କ ଆଶ୍ରୟରେ ସମସ୍ତ କାର୍ଯ୍ୟ ଛାଡିଦିଅ, ସେମାନଙ୍କୁ ଈଶ୍ୱର କଦାପି ସହାୟତା ଦେବେ ନାହିଁ । ଆସ୍ତିକତାର ସବୁଠାରୁ ମୁଖ୍ୟ ଭାଗ ତ ଏହା କି ମନୁଷ୍ୟ ଜୀବନକୁ କର୍ମପ୍ରଧାନ କରିବ । ଗୀତାରେ କୁହାଯାଇଛି ଯେ—

**'କର୍ମଣ୍ୟେବାଧିକାରସ୍ତେ'** । (ଗୀତା. ୨:୪୭)

ଏହାର ଅର୍ଥ କ'ଣ ? ଏହା ହିଁ ଯେ ଈଶ୍ୱର ଫଳ ହିଁ ଦେବେ, କର୍ମ ତ ମୋତେ ହିଁ କରିବାକୁ ହେବ । ଅତଃ ଯେଉଁ ବ୍ୟକ୍ତି ବା ଜାତିଗୁଡ଼ିକ କେବଳ ଈଶ୍ୱରଙ୍କ ନାମ ଜପିବା ବା ମୂର୍ତ୍ତି ସମ୍ମୁଖରେ ସ୍ତୁତି କରିବାକୁ ଆସ୍ତିକତାର ଇତିଶ୍ରୀ ବୋଲି ବିଚାରିଥାନ୍ତି, ସେମାନଙ୍କୁ ସଦାଚାରର ବାସ୍ତବିକ ଅର୍ଥ ହିଁ ଜଣାନାହିଁ । ବର୍ତ୍ତମାନ ରହିଲା ନାସ୍ତିକମାନଙ୍କର ସଦାଚାର-ପ୍ରିୟତା । ପ୍ରଥମ ତ ଏହା ଆବଶ୍ୟକ ନୁହେଁ ଯେ ଈଶ୍ୱର-ବିଶ୍ୱାସକୁ ତ୍ୟାଗ କରିବା ମାତ୍ରେ ମନୁଷ୍ୟ ସଦାଚାରୀ ହୋଇଯିବ । ଏହା ଠିକ୍ ଯେ ସମାଜର ଭୟ ବି ମନୁଷ୍ୟକୁ ଦୁରାଚାର ବା ଭ୍ରଷ୍ଟାଚାରରୁ ବଞ୍ଚାଇଥାଏ, କିନ୍ତୁ ଯେଉଁ ସମାଜରେ ଆମେ ଜନ୍ମଗ୍ରହଣ କରିଛେ ସେଥିରେ ସଦାଚାରର ପରମ୍ପରା କେଉଁଠାରୁ ଆସିଛି ? ଯଦି ସୃଷ୍ଟିର ଆରମ୍ଭରେ ଈଶ୍ୱର-ବିଶ୍ୱାସ ନଥାନ୍ତା ତେବେ ସଦାଚାରର ମାପଦଣ୍ଡ କ'ଣ ହୁଅନ୍ତା ? ଆଉ ଯଦି ସମାଜ ମାପଦଣ୍ଡକୁ ଛାଡ଼ିଦିଏ, ତେବେ କେଉଁ ଭୟ ନାସ୍ତିକମାନଙ୍କୁ ଠିକ୍ ମାର୍ଗରେ ରଖି ପାରିବ ? ଅନେକ କଥା ବାୟୁ ମଣ୍ଡଳରେ ଓତପ୍ରୋତ ରହିଥାଏ ଏବଂ ଲୋକେ ନ ଜାଣି ହିଁ ପରମ୍ପରାକ୍ରମେ ମାନିବା ପାଇଁ ବାଧ ହୁଅନ୍ତି । ଯେଉଁ ନାସ୍ତିକ ଈଶ୍ୱର-ବିଶ୍ୱାସ ଛାଡ଼ି ବି ସଦାଚାରୀ, ସେ ଏହା ଭୁଲିଯାଏ କି ଯେଉଁ ସଦାଚାର-ପ୍ରିୟତାର ଅବଶେଷ ତାହାର ପ୍ରକୃତିରେ ବିଦ୍ୟମାନ ଅଛି ତାହାକୁ ଈଶ୍ୱର-ବିଶ୍ୱାସର ଆଧାରରେ ହିଁ ସ୍ଥାପିତ କରାଯାଇଥିଲା । ଯଦିଓ ସେ ବ୍ୟକ୍ତିଗତ ରୂପେ ଈଶ୍ୱର-ପୂଜନ ଛାଡ଼ିଦେଲା, ତଥାପି ତା'ର ପ୍ରଭାବ ବର୍ତ୍ତମାନ ବାୟୁମଣ୍ଡଳରେ ବିଦ୍ୟମାନ ରହିଛି । ଯେଉଁ ନାସ୍ତିକ କହେ ଯେ ମିଥ୍ୟାକଥନକୁ ମୁଁ ପାପ ବୋଲି ମନେକରେ, ତାକୁ ଏହା ଜଣାନାହିଁ କି 'ଏ କର୍ମ ପାପ' ଏଭଳି ବିଚାର ତା'ର ମନରେ କେଉଁଠାରୁ ଅଙ୍କୁରିତ ହୋଇଛି । ଯଦି ସେ କେବଳ ଦୃଶ୍ୟମାନ ଜଗତର ହିଁ ପକ୍ଷପାତୀ ଏବଂ ଆଧ୍ୟାତ୍ମିକ ଓ ଅଭୌତିକ ଜଗତକୁ ଅସତ୍ୟ ମନେକରେ ତେବେ କ'ଣ ସେ ସତ୍ୟାଚାରର ମୀମାଂସା କରିପାରିବ ? ଭୌତିକଜଗତ ତ ଘଟଣାପୁଞ୍ଜ ମାତ୍ର ଅଟେ । ସେହି ଘଟଣା ଭଲ ନା ମନ୍ଦ, ପାପ ନା ପୁଣ୍ୟ, ତଥ୍ୟ ନା ଅତଥ୍ୟ ଏହାର ମାପଦଣ୍ଡ ତ ଅଭୌତିକ ହିଁ ହେବ । ଯେତେବେଳେ ମୋର ହାଡ଼ ଭାଙ୍ଗିଯାଏ, ସେତେବେଳେ ମୋତେ କଷ୍ଟ ଅନୁଭୂତ ହୁଏ । ମୋର ହାଡ଼ ଭାଙ୍ଗିବା ଏକ ଘଟଣା ବା କଷ୍ଟ ହେବା ଆଉ ଏକ ଘଟଣା । ପ୍ରଥମଟି ଶୁଦ୍ଧ ଭୌତିକ, କିନ୍ତୁ କଷ୍ଟ ହେବା ତ ଅଭୌତିକ ହିଁ ମାନିବାକୁ ପଡ଼ିବ । ଯେତେବେଳେ ମୋର ଖଟର ଗୋଡ଼ ଭାଙ୍ଗିଯାଏ, କାହିଁ ସେତେବେଳେ ତ ଖଟକୁ କଷ୍ଟ ହୁଏ ନାହିଁ । ଏବଂ ଯେଉଁଠି ଆମେ ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ଜ୍ଞାନ, ପ୍ରଯତ୍ନର ଜଗତରେ ପ୍ରବେଶ କରୁ, ସେଇଠି ଆଧ୍ୟାତ୍ମ ଜଗତରେ

ପ୍ରବେଶ କରିଯାଉ ଏବଂ ଆସ୍ତିକତାର ଅଧ୍ୟାତ୍ମ ସହିତ ସମ୍ବନ୍ଧ ରହିଛି । ବାସ୍ତବରେ କୌଣସି ବ୍ୟକ୍ତି ସେତେବେଳ ପର୍ଯ୍ୟନ୍ତ ଆସ୍ତିକ ହୋଇପାରେ ନାହିଁ ଯେତେବେଳ ପର୍ଯ୍ୟନ୍ତ ସେ ଆଧ୍ୟାତ୍ମିକ ହୋଇପାରି ନଥାଏ, ଯେତେବେଳ ଯାଏ କି ସେ ଆଧ୍ୟାତ୍ମିକ ଓ ଅଭୌତିକ ଜଗତରେ ପ୍ରବେଶ ନ କରେ । ଈଶ୍ୱରଙ୍କର ଅଭାବର ନାମ ନାସ୍ତିକତା ନୁହେଁ, ଈଶ୍ୱରଙ୍କ ଅଭାବ ଉପରେ ବିଶ୍ୱାସ କରିବାର ନାମ ନାସ୍ତିକତା । ବିଶ୍ୱାସ ଭୌତିକ ଘଟଣା ନୁହେଁ । ନାସ୍ତିକତାର ସବୁଠାରୁ ବଡ଼ କ୍ଷତି ଏହା ଯେ ମନୁଷ୍ୟ ଏତଦ୍ଦ୍ୱାରା କଳ୍ପନାର ଶିକାର ହୋଇଯାଏ ଏବଂ ଅସତ୍ୟ ଜ୍ଞାନରୁ ଯାହା-ଯାହା ହାନି ହୋଇପାରେ ସେସବୁ ତାକୁ ଭୋଗିବାକୁ ପଡ଼େ । ଯେତେବେଳେ ଏହି ବିଶ୍ୱାସ ବ୍ୟକ୍ତିଠାରୁ ଆରମ୍ଭ ହୋଇ ଜାତି ଭିତରେ ବ୍ୟାପିଯାଏ ସେତେବେଳେ ଜାତିମାନଙ୍କ ମଧ୍ୟରେ ଅଶାନ୍ତି ଓ ଭ୍ରଷ୍ଟାଚାର ଅବଶ୍ୟମ୍ଭାବୀ ହୋଇଯାଏ ।

ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ନିଜ କର୍ମରେ ନିଜର ବିଶ୍ୱାସକୁ ବିଶ୍ଳେଷଣ କରନ୍ତି ନାହିଁ। ଯେପରିକି ଯେଉଁମାନେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ଜାଣନ୍ତି ନାହିଁ ସେମାନେ ବି ଅନେକ କାର୍ଯ୍ୟ ଏପରି କରନ୍ତି ଯେଉଁଥିରେ ଏହି ଅଦୃଷ୍ଟ ଶକ୍ତିର ପ୍ରୟୋଗ ହୋଇଥାଏ । କିନ୍ତୁ ସେମାନେ ସେହି ଯନ୍ତ୍ରକୁ ଚଳାଇ ପାରନ୍ତି ନାହିଁ ଯାହାକୁ ଏହି ଶକ୍ତିର ବିଶେଷଜ୍ଞ ଚଳାଇଥାନ୍ତି । ଏହିପରି ପଶୁଜଗତ ବିଜ୍ଞାନର ଅନେକ ପ୍ରତିକୂଳ ଆଚରଣ କରିଥାନ୍ତି । କିନ୍ତୁ ଏଥିରୁ କୁହାଯାଇ ପାରିବ ନାହିଁ କି ବିଜ୍ଞାନ ବ୍ୟର୍ଥ ଅଟେ । ସେହିପରି ଯଦି ଯଥାର୍ଥ ଆସ୍ତିକତା ଲୁପ୍ତ ହୋଇଯାଏ ତେବେ ସେହି ଅନେକ ମୌଳିକ ଭାବନା ଯାହା ଭ୍ରଷ୍ଟାଚାରକୁ ପ୍ରତିରୋଧ କରେ ତାହା ନଷ୍ଟ ହୋଇଯିବ ଏବଂ ସଂସାରର ବ୍ୟବସ୍ଥା ଜଟିଳ ହୋଇଯିବ । ଅତଏବ ଆସ୍ତିକତାର ଉପଯୋଗିତା ତ ସିଦ୍ଧ ହିଁ ହେଉଛି ଏବଂ ଏଥିରୁ ବଞ୍ଚିତ ହେବା ମହତୀ ବିନଷ୍ଟି .... ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

**(୩୬ ପୃଷ୍ଠାର ଅବଶିଷ୍ଟାଂଶ)**

ସେଠାରେ ସତ୍ୟାର୍ଥ ପ୍ରକାଶ ନ୍ୟାସ ପକ୍ଷରୁ ବେଦ ପ୍ରଚାରର ଅନେକ ଗତିବିଧି ସଂଚାଳିତ ହେଉଛି।

ଶ୍ରୁତିନ୍ୟାସ ପକ୍ଷରୁ  ଆୟୋଜିତ ଜୀବନ ନିର୍ମାଣ ଶିବିର ବ୍ୟକ୍ତି ଓ ପରିବାର ନିର୍ମାଣ ଦିଗରେ ଏକ ସୁନ୍ଦର ପ୍ରୟାସ। ଏକଥା ଅନୁଭବ କରି ମୂର୍ଦ୍ଧନ୍ୟ ବିଦ୍ୱାନ୍ ଡଃ. ସୋମଦେବ ଶାସ୍ତ୍ରୀଙ୍କ ପ୍ରେରଣାରେ ସତ୍ୟାର୍ଥ ପ୍ରକାଶ ନ୍ୟାସରେ ଏକ ବୈଦିକ ପରିବାର ପ୍ରଶିକ୍ଷଣ ଶିବିର ୨୦,୨୧ ଓ ୨୨.୦୫.୧୬ ତିନି ଦିନ ଧରି ଆୟୋଜିତ ହୋଇଥିଲା। ଏଥିରେ ଡଃ. ସୋମଦେବ ଶାସ୍ତ୍ରୀ, (ମୁମ୍ବାଇ) ସ୍ୱାମୀ ସୁଧାନନ୍ଦ ସରସ୍ୱତୀ  ଓ ଆଚାର୍ଯ୍ୟ ଉମାଶଙ୍କର ଶାସ୍ତ୍ରୀ (ସୁରଟ) ପ୍ରଶିକ୍ଷକ ରୂପେ ଯୋଗ ଦେଇଥିଲେ। ସ୍ୱାମୀଜୀ ଧ୍ୟାନ-ଈଶ୍ୱର ଉପାସନା ପ୍ରଶିକ୍ଷଣ ଦେବା ସହ ଶଙ୍କା-ସମାଧାନ, ଈଶ୍ୱରଙ୍କ ସ୍ୱରୂପ ବିବେଚନ ଆଦି କରୁଥିଲେ। ସ୍ୱାମୀଜୀ କହିଲେ ଯେ, କମ୍ପ୍ୟୁଟର ଚଳାଇବା ବ୍ୟକ୍ତି ଯଦି କମ୍ପ୍ୟୁଟରରେ ଆଣ୍ଟି-ଭାଇରସ୍ ନ ପକାନ୍ତି ତେବେ ଯେମିତି କମ୍ପ୍ୟୁଟରରେ ଭାଇରସ୍ ଭରି ଖରାପ ହୋଇଯାଏ, ସେହିପରି ପ୍ରତ୍ୟେକ ବ୍ୟକ୍ତି ଈଶ୍ୱର ଉପାସନା ରୂପକ ଆଣ୍ଟି-ଭାଇରସ୍କୁ ନିଜ ଭିତରେ ସକ୍ରିୟ ନ ରଖିଲେ ସଂସାରର ନକାରାତ୍ମକ ବିଚାରର ଭାଇରସ୍‌ଗୁଡ଼ିକ ଆମ ଜୀବନରୂପୀ କମ୍ପ୍ୟୁଟରକୁ ଖରାପ କରିଦିଅନ୍ତି। ଏଣୁ ଈଶ୍ୱର ଉପାସନା ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହେବା ଉଚିତ ।

# ଅଥ ତୃତୀୟସମୁଲ୍ଲାସାରମ୍ଭଃ

## ଅଥାଽଧ୍ୟୟନାଽଧ୍ୟାପନବିଧିଂ ବ୍ୟାଖ୍ୟାସ୍ୟାମଃ

**ମହର୍ଷି ଦୟାନନ୍ଦ ସରସ୍ୱତୀ**

(ପୂର୍ବାନୁକ୍ରମିକ....)

**ଧର୍ମବିଶେଷପ୍ରସୂତାଦ୍ ଦ୍ରବ୍ୟ-ଗୁଣ-କର୍ମ-ସାମାନ୍ୟ-ବିଶେଷ-ସମବାୟାନାଂ ପଦାର୍ଥାନାଂ ସାଧର୍ମ୍ୟବୈଧର୍ମ୍ୟାଭ୍ୟାଂ ତତ୍ତ୍ୱଜ୍ଞାନାନ୍ନିଃଶ୍ରେୟସମ୍ ।** (ବୈଶେ. ୧:୧:୪)

ମନୁଷ୍ୟ ଧର୍ମର ଯଥାଯୋଗ୍ୟ ଅନୁଷ୍ଠାନ ଦ୍ୱାରା ପବିତ୍ର ହୋଇ **'ସାଧର୍ମ୍ୟ'** ଅର୍ଥାତ୍ ସମାନ ଧର୍ମ (ଯଥା– ପୃଥିବୀ ଜଡ଼ ଓ ଜଳ ବି ଜଡ଼) ଓ **'ବୈଧର୍ମ୍ୟ'** ଅର୍ଥାତ୍ ବିପରୀତ ଧର୍ମ(ଯଥା–ପୃଥିବୀ କଠିନ; କିନ୍ତୁ ଜଳ କୋମଳ) ଏହିଭଳି ଭାବେ ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ- ଏ ଛଅଟି ପଦାର୍ଥର ତତ୍ତ୍ୱଜ୍ଞାନ ଅର୍ଥାତ୍ ସ୍ୱରୂପ-ଜ୍ଞାନ ଦ୍ୱାରା **'ନିଃଶ୍ରେୟସମ୍'** ଅର୍ଥାତ୍ ମୋକ୍ଷ ପ୍ରାପ୍ତ ହୁଏ ।

**ପୃଥିବ୍ୟାପସ୍ତେଜୋ ବାୟୁରାକାଶଂ କାଲୋ ଦିଗାତ୍ମା ମନ ଇତି ଦ୍ରବ୍ୟାଣି ।** (ବୈଶେ. ୧:୧:୫)

ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, କାଳ, ଦିଗ, ଆତ୍ମା ଓ ମନ – ଏ ନଅଟି ହେଉଛି **'ଦ୍ରବ୍ୟ'** ।

**କ୍ରିୟାଗୁଣବତ୍ ସମବାୟିକାରଣମିତି ଦ୍ରବ୍ୟଲକ୍ଷଣମ୍ ।** (ବୈଶେ. ୧:୧:୧୫)

**'କ୍ରିୟାଶ୍ଚ ଗୁଣାଶ୍ଚ ବିଦ୍ୟନ୍ତେ ୟସ୍ମିଁସ୍ତତ୍ କ୍ରିୟାଗୁଣବତ୍'–** ଯେଉଁଥିରେ କ୍ରିୟା ଓ ଗୁଣ ଅଥବା କେବଳ ଗୁଣ ଥାଏ ତାକୁ **'ଦ୍ରବ୍ୟ'** କହନ୍ତି । ଉପରୋକ୍ତ ନଅଟି ଦ୍ରବ୍ୟ ମଧ୍ୟରୁ ପୃଥିବୀ, ଜଳ, ଅଗ୍ନି, ବାୟୁ, ମନ ଓ ଆତ୍ମା– ଏ ଛଅଟି ଦ୍ରବ୍ୟ କ୍ରିୟା ଓ ଗୁଣ ବିଶିଷ୍ଟ । ଆକାଶ, କାଳ ଓ ଦିଗ– ଏ ତିନୋଟି ଦ୍ରବ୍ୟ ଗୁଣ ବିଶିଷ୍ଟ ତ ଅଟନ୍ତି, କିନ୍ତୁ କ୍ରିୟାବାନ୍ ନୁହନ୍ତି, କ୍ରିୟାରହିତ । **(ସମବାୟି.) 'ସମବେତୁଂ ଶୀଲଂ ୟସ୍ୟ ତତ୍ ସମବାୟି, ପ୍ରାଗ୍‌ବୃତ୍ତିତ୍ୱଂ କାରଣଂ, ସମବାୟି ଚ ତତ୍‌କାରଣଂ ଚ ସମବାୟିକାରଣମ୍' । 'ଲକ୍ଷ୍ୟତେ ୟେନ ତଲ୍ଲକ୍ଷଣମ୍' ।** ଯାହା ମିଶି ରହିବା ବା ଧାରଣ କରିବା ସ୍ୱଭାବ ବିଶିଷ୍ଟ, କାର୍ଯ୍ୟ ପୂର୍ବରୁ ବିଦ୍ୟମାନ ସତ୍ତା ତାହାକୁ **'ସମବାୟିକାରଣ'** କହନ୍ତି । ଯାହାଦ୍ୱାରା ଲକ୍ଷ୍ୟ ଜଣାଯାଏ ତାକୁ **'ଲକ୍ଷଣ'** କହନ୍ତି, ଯେପରିକି ଆଖି ଦ୍ୱାରା ରୂପ ଜଣାଯାଏ ।

**ରୂପରସଗନ୍ଧସ୍ପର୍ଶବତୀ ପୃଥିବୀ ।** (ବୈଶେ. ୨:୧:୧)

ରୂପ, ରସ, ଗନ୍ଧ, ସ୍ପର୍ଶ ଗୁଣବିଶିଷ୍ଟ ତତ୍ତ୍ୱକୁ **'ପୃଥିବୀ'** କୁହାଯାଏ ।

**ବ୍ୟବସ୍ଥିତଃ ପୃଥିବ୍ୟାଂ ଗନ୍ଧଃ ।** (ବୈଶେ. ୨:୨:୩)

**'ଗନ୍ଧ'** ପୃଥିବୀର ସ୍ୱାଭାବିକ ଗୁଣ । ସେହିପରି ରସ ଜଳର, ରୂପ ଅଗ୍ନିର, ସ୍ପର୍ଶ ବାୟୁର ଓ ଶବ୍ଦ ଆକାଶର ସ୍ୱାଭାବିକ ଗୁଣ । ପୃଥିବୀରେ ରସ, ରୂପ, ସ୍ପର୍ଶ ଯଥାକ୍ରମେ ଜଳ, ଅଗ୍ନି ଓ ବାୟୁ ତତ୍ତ୍ୱର ସଂଯୋଗରୁ ଦେଖାଯାଏ ।

**ରୂପରସସ୍ପର୍ଶବତ୍ୟ ଆପୋ ଦ୍ରବାଃ ସ୍ନିଗ୍ଧାଃ ।** (ବୈଶେ. ୨:୧:୨)

ରୂପ, ରସ ଓ ସ୍ପର୍ଶ ଗୁଣବିଶିଷ୍ଟ, ଦ୍ରବୀଭୂତ ଓ କୋମଳ ତତ୍ତ୍ୱକୁ **'ଜଳ'** କହନ୍ତି । କିନ୍ତୁ **'ରସ'** ହିଁ ଜଳର ସ୍ୱାଭାବିକ ଗୁଣ । ଜଳରେ ରୂପ ଓ ସ୍ପର୍ଶ ଗୁଣ କ୍ରମଶଃ ଅଗ୍ନି ଓ ବାୟୁର ସଂଯୋଗ ଯୋଗୁଁ ଅଛି ।

**ଅପ୍‌ସୁ ଶୀତତା ।** (ବୈଶେ. ୨:୨:୫)

‘**ଶୀତଳତା**’ ବି ଜଳର ସ୍ୱାଭାବିକ ଗୁଣ ।

**ତେଜୋ ରୂପସ୍ପର୍ଶବତ୍ ।** (ବୈଶେ. ୨:୧: ୩)

ଯାହା ରୂପ ଓ ସ୍ପର୍ଶ ଗୁଣ ବିଶିଷ୍ଟ, ତାହାକୁ ‘**ଅଗ୍ନି**’ କହନ୍ତି । କିନ୍ତୁ ‘**ରୂପ**’ ହିଁ ଅଗ୍ନିର ସ୍ୱାଭାବିକ ଗୁଣ ଏବଂ ବାୟୁର ସଂଯୋଗ କାରଣରୁ ଏଥିରେ ସ୍ପର୍ଶ ଗୁଣ ବିଦ୍ୟମାନ ।

**ସ୍ପର୍ଶବାନ୍ ବାୟୁଃ ।** (ବୈଶେ. ୨:୧:୪)

ସ୍ପର୍ଶ ଗୁଣବିଶିଷ୍ଟ ତତ୍ତ୍ୱ ‘**ବାୟୁ**’ ଅଟେ । କିନ୍ତୁ ଏଥିରେ ମଧ୍ୟ ଉଷ୍ଣତା ଓ ଶୀତଳତା ଯଥାକ୍ରମେ ଅଗ୍ନି ଓ ଜଳର ସଂଯୋଗ ବଶତଃ ବିଦ୍ୟମାନ ରହେ ।

**ତ ଆକାଶେ ନ ବିଦ୍ୟନ୍ତେ ।** (ବୈଶେ. ୨:୧:୫)

ରୂପ, ରସ, ଗନ୍ଧ ଓ ସ୍ପର୍ଶ ଗୁଣ ଆକାଶର ନାହିଁ । କେବଳ ‘**ଶବ୍ଦ**’ ହିଁ ଆକାଶର ଗୁଣ ।

**ନିଷ୍କ୍ରମଣଂ ପ୍ରବେଶନମିତ୍ୟାକାଶସ୍ୟ ଲିଙ୍ଗମ୍ ।** (ବୈଶେ. ୨:୧:୨୦)

ଯେଉଁଥିରେ ପ୍ରବେଶ କରିବା ଓ ବାହାରିବା କାର୍ଯ୍ୟ ହୁଏ, ତାହା ‘**ଆକାଶ**’ ବା ଏହା ଆକାଶକୁ ଜାଣିବାର ଚିହ୍ନ ।

**କାର୍ଯ୍ୟାନ୍ତରାପ୍ରାଦୁର୍ଭାବାଚ୍ଚ ଶବ୍ଦଃ ସ୍ପର୍ଶବତାମଗୁଣଃ ।** (ବୈଶେ. ୨:୧:୨୫)

‘**ଶବ୍ଦ**’ ଗୁଣ ପୃଥିବୀ ଆଦି ଅନ୍ୟ କାର୍ଯ୍ୟ ଦ୍ରବ୍ୟରୁ ପ୍ରକାଶିତ ହେଉ ନ ଥିବାରୁ, ଏହା ସ୍ପର୍ଶଗୁଣବିଶିଷ୍ଟ ପୃଥିବୀ ଆଦିର ଗୁଣ ନୁହେଁ । ଶବ୍ଦ ଆକାଶର ହିଁ ଗୁଣ ।

**ଅପରସ୍ମିନ୍ନପରଂ ଯୁଗପଚ୍ଚିରଂ କ୍ଷିପ୍ରମିତି କାଲଲିଙ୍ଗାନି ।** (ବୈଶେ. ୨:୨:୬)

ଯେଉଁଥିରେ **(ଅପରସ୍ମିନ୍-ପରମ୍)** ଅପର, ପର, **(ଯୁଗପତ୍)** ଏକା ସାଥିରେ, **(ଚିରମ୍)** ବିଳମ୍ବ, **(କ୍ଷିପ୍ରମ୍)** ଶୀଘ୍ର ଇତ୍ୟାଦି ପ୍ରୟୋଗ ହୁଏ, **(କାଲ.)** ତାହାକୁ ‘**କାଳ**’ କହନ୍ତି ।

**ନିତ୍ୟେଷ୍ୱଭାବାଦନିତ୍ୟେଷୁ ଭାବାତ୍ କାରଣେ କାଲାଖ୍ୟାତି ।** (ବୈଶେ. ୨:୨:୯)

ନିତ୍ୟ ପଦାର୍ଥରେ ପ୍ରୟୋଗ ହେଉ ନ ଥିବାରୁ ଓ ଅନିତ୍ୟ ପଦାର୍ଥ ବିଷୟରେ ବ୍ୟବହୃତ ହେଉଥିବାରୁ ‘**କାଳ**’କୁ ମଧ୍ୟ କାରଣ ରୂପେ ଗଣନା କରାଯାଇଛି ।

**ଇତ ଇଦମିତି ଯତସ୍ତଦ୍ଦିଶ୍ୟଂ ଲିଙ୍ଗମ୍ ।** (ବୈଶେ. ୨:୨:୧୦)

ଏଠାରୁ ଏ ପଟେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ତଳ, ଉପର – ଯାହା ବିଷୟରେ ଏହା ବ୍ୟବହୃତ ହୁଏ ତାହାକୁ ‘**ଦିଗ**’ କହନ୍ତି ।

**ଆଦିତ୍ୟସଂୟୋଗାଦ୍ ଭୂତପୂର୍ବାଦ୍ ଭବିଷ୍ୟତୋ ଭୂତାଚ୍ଚ ପ୍ରାଚୀ ।** (ବୈଶେ. ୨:୨:୧୪)

ଯେଉଁ ଦିଗରେ ସୂର୍ଯ୍ୟ ଉଦୟ ହୋଇଛି, ହେଉଛି ଓ ଭବିଷ୍ୟତରେ ବି ହେବ ତାକୁ ‘**ପୂର୍ବ**’ ଦିଗ କହନ୍ତି । ଯେଉଁ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ତାହାକୁ ‘**ପଶ୍ଚିମ**’ ଦିଗ କୁହାଯାଏ । ପୂର୍ବଦିଗକୁ ମୁହଁ କଲେ ଡାହାଣ ପଟକୁ ଥିବା ଦିଗକୁ ‘**ଦକ୍ଷିଣ**’ ଦିଗ ଓ ବାମ ଆଡ଼କୁ ଥିବା ଭାଗକୁ ‘**ଉତ୍ତର**’ ଦିଗ କୁହାଯାଏ ।

**ଏତେନ ଦିଗନ୍ତରାଲାନି ବ୍ୟାଖ୍ୟାତାନି ।** (ବୈଶେ. ୨:୨:୧୬)

ପୂର୍ବ ଓ ଦକ୍ଷିଣ ଦିଗର ମଧ୍ୟବର୍ତ୍ତୀ ଦିଗକୁ **'ଆଗ୍ନେୟ'**, **ଦକ୍ଷିଣ** ଓ **ପଶ୍ଚିମ**ର ମଧ୍ୟବର୍ତ୍ତୀକୁ **'ନୈର୍ଋତ'**, ପଶ୍ଚିମ ଓ ଉତ୍ତରର ମଧ୍ୟବର୍ତ୍ତୀକୁ **'ବାୟବ୍ୟ'** ଏବଂ ଉତ୍ତର-ପୂର୍ବର ମଧ୍ୟବର୍ତ୍ତୀକୁ **'ଐଶାନ୍ୟ'** ଦିଗ କୁହାଯାଏ ।

**ଇଚ୍ଛାଦ୍ୱେଷପ୍ରୟତ୍ନସୁଖଦୁଃଖଜ୍ଞାନାନ୍ୟାତ୍ମନୋ ଲିଙ୍ଗମିତି ।** (ନ୍ୟାୟ. ୧:୧:୧୦)

ଯାହାର **(ଇଚ୍ଛା)** ରାଗ, **(ଦ୍ୱେଷ)** ବୈର, **(ପ୍ରୟତ୍ନ)** ପୁରୁଷାର୍ଥ, **(ସୁଖଦୁଃଖ)** ସୁଖ, ଦୁଃଖ ଓ **(ଜ୍ଞାନ)** ଜାଣିବା– ଏ ଛଅଟି ଲକ୍ଷଣ ଅଛି, ତାକୁ ଜୀବାତ୍ମା କହନ୍ତି । ବୈଶେଷିକ ଦର୍ଶନରେ ଆହୁରି ମଧ୍ୟ କୁହାଯାଇଛି –

**ପ୍ରାଣାଽପାନନିମେଷୋନ୍ମେଷଜୀବନମନୋଗତୀନ୍ଦ୍ରିୟାନ୍ତରବିକାରାଃ ସୁଖଦୁଃଖେଚ୍ଛାଦ୍ୱେଷ-ପ୍ରୟତ୍ନାଶ୍ଚାତ୍ମନୋ ଲିଙ୍ଗାନି ।** (ବୈଶେ. ୩:୨:୪)

**(ପ୍ରାଣ)** ଭିତରୁ ବାୟୁ ବାହାରକୁ ବାହାର କରିବା, **(ଅପାନ)** ବାହାରୁ ବାୟୁ ଭିତରକୁ ନେବା, **(ନିମେଷ)** ଆଖିର ପଲକ ପକାଇବା, **(ଉନ୍ମେଷ)** ଆଖି ଖୋଲିବା, **(ଜୀବନ)** ପ୍ରାଣ ଧାରଣ କରିବା, **(ମନଃ)** ମନନ, ବିଚାର ବା ଜ୍ଞାନ, **(ଗତି)** ଇଚ୍ଛା ଅନୁସାରେ ଗମନ କରିବା, **(ଇନ୍ଦ୍ରିୟ)** ଇନ୍ଦ୍ରିୟଗୁଡ଼ିକୁ ବିଷୟରେ ଚାଳିତ କରିବା, ସେମାନଙ୍କ ଦ୍ୱାରା ବିଷୟଗୁଡ଼ିକୁ ଗ୍ରହଣ କରିବା, **(ଆନ୍ତରବିକାର)** କ୍ଷୁଧା, ତୃଷା, ଜ୍ୱର, ପୀଡ଼ା ଆଦି ବିକାର ହେବା, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ ଓ ପ୍ରଯତ୍ନ – ଏସବୁ **ଆତ୍ମାର ଲିଙ୍ଗ** ଅର୍ଥାତ୍ କର୍ମ ଓ ଗୁଣ ।

**ଯୁଗପଜ୍ଜ୍ଞାନାନୁତ୍ପତ୍ତିର୍ମନସୋ ଲିଙ୍ଗମ୍ ।** (ନ୍ୟାୟ. ୧:୧:୧୬)

ଯାହାଦ୍ୱାରା ଏକ ସମୟରେ ଦୁଇଟି ପଦାର୍ଥର ଗ୍ରହଣ, ଦୁଇଟି ପଦାର୍ଥ ବିଷୟରେ ଜ୍ଞାନ ହୁଏ ନାହିଁ ତାହାକୁ **'ମନ'** କହନ୍ତି ।

ଦ୍ରବ୍ୟର ସ୍ୱରୂପ ଓ ଲକ୍ଷଣ ସମ୍ପର୍କରେ ଏସବୁ କୁହାଗଲା । ବର୍ତ୍ତମାନ **'ଗୁଣ'** ବିଷୟରେ କୁହାଯାଉଛି –

**ରୂପରସଗନ୍ଧସ୍ପର୍ଶାଃ ସଂଖ୍ୟାଃ ପରିମାଣାନି ପୃଥକ୍ତ୍ୱଂ ସଂୟୋଗବିଭାଗୌ ପରତ୍ୱାଽପରତ୍ୱେ ବୁଦ୍ଧୟଃ ସୁଖଦୁଃଖେ-ଇଚ୍ଛାଦ୍ୱେଷୌ ପ୍ରୟତ୍ନାଶ୍ଚ ଗୁଣାଃ ।** (ବୈଶେ. ୧:୧:୬)

ରୂପ, ରସ, ଗନ୍ଧ, ସ୍ପର୍ଶ, ସଂଖ୍ୟା, ପରିମାଣ, ପୃଥକତ୍ୱ, ସଂଯୋଗ, ବିଭାଗ, ପରତ୍ୱ, ଅପରତ୍ୱ, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଗୁରୁତ୍ୱ, ଦ୍ରବତ୍ୱ, ସ୍ନେହ, ସଂସ୍କାର, ଧର୍ମ, ଅଧର୍ମ ଓ ଶବ୍ଦ –ଏ ୨୪ଟିକୁ ଗୁଣ କହନ୍ତି ।

ଗୁଣର ପରିଭାଷା ହେଲା –

**ଦ୍ରବ୍ୟାଶ୍ରୟ୍ୟଗୁଣବାନ୍ ସଂୟୋଗବିଭାଗେଷ୍ୱକାରଣମନପେକ୍ଷ ଇତି ଗୁଣଲକ୍ଷଣମ୍ ।** (ବୈଶେ. ୧:୧:୧୬)

ଯାହା ଦ୍ରବ୍ୟର ଆଶ୍ରୟରେ ରହେ, ଅନ୍ୟ ଗୁଣକୁ ଧାରଣ କରେ ନାହିଁ, ସଂଯୋଗ ଓ ବିଭାଗରେ କାରଣ ହୋଇନଥାଏ, ଅନପେକ୍ଷ ଅର୍ଥାତ୍ ଗୋଟିଏ ଅନ୍ୟଟିର ଅପେକ୍ଷା ରଖେ ନାହିଁ, ତାହାକୁ **'ଗୁଣ'** କୁହାଯାଏ ।

**ଶ୍ରୋତ୍ରୋପଲବ୍ଧିର୍ବୁଦ୍ଧିନିର୍ଗ୍ରାହ୍ୟଃ ପ୍ରୟୋଗେଣାଽଭିଜ୍ୱଲିତ ଆକାଶଦେଶଃ ଶବ୍ଦଃ ।** (ମହାଭାଷ୍ୟ. ୧:୧:୧)

ଯାହାକୁ କର୍ଣ୍ଣରେ ଉପଲବ୍ଧ କରାଯାଏ, ବୁଦ୍ଧି ଦ୍ୱାରା ଗ୍ରହଣ କରାଯାଏ, ଯାହା ପ୍ରୟୋଗ ଦ୍ୱାରା ପ୍ରକଟିତ ହୁଏ ଓ ଆକାଶରେ ଅବସ୍ଥାନ କରେ ତାକୁ **'ଶବ୍ଦ'** କୁହାଯାଏ ।

ଆଖି ଦ୍ୱାରା ଯାହାକୁ ଗ୍ରହଣ କରାଯାଏ ତାହା **'ରୂପ'**; ଜିଭ ଦ୍ୱାରା ମିଠା, ଖଟା ଆଦି ଯେଉଁ ଅନେକ ପ୍ରକାର

ଅନୁଭୂତି ହୁଏ ତାହା **'ରସ'**; ନାକ ଦ୍ୱାରା ଯାହା ଗୃହୀତ ହୁଏ ତାହା **'ଗନ୍ଧ'**; ଚର୍ମ ଦ୍ୱାରା ଯାହା ଗ୍ରହଣ ହୁଏ ତାହା **'ସ୍ପର୍ଶ'**; ଏକ-ଦୁଇ ଇତ୍ୟାଦି ଗଣନା ଯାହାଦ୍ୱାରା ହୁଏ ତାହା **'ସଂଖ୍ୟା'**; ଯାହାଦ୍ୱାରା ମାପ ଅର୍ଥାତ୍ ସାନ-ବଡ଼, ଅଳ୍ପ-ବହୁତ ଆଦି ଜଣାଯାଏ ତାହା **'ପରିମାଣ'**; ଗୋଟିଏ ଅନ୍ୟଠାରୁ ଭିନ୍ନ ହେବା ହେଲା **'ପୃଥକତ୍ୱ'**; ଗୋଟିଏ ଅନ୍ୟଟି ସହ ମିଶିବା ହେଉଛି **'ସଂଯୋଗ'**; ମିଶିରହିଥିବା ଅନେକ ବସ୍ତୁକୁ ଖଣ୍ଡ କରିବାର ନାମ **'ବିଭାଗ'**; ଏହାଠାରୁ ସେଇଟା ଦୂରରେ ରହିବା ହେଲା **'ପରତ୍ୱ'**; ତାହାଠୁ ଏଇଟି ନିକଟରେ ହେଉଛି **'ଅପରତ୍ୱ'**; ଯାହା ଦ୍ୱାରା ଭଲ-ମନ୍ଦ ଜ୍ଞାନ ହୁଏ ତାହା **'ବୁଦ୍ଧି'**; ଆନନ୍ଦର ନାମ **'ସୁଖ'**; କ୍ଲେଶର ନାମ **'ଦୁଃଖ'**; **'ଇଚ୍ଛା'**ର ଅର୍ଥ ରାଗ; **'ଦ୍ୱେଷ'**ର ଅର୍ଥ ବୈର, ବିରୋଧ; ଅନେକ ପ୍ରକାର ବଳ ଓ ପୁରୁଷାର୍ଥର ନାମ **'ପ୍ରଯତ୍ନ'**; **'ଗୁରୁତ୍ୱ'**ର ଅର୍ଥ ହାଲୁକା, ଭାରୀ; **'ଦ୍ରବତ୍ୱ'** ମାନେ ତରଳିବା; **'ସ୍ନେହ'**ର ଅର୍ଥ ପ୍ରୀତି ଓ ସ୍ନିଗ୍ଧତା; ଅନ୍ୟର ସଂଯୋଗରେ ଯେଉଁ ବାସନା ହୁଏ ତାହା **'ସଂସ୍କାର'**; **'ଧର୍ମ'**ର ଅର୍ଥ ନ୍ୟାୟାଚରଣ ଓ କଠିନତା ଆଦି; **'ଅଧର୍ମ'** ଅର୍ଥାତ୍ ଅନ୍ୟାୟାଚରଣ ଓ ବସ୍ତୁରେ ଥିବା କଠିନତାର ବିରୁଦ୍ଧ ଥିବା କୋମଳତା ଆଦି– ଏ ୨୪ଟି **'ଗୁଣ'** ଅଟେ ।

**ଉତ୍କ୍ଷେପଣମବକ୍ଷେପଣମାକୁଞ୍ଚନଂ ପ୍ରସାରଣଂ ଗମନମିତି କର୍ମାଣି ।** (ବୈଶେ. ୧:୧:୭)

**(ଉତ୍କ୍ଷେପଣ)** ଉପରକୁ ଫିଙ୍ଗିବା, **(ଅବକ୍ଷେପଣ)** ତଳକୁ ପକାଇବା, **(ଆକୁଞ୍ଚନ)** ସଂକୋଚ କରିବା ବା ଜାକି ଦେବା, **(ପ୍ରସାରଣ)** ବିସ୍ତାର କରିବା, **(ଗମନ)** ସାମାନ୍ୟ ଭାବେ ଗତି କରିବା ଅର୍ଥାତ୍ ଚାଲିବା, ଯିବା-ଆସିବା, ବୁଲିବା ଆଦି– ଏସବୁକୁ **'କର୍ମ'** କୁହାଯାଏ । କର୍ମର ଲକ୍ଷଣ ହେଲା–

**ଏକଦ୍ରବ୍ୟମଗୁଣଂ ସଂୟୋଗବିଭାଗେଷ୍ୱନପେକ୍ଷକାରଣମିତି କର୍ମଲକ୍ଷଣମ୍ ।** (ବୈଶେ. ୧:୧:୧୭)

**'ଏକଂ ଦ୍ରବ୍ୟମାଶ୍ରୟ ଆଧାରୋ ୟସ୍ୟ ତଦେକଦ୍ରବ୍ୟମ୍, ନ ବିଦ୍ୟତେ ଗୁଣୋ ୟସ୍ୟ ୟସ୍ମିନ୍ ବା ତଦଗୁଣମ୍, ସଂୟୋଗେଷୁ ବିଭାଗେଷୁ ଚାଽପେକ୍ଷାରହିତଂ କାରଣଂ ତତ୍କର୍ମଲକ୍ଷଣମ୍' ।** ଅଥବା– **'ୟତ୍ କ୍ରିୟତେ ତତ୍ କର୍ମ, ଲକ୍ଷ୍ୟତେ ୟେନ ତଲ୍ଲକ୍ଷଣମ୍ । କର୍ମଣୋ ଲକ୍ଷଣଂ କର୍ମଲକ୍ଷଣମ୍ ।'** ଏକ ଦ୍ରବ୍ୟରେ ଆଶ୍ରିତ, ଗୁଣରୁ ରହିତ, ସଂଯୋଗ-ବିଭାଗରେ ଅନ୍ୟର ଅପେକ୍ଷା ରହିତ କାରଣକୁ **'କର୍ମ'** କହନ୍ତି ।

**ଦ୍ରବ୍ୟଗୁଣକର୍ମଣାଂ ଦ୍ରବ୍ୟଂ କାରଣଂ ସାମାନ୍ୟମ୍ ।** (ବୈଶେ. ୧:୧:୧୮)

ଯାହା କାର୍ଯ୍ୟ-ଦ୍ରବ୍ୟ, ଗୁଣ ଓ କର୍ମର 'କାରଣ ଦ୍ରବ୍ୟ', ତାହା **'ସାମାନ୍ୟ ଦ୍ରବ୍ୟ'** ଅଟେ ।

**ଦ୍ରବ୍ୟାଣାଂ ଦ୍ରବ୍ୟଂ କାର୍ଯ୍ୟଂ ସାମାନ୍ୟମ୍ ।** (ବୈଶେ. ୧:୧:୨୩)

ଯାହା ଦ୍ରବ୍ୟଗୁଡ଼ିକର କାର୍ଯ୍ୟ-ଦ୍ରବ୍ୟ, କାର୍ଯ୍ୟତ୍ୱ ଦୃଷ୍ଟିରୁ ତାହା ସମସ୍ତ କାର୍ଯ୍ୟରେ **ସାମାନ୍ୟ** ଅଟେ ।

**ଦ୍ରବ୍ୟତ୍ୱଂ ଗୁଣତ୍ୱଂ କର୍ମତ୍ୱଂ ଚ ସାମାନ୍ୟାନି ବିଶେଷାଶ୍ଚ ।** (ବୈଶେ. ୧:୨:୫)

ଦ୍ରବ୍ୟଗୁଡ଼ିକ ମଧ୍ୟରେ ଦ୍ରବ୍ୟତ୍ୱ, ଗୁଣଗୁଡ଼ିକ ମଧ୍ୟରେ ଗୁଣତ୍ୱ ଓ କର୍ମମାନଙ୍କ ମଧ୍ୟରେ କର୍ମତ୍ୱ– ଏସବୁ **'ସାମାନ୍ୟ'** ଓ **'ବିଶେଷ'** ଉଭୟ ଥାଏ । କାରଣ, ଦ୍ରବ୍ୟମାନଙ୍କ ମଧ୍ୟରେ ଦ୍ରବ୍ୟତ୍ୱ ସାମାନ୍ୟ ଅଟେ ଏବଂ ଗୁଣତ୍ୱ ଓ କର୍ମତ୍ୱ ଅପେକ୍ଷା ଦ୍ରବ୍ୟତ୍ୱ ବିଶେଷ ଅଟେ । ଅନ୍ୟ ସବୁ କ୍ଷେତ୍ରରେ ବି ଏହିପରି ବୁଝିବା ଉଚିତ ।

**ସାମାନ୍ୟଂ ବିଶେଷ ଇତି ବୁଦ୍ଧ୍ୟପେକ୍ଷମ୍ ।** (ବୈଶେ. ୧:୨:୩)

'ସାମାନ୍ୟ' ଓ 'ବିଶେଷ'– ଏହା ବୁଦ୍ଧି ବା ଜ୍ଞାନ ଆଧାରରେ ସିଦ୍ଧ ହୋଇଥାଏ । ଯଥା– ମଣିଷମାନଙ୍କ ଭିତରେ 'ମନୁଷ୍ୟତ୍ୱ' ସାମାନ୍ୟ ଅଟେ ଓ ପଶୁତ୍ୱଠାରୁ ମନୁଷ୍ୟତ୍ୱ ବିଶେଷ ଅଟେ । ସେହିପରି ନାରୀତ୍ୱ ଓ ପୁରୁଷତ୍ୱ ବି

ଏ ଭିତରେ ବିଶେଷ ଅଟେ । ମଣିଷ ଭିତରେ ବ୍ରାହ୍ମଣତ୍ୱ, କ୍ଷତ୍ରିୟତ୍ୱ, ବୈଶ୍ୟତ୍ୱ ଓ ଶୂଦ୍ରତ୍ୱ ବି ବିଶେଷ ଅଟେ । ବ୍ରାହ୍ମଣମାନଙ୍କଠାରେ ବ୍ରାହ୍ମଣତ୍ୱ ସାମାନ୍ୟ; କିନ୍ତୁ କ୍ଷତ୍ରିୟାଦିଙ୍କଠାରୁ 'ବିଶେଷ' ଅଟେ । ସର୍ବତ୍ର ଏପରି ବୁଝିବା ଉଚିତ ।

**ଇହେଦମିତି ଯତଃ କାର୍ଯକାରଣୟୋଃ ସଃ ସମବାୟଃ ।** (ବୈଶେ. ୭:୨:୨୬)

ଏଥିରେ ଏହା ଆଶ୍ରିତ; ଯଥା – ଦ୍ରବ୍ୟରେ କ୍ରିୟା, ଗୁଣୀରେ ଗୁଣ, ବ୍ୟକ୍ତିରେ ଜାତି, ଅବୟବୀରେ ଅବୟବ; କାରଣରେ କାର୍ଯ୍ୟ, ଏବଂ କ୍ରିୟା ଓ କ୍ରିୟାବାନ୍ ଦ୍ରବ୍ୟ, ଗୁଣ ଓ ଗୁଣୀ, ଜାତି ଓ ବ୍ୟକ୍ତି, କାର୍ଯ୍ୟ ଓ କାରଣ, ଅବୟବ ଓ ଅବୟବୀ – ଏସବୁରେ ଥିବା ନିତ୍ୟ ସମ୍ବନ୍ଧକୁ **'ସମବାୟ ସମ୍ବନ୍ଧ'** କୁହାଯାଏ । ଦୁଇଟି ଭିନ୍ନ ଦ୍ରବ୍ୟ ମଧ୍ୟରେ ଯେଉଁ ସମ୍ବନ୍ଧ ହୁଏ, ତାହା ସଂଯୋଗ ସମ୍ବନ୍ଧ ବା ଅନିତ୍ୟ ସମ୍ବନ୍ଧ ଅଟେ ।

**ଦ୍ରବ୍ୟଗୁଣୟୋଃ ସଜାତୀୟାରମ୍ଭକତ୍ୱଂ ସାଧର୍ମ୍ୟମ୍ ।** (ବୈଶେ. ୧:୧:୯)

ଦ୍ରବ୍ୟ ଓ ଗୁଣର ସମଜାତୀୟ କାର୍ଯ୍ୟର ଆରମ୍ଭକୁ **'ସାଧର୍ମ୍ୟ'** କହନ୍ତି । ଯଥା – ପୃଥିବୀରେ ଜଡ଼ତ୍ୱ ଧର୍ମ ଓ ଘଟାଦି କାର୍ଯ୍ୟ-ଉତ୍ପାଦକତ୍ୱ ସ୍ୱସଦୃଶ ଧର୍ମ ଅଛି । ସେହିପରି ଜଳରେ ବି ଜଡ଼ତ୍ୱ ଓ ବରଫ ଆଦି ସ୍ୱସଦୃଶ କାର୍ଯ୍ୟର ଆରମ୍ଭ ଅଛି । ଏପରି ଭାବେ ପୃଥିବୀ ସହ ଜଳର ଓ ଜଳ ସହ ପୃଥିବୀର ସାଦୃଶ୍ୟ ଧର୍ମ, ସାଧର୍ମ୍ୟ ଅଛି । ଉପରୋକ୍ତ ସୂତ୍ରରୁ ନିଷ୍କର୍ଷ ବାହାରେ – **'ଦ୍ରବ୍ୟଗୁଣୟୋର୍ବିଜାତୀୟାରମ୍ଭକତ୍ୱଂ ବୈଧର୍ମ୍ୟମ୍'** – ଦୁଇଟି ଦ୍ରବ୍ୟ ଓ ଗୁଣ ମଧ୍ୟରେ ବିରୁଦ୍ଧ, ଅସମାନ ଧର୍ମ ଓ କାର୍ଯ୍ୟର ଆରମ୍ଭକୁ **'ବୈଧର୍ମ୍ୟ'** କହନ୍ତି । ଯଥା –ପୃଥିବୀର କଠିନତ୍ୱ, ଶୁଷ୍କତ୍ୱ ଓ ଗନ୍ଧବତ୍ତ୍ୱ ଧର୍ମ ଜଳର ବିରୁଦ୍ଧ ଧର୍ମ ଏବଂ ଜଳର ଦ୍ରବତ୍ୱ, କୋମଳତା ଓ ରସଗୁଣଯୁକ୍ତତା ପୃଥିବୀ ତତ୍ତ୍ୱର ବିରୁଦ୍ଧ, ଅସମାନ ଧର୍ମ ।

**କାରଣଭାବାତ୍ କାର୍ଯଭାବଃ ।** (ବୈଶେ. ୪:୧: ୩)

କାରଣ ଥିଲେ ହିଁ କାର୍ଯ୍ୟ ହୁଏ ।

**କାରଣାଽଭାବାତ୍ କାର୍ଯାଽଭାବଃ ।** (ବୈଶେ. ୧:୨:୧)

କାରଣ ନଥିଲେ, କାର୍ଯ୍ୟ କଦାପି ହୁଏ ନାହିଁ ।

**ନ ତୁ କାର୍ଯାଭାବାତ୍ କାରଣାଭାବଃ ।** (ବୈଶେ. ୧:୨:୨)

କିନ୍ତୁ କାର୍ଯ୍ୟର ଅଭାବରେ, କାରଣର ଅଭାବ ହୋଇଯାଏ ନାହିଁ ।

**କାରଣଗୁଣପୂର୍ବକଃ କାର୍ଯଗୁଣୋ ଦୃଷ୍ଟଃ ।** (ବୈଶେ. ୨:୧:୨୪)

କାରଣରେ ଯେପରି ଗୁଣ ଥାଏ, କାର୍ଯ୍ୟରେ ବି ସେପରି ହିଁ ଗୁଣ ରହେ ।

**'ପରିମାଣ'** ଦୁଇ ପ୍ରକାରର –

**ଅଣୁମହଦିତି ତସ୍ମିନ୍ ବିଶେଷଭାବାଦ୍ ବିଶେଷାଭାବାଚ୍ଚ ।** (ବୈଶେ. ୭:୧:୧୧)

**(ଅଣୁ)** କ୍ଷୁଦ୍ର ଓ **(ମହତ୍)** ବୃହତ୍, ସାନ ଓ ବଡ଼ ଏ ଦୁଇଟି ସାପେକ୍ଷ ଅଟନ୍ତି । ଯଥା – 'ତ୍ରସରେଣୁ' ଲିକ୍ଷାଠାରୁ ଛୋଟ ଓ 'ଦ୍ୱ୍ୟଣୁକ' ଠାରୁ ବଡ଼, ପାହାଡ଼ ପୃଥିବୀଠାରୁ ସାନ ଓ ବୃକ୍ଷଠାରୁ ବଡ଼ ।

**ସଦିତି ଯତୋ ଦ୍ରବ୍ୟଗୁଣକର୍ମସୁ ସା ସତ୍ତା ।** (ବୈଶେ. ୧:୨:୭)

ଦ୍ରବ୍ୟ, ଗୁଣ ଓ କର୍ମରେ ଯେଉଁ 'ସତ୍' ଶବ୍ଦ ଅନ୍ୱିତ ଥାଏ; ଯଥା – **(ସଦ୍ ଦ୍ରବ୍ୟମ୍, ସଦ୍ ଗୁଣଃ, ସତ୍-କର୍ମ)**ସତ୍ ଦ୍ରବ୍ୟ, ସତ୍ ଗୁଣ, ସତ୍ କର୍ମ ଅର୍ଥାତ୍ ବର୍ତ୍ତମାନ କାଳବାଚୀ ଶବ୍ଦର ଯେଉଁ ଅନ୍ୱୟ ଏସବୁ ସହ ରହିଥାଏ,

ତାହା ସତ୍ତା ।

**ଭାବୋଽନୁବୃତ୍ତେରେବ ହେତୁତ୍ୱାତ୍ ସାମାନ୍ୟମେବ ।** (ବୈଶେ. ୧:୨:୪)

ଯାହା ସମସ୍ତଙ୍କ ସହ ଅନୁବର୍ତ୍ତମାନ ହୋଇଥିବାରୁ ସତ୍ତା ରୂପକ ଭାବ ଅଟେ, ତାହାକୁ **'ମହାସାମାନ୍ୟ'** କହନ୍ତି । ଏସବୁ ଭାବ ଦ୍ରବ୍ୟ ବିଷୟକ କଥନ ହେଲା । ବର୍ତ୍ତମାନ **ଅଭାବ** ବିଷୟରେ ଚିନ୍ତନ କରିବା । **ଅଭାବ** ପାଞ୍ଚ ପ୍ରକାରର –

**କ୍ରିୟାଗୁଣବ୍ୟପଦେଶାଭାବାତ୍ ପ୍ରାଗସତ୍ ।** (ବୈଶେ. ୯:୧:୧)

କ୍ରିୟା ଓ ଗୁଣର ବିଶେଷ ନିମିତ୍ତର ଅଭାବରେ କାର୍ଯ୍ୟଦ୍ରବ୍ୟର ଉତ୍ପତ୍ତି ପୂର୍ବରୁ ତା' ସତ୍ତା **(ଅସତ୍)** ନ ଥିଲା । ଏହି ଅଭାବକୁ **'ପ୍ରାଗଭାବ'** କୁହାଯାଏ । ଯଥା – ଘଟ ଓ ବସ୍ତ୍ର ଆଦି ତିଆରି ହେବା ପୂର୍ବରୁ ନ ଥିଲା । ଦ୍ୱିତୀୟଟି –

**ସଦସତ୍ ।** (ବୈଶେ. ୯:୧:୨)

ଯାହା ଉତ୍ପନ୍ନ ହୋଇ ପରେ ପୁଣି ନଷ୍ଟ ହୋଇଯାଏ, ନଷ୍ଟ ହେବା ପରେ ସେ ବସ୍ତୁର ସେହି ଅଭାବକୁ **'ପ୍ରଧ୍ୱଂସାଭାବ'** କୁହାଯାଏ । ଯଥା – ମାଟି ହାଣ୍ଡିଟିଏ ତିଆରି ହୋଇଥିଲା, ପରେ କୌଣସି କାରଣରୁ ଭାଙ୍ଗିଗଲା । ଭାଙ୍ଗିଯିବା ପରେ ସେ ହାଣ୍ଡିର ଅସ୍ତିତ୍ୱ ନାହିଁ । ତୃତୀୟଟି –

**ସଚ୍ଚାସତ୍ ।** (ବୈଶେ. ୯:୧:୪)

ଯାହା ଅଛି ବି, ନାହିଁ ମଧ୍ୟ । ଅର୍ଥାତ୍ ଯାହା ଗୋଟିକରେ ଅଛି; କିନ୍ତୁ ଅନ୍ୟଟିରେ ନାହିଁ, ଦୁଇଟି ବସ୍ତୁ ମଧ୍ୟରେ ଥିବା ଏଭଳି ପାରସ୍ପରିକ ଅଭାବକୁ **'ଅନ୍ୟୋଽନ୍ୟାଭାବ'** କହନ୍ତି । ଯଥା – **'ଅଗୌରଶ୍ୱୋଽନଶ୍ୱୋ ଗୌଃ' –** ଘୋଡ଼ାଟି ଗାଇ ନୁହେଁ କି ଗାଇଟି ଘୋଡ଼ା ନୁହେଁ । ଘୋଡ଼ାରେ ଗାଇର ଅଭାବ ଓ ଗାଇରେ ଅଶ୍ୱ ବା ଘୋଡ଼ାର ଅଭାବ ଅଛି ଏବଂ ଗାଇରେ ଗାଇର ଓ ଘୋଡ଼ାରେ ଘୋଡ଼ାର ଭାବ ଅଛି । ଚତୁର୍ଥଟି –

**ଯଚ୍ଚାନ୍ୟଦସଦତସ୍ତଦସତ୍ ।** (ବୈଶେ. ୯:୧:୫)

ଯାହା ପୂର୍ବୋକ୍ତ ତିନୋଟି ଅଭାବରୁ ଅଲଗା, ତାକୁ **'ଅତ୍ୟନ୍ତାଭାବ'** କୁହାଯାଏ । 'ଅତ୍ୟନ୍ତାଭାବ'ର ଅର୍ଥ ଯାହା ଅତୀତରେ କେବେ ହୋଇନାହିଁ, ବର୍ତ୍ତମାନ ନାହିଁ କି ଭବିଷ୍ୟତରେ କେବେ ବି ହେବାର ସମ୍ଭାବନା ନାହିଁ । ଯଥା – **'ନରଶୃଙ୍ଗ'** ଅର୍ଥାତ୍ ମଣିଷର ଶିଙ୍ଗ, **'ଖପୁଷ୍ପ'** ଅର୍ଥାତ୍ ଆକାଶ-କୁସୁମ ଓ **'ବନ୍ଧ୍ୟାପୁତ୍ର'** ଅର୍ଥାତ୍ ବନ୍ଧ୍ୟା ସ୍ତ୍ରୀର ପୁଅ । ପଞ୍ଚମଟି –

**ନାସ୍ତି ଘଟୋ ଗେହ ଇତି ସତୋ ଘଟସ୍ୟ ଗେହସଂସର୍ଗପ୍ରତିଷେଧଃ ।** (ବୈଶେ. ୯:୧:୧୦)

କୌଣସି ବସ୍ତୁ ଗୋଟିଏ ସ୍ଥାନରେ ନ ଥାଇ ଅନ୍ୟ ଏକ ସ୍ଥାନରେ ବିଦ୍ୟମାନ ଥିଲେ, ପ୍ରଥମ ସ୍ଥାନ ସହ ଉକ୍ତ ପଦାର୍ଥର ସଂସର୍ଗର ଅଭାବକୁ **'ସଂସର୍ଗାଭାବ'** କହନ୍ତି । ଯଥା – ଏ ଘରେ ମାଠିଆ ନାହିଁ; କିନ୍ତୁ ଅନ୍ୟ ସ୍ଥାନରେ ଅଛି । ଏ କ୍ଷେତ୍ରରେ ଏହି ଘର ସହ ମାଠିଆର ସମ୍ବନ୍ଧ ନାହିଁ । ଏହା **'ସଂସର୍ଗାଭାବ'** । ଏ ସବୁ ହେଲା ପାଞ୍ଚ ପ୍ରକାରର **'ଅଭାବ'** ।

**ଇନ୍ଦ୍ରିୟଦୋଷାତ୍ ସଂସ୍କାରଦୋଷାଚ୍ଚାବିଦ୍ୟା ।** (ବୈଶେ. ୯:୨:୧୦)

ଇନ୍ଦ୍ରିୟ-ଦୋଷରୁ ଓ ସଂସ୍କାର-ଦୋଷରୁ **'ଅବିଦ୍ୟା'** ଉତ୍ପନ୍ନ ହୁଏ ।

**ତଦ୍ ଦୁଷ୍ଟଂ ଜ୍ଞାନମ୍ ।** (ବୈଶେ. ୯:୨:୧୧)

ଦୁଷ୍ଟ ଜ୍ଞାନ ବା ବିପରୀତ ଜ୍ଞାନକୁ **'ଅବିଦ୍ୟା'** କହନ୍ତି ।

**ଅଦୁଷ୍ଟଂ ବିଦ୍ୟା ।** (ବୈଶେ. ୯:୨:୧୨)

ଦୋଷରହିତ ବା ଯଥାର୍ଥ ଜ୍ଞାନକୁ **'ବିଦ୍ୟା'** କୁହାଯାଏ ।

**ପୃଥିବ୍ୟାଦିରୂପରସଗନ୍ଧସ୍ପର୍ଶା ଦ୍ରବ୍ୟାନିତ୍ୟତ୍ୱାଦନିତ୍ୟାଶ୍ଚ ।**

**ଏତେନ ନିତ୍ୟେଷୁ ନିତ୍ୟତ୍ୱମୁକ୍ତମ୍ ।** (ବୈଶେ. ୭:୧:୨,୩)

କାର୍ଯ୍ୟରୂପ ପୃଥିବୀ ଆଦି ପଦାର୍ଥ ଓ ସେସବୁରେ ଥିବା ରୂପ, ରସ, ଗନ୍ଧ, ସ୍ପର୍ଶ ଗୁଣ ଅନିତ୍ୟ ଅଟନ୍ତି; କାହିଁକି ନା କାର୍ଯ୍ୟ ଦ୍ରବ୍ୟ ଅନିତ୍ୟ ହୋଇଥିବାରୁ ସେସବୁର ଗୁଣଗୁଡ଼ିକ ବି ଅନିତ୍ୟ । ଏଥିରୁ ଏହି ନିଷ୍କର୍ଷ ବାହାରେ ଯେ ଏ ସବୁର କାରଣରୂପକ ପୃଥିବୀ ଆଦି ନିତ୍ୟ ଦ୍ରବ୍ୟରେ ଥିବା ଗନ୍ଧାଦି ଗୁଣ 'ନିତ୍ୟ' ଅଟନ୍ତି ।

**ସଦକାରଣବନ୍ନିତ୍ୟମ୍ ।** (ବୈଶେ. ୪:୧:୧)

ଯାହା ବିଦ୍ୟମାନ ଅଛି, କିନ୍ତୁ ଯାହାର କୌଣସି କାରଣ ନାହିଁ ତାହା **'ନିତ୍ୟ'** ଅଟେ । ଏଥିରୁ ନିଷ୍କର୍ଷ ବାହାରେ **– ସତ୍‌କାରଣବତ୍-ଅନିତ୍ୟମ୍ –** କାରଣବିଶିଷ୍ଟ ଯେଉଁ କାର୍ଯ୍ୟରୂପକ ଦ୍ରବ୍ୟ, ଗୁଣ ଅଛି, ସେସବୁକୁ **'ଅନିତ୍ୟ'** କହନ୍ତି ।

**ଅସ୍ୟେଦଂ କାର୍ଯ୍ୟଂ କାରଣଂ ସଂଯୋଗି-ବିରୋଧି-ସମବାୟି ଚେତି ଲୈଙ୍ଗିକମ୍ ।**

(ବୈଶେ. ୯:୨:୧)

ଅମୁକ ବସ୍ତୁ ଅମୁକ ବସ୍ତୁର କାର୍ଯ୍ୟ ଅଟେ ବା କାରଣ ଅଟେ – ଏ ଜ୍ଞାନ ସମବାୟୀ, ସଂଯୋଗୀ, ଏକାର୍ଥସମବାୟୀ ଓ ବିରୋଧୀ ଏହି ଚାରି ପ୍ରକାର **ଲୈଙ୍ଗିକ** ଅର୍ଥାତ୍ ଲିଙ୍ଗ-ଲିଙ୍ଗୀ ସମ୍ବନ୍ଧରୁ ଉତ୍ପନ୍ନ ହୋଇଥାଏ । **ସମବାୟୀ –** ଗୋଟିଏ ପଦାର୍ଥ ଅନ୍ୟ ବସ୍ତୁରେ ଅନ୍ତର୍ନିହିତ ଥିଲେ, ଗୋଟିକୁ ଜାଣିଲେ ଅନ୍ୟଟିକୁ ଜାଣି ହୁଏ । ଯଥା – ପରିମାଣ ଦ୍ୱାରା ଆକାଶକୁ । **ସଂଯୋଗୀ –** ଦୁଇଟି ଭିନ୍ନ ବସ୍ତୁ ସର୍ବଦା ଏକତ୍ର ଥିବା ହେତୁ ଗୋଟିକ ଦ୍ୱରା ଅନ୍ୟଟିକୁ ଜାଣି ହୁଏ । ଯଥା – ଅନ୍ଧାରରେ ଶରୀରର ଚର୍ମକୁ ସ୍ପର୍ଶ କରି ତା' ସହ ବିଦ୍ୟମାନ ଥିବା ଶରୀରକୁ ଜାଣିହୁଏ । **ଏକାର୍ଥସମବାୟୀ –** ଯେତେବେଳେ କୌଣସି ଦ୍ରବ୍ୟରେ ଦୁଇଟି ଗୁଣ ଏକତ୍ର ନିହିତ ଥାଏ, ସେତେବେଳେ ଗୋଟିଏ ଗୁଣ ଅନ୍ୟ ଗୁଣର ଜ୍ଞାପକ ଲିଙ୍ଗ ହୋଇଥାଏ । ଯଥା – ତୁଳାର ରୂପ ଦେଖିବା ମାତ୍ରେ ତା'ର କୋମଳ ସ୍ପର୍ଶ ସ୍ୱତଃ ମନକୁ ଆସିଥାଏ । **ବିରୋଧୀ –** ଦୁଇଟି ବସ୍ତୁ ମଧ୍ୟରେ ପାରସ୍ପରିକ ବିରୋଧ ଥିଲେ ଗୋଟିକରୁ ଅନ୍ୟଟିର ଜ୍ଞାନ ହୁଏ । ଯଥା – କଳାହାଣ୍ଡିଆ ମେଘ ଘୋଟି ଆସି ମଧ୍ୟ ବର୍ଷା ନ ହେଲେ ଏହାର ବିରୋଧୀ ପବନ ମେଘକୁ ଉଡ଼ାଇ ନେଇଛି ବୋଲି ଜାଣିହୁଏ ।

*(କ୍ରମଶଃ...)*

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

# ଜୀବନ ନିର୍ମାଣ ଶିବିର

ଧର୍ମପ୍ରେମୀ ସଜ୍ଜନବୃନ୍ଦ,

ସାଦର ନମସ୍ତେ। ମନୁଷ୍ୟ ଜୀବନ ଦୁର୍ଲଭ । ସକଳ ଦୁଃଖରୁ ଉଦ୍ଧାର ପାଇ ନିତ୍ୟ ଆନନ୍ଦ ପ୍ରାପ୍ତି ଏହାର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ମନୁଷ୍ୟ ଜୀବନର ବ୍ୟବସ୍ଥିତ, ଯୋଜନାବଦ୍ଧ ନିର୍ମାଣର ଆବଶ୍ୟକତା ଅଛି। ସମୃଦ୍ଧ, ସମୁନ୍ନତ ରାଷ୍ଟ୍ର ଓ ସମାଜ ଗଠନ ନିମନ୍ତେ ମଧ ବ୍ୟକ୍ତିର ଜୀବନ ଆସ୍ତିକ, ଉତ୍କୃଷ୍ଟ, ନୈତିକତାପୂର୍ଣ୍ଣ, ବ୍ୟବସ୍ଥିତ, ଶୃଙ୍ଖଳିତ, ଅନୁଶାସିତ ହେବା ଆବଶ୍ୟକ । ଏହି ବିଷୟକୁ ଧ୍ୟାନରେ ରଖି ଶ୍ରୁତିନ୍ୟାସ ପକ୍ଷରୁ ଏକ ତ୍ରିଦିବସୀୟ ଜୀବନ ନିର୍ମାଣ ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ କ୍ରିୟାତ୍ମକ ଯୋଗ ସାଧନା, ପଞ୍ଚମହାଯଜ୍ଞ, ଅଷ୍ଟାଙ୍ଗ ଯୋଗ, ବିବେକ-ବୈରାଗ୍ୟ-ଅଭ୍ୟାସ, ଜପବିଧି, ଈଶ୍ୱର-ସମର୍ପଣ, ସ୍ୱସ୍ୱାମୀ-ସମ୍ବନ୍ଧ ଆଦି ଅନେକ ସୂକ୍ଷ୍ମ ଆଧ୍ୟାତ୍ମିକ ବିଷୟ ସମ୍ବନ୍ଧରେ ବିସ୍ତାର ପୂର୍ବକ ମାର୍ଗଦର୍ଶନ କରାଯିବ। ଏହି ଶିବିରର-

| | | |
|---|---|---|
| **ଶିବିରାଧକ୍ଷ** | - | **ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ** (ଅଧକ୍ଷ, ଶ୍ରୁତିନ୍ୟାସ) |
| **ପ୍ରଶିକ୍ଷକ** | - | ..................... |
| **ସ୍ଥାନ** | - | **ସରସ୍ୱତୀ ବିଦ୍ୟାମନ୍ଦିର, ଗୋସାଇଁ ନୂଆଗାଁ, ବ୍ରହ୍ମପୁର** |
| **ଦିନାଙ୍କ** | - | **ତା ୧୩.୧୦.୨୦୧୬ ରିଖ ଠାରୁ ତା ୧୫.୧୦.୨୦୧୬ ରିଖ** |
| **ସମୟ** | - | **ପ୍ରାତଃ ୪.୦୦ ଠାରୁ ରାତ୍ରି ୯.୩୦ ପର୍ଯ୍ୟନ୍ତ** |
| **ପଞ୍ଜୀକରଣ ଶୁଳ୍କ** | - | **₹ ୬୦୦** |

**ବି.ଦ୍ର.:**

- ଶିବିରାର୍ଥୀ ୧୨.୧୦.୨୦୧୬ ସନ୍ଧ୍ୟା ସୁଦ୍ଧା ଶିବିର ସ୍ଥଳରେ ପହଞ୍ଚିବେ ।
- ଆବାସାଦି ବ୍ୟବସ୍ଥାର ନ୍ୟୂନତା ଆଦି ଅନେକ କାରଣରୁ ସୀମିତ ସଂଖ୍ୟକ ଶିବିରାର୍ଥୀ ଗ୍ରହଣ କରାଯିବ । ପ୍ରଥମ ଆବେଦକଙ୍କୁ ପ୍ରାଥମିକତା ଦିଆଯିବ।
- ଶିବିରରେ ଭାଗନେବାକୁ ଆଗ୍ରହୀ ସଜ୍ଜନ ଆବେଦନ ପତ୍ର ପୂରଣ କରି **ଶ୍ରୁତିନ୍ୟାସ, ସି/୭୩, ସେକ୍ଟର-୧୫, ରାଉରକେଲା-୩, ସୁନ୍ଦରଗଡ଼-୭୬୯୦୦୩** ଠିକଣାରେ ସେପ୍ଟେମ୍ବର ୨୫ ସୁଦ୍ଧା ପହଞ୍ଚାଇବା ବ୍ୟବସ୍ଥା କରିବେ । ଶିବିରରେ ଅଂଶଗ୍ରହଣର ସ୍ୱୀକୃତି ଦୂରଭାଷ ଯୋଗେ ଦିଆଯିବ । ସ୍ୱୀକୃତି ପ୍ରାପ୍ତ କରିବା ପରେ ପଞ୍ଜିକରଣ ଶୁଳ୍କ ସଂପାଦକ, ଶ୍ରୁତିନ୍ୟାସଙ୍କ ନାମରେ ଉପରଲିଖିତ ଠିକଣାରେ ମନିଅର୍ଡର ଦ୍ୱାରା ପଠାଇ ନିଜ ନାମ ପଞ୍ଜିକରଣ କରାଇନେବେ । ପଞ୍ଜୀକରଣ ୦୫.୧୦.୨୦୧୬ ସୁଦ୍ଧା ହେବା ଆବଶ୍ୟକ। ଅନ୍ୟଥା ଶିବିରରେ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା ସମ୍ଭବ ନୁହେଁ । (ସମ୍ପର୍କ ସୂତ୍ର - ୯୮୬୧୩୩୫୩୨୧, ୯୪୩୮୦୩୨୯୯୨)
- ୧୧ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ପଞ୍ଜୀକରଣ ଆବଶ୍ୟକ ନୁହେଁ । ତଦୂର୍ଦ୍ଧ୍ୱ ବୟସର ପିଲାଙ୍କ ପଞ୍ଜୀକରଣ କରିବା ଆବଶ୍ୟକ।
- ଫେରିବା ପାଇଁ ରେଳରେ ସଂରକ୍ଷଣ ଆବଶ୍ୟକ ହେଲେ ପୂର୍ବରୁ ହିଁ କରିଥିବେ ।
- ଶିବିରାର୍ଥୀ ସାଥିରେ ସନ୍ଧ୍ୟୋପାସନା, ଯଜ୍ଞବିଧି, ସଂସ୍କୃତି ଜ୍ଞାନ ପୁସ୍ତକ, କଲମ, ଖାତା, ଟର୍ଚ୍ଚ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ନେଇ ଆସିବେ ।
- ପୁରୁଷମାନେ ଧୋତି-କୁର୍ତ୍ତା, ମହିଳାମାନେ ଧଳା ଶାଢ଼ି ସାଙ୍ଗରେ ନେଇ ଆସିବେ ।
- ଶିବିରାର୍ଥୀ ପୂର୍ଣ୍ଣ ଅନୁଶାସନରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଭାଗ ନେବା ଆବଶ୍ୟକ। ନିୟମ ଓ ଅନୁଶାସନ ବିରୁଦ୍ଧ କାର୍ଯ୍ୟ କଲେ ଶିବିରରେ ଅଂଶଗ୍ରହଣ ସ୍ୱୀକୃତି ତୁରନ୍ତ ପ୍ରତ୍ୟାହାର କରି ନିଆଯିବ ଓ ତାଙ୍କୁ ଶିବିର ଛାଡ଼ି ଯିବାକୁ ହେବ ।
- ଶିବିର ଶୁଳ୍କ ଥରେ ଦାଖଲ ହେବା ପରେ କୌଣସି ପରିସ୍ଥିତିରେ ବି ଫେରସ୍ତ କରାଯାଇପାରିବ ନାହିଁ ।

# ଆତ୍ମୀୟ ନିବେଦନ

ବେଦ ଈଶ୍ୱରୀୟ ବାଣୀ । ଏହା ସମସ୍ତ ଜ୍ଞାନ-ବିଜ୍ଞାନର ଭଣ୍ଡାର । ବେଦର ପ୍ରତ୍ୟେକ ସିଦ୍ଧାନ୍ତ ତର୍କସଙ୍ଗତ, ବୁଦ୍ଧିସମ୍ମତ ଓ ବିଜ୍ଞାନସମ୍ମତ । ଏଥିରେ କୌଣସି ବୁଦ୍ଧିହୀନ, ତର୍କହୀନ ଓ ବିଜ୍ଞାନବିରୁଦ୍ଧ କଥା, କାହାଣୀ ନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ୍‌ଙ୍କ ଘରେ ସେମାନଙ୍କ ମୂଳ ଧର୍ମଗ୍ରନ୍ଥ ବାଇବେଲ୍ ଅଛି । ସେମାନେ ବାଇବେଲ୍ ପଢ଼ନ୍ତି ମଧ୍ୟ । ପ୍ରତ୍ୟେକ ମୁସଲମାନଙ୍କ ଘରେ ସେମାନଙ୍କ ମୂଳ ଧର୍ମଗ୍ରନ୍ଥ କୋରାନ୍ ଅଛି ଏବଂ ସେମାନେ କୋରାନ୍ ଅଧ୍ୟୟନ କରନ୍ତି । ପ୍ରତ୍ୟେକ ଶିଖଙ୍କ ଘରେ ଗୁରୁଗ୍ରନ୍ଥ ସାହେବ ଅଛି ଓ ସେମାନେ ତାହା ପାଠ କରନ୍ତି । କିନ୍ତୁ ଆମେ ପ୍ରତ୍ୟେକ ସନାତନ(ହିନ୍ଦୁ) ଧର୍ମୀ ଏ କଥା କେବେ ଆତ୍ମାବଲୋକନ କରି ଦେଖିଛେ କି ଯେ, ଆମ ଘରେ ଆମ ଧର୍ମର ମୂଳ ଧର୍ମଗ୍ରନ୍ଥ 'ବେଦ' ଅଛି କି ? ଆମ ମୂଳ ଧର୍ମଗ୍ରନ୍ଥ 'ବେଦ' ବିଷୟରେ ଆମର ସର୍ବନିମ୍ନ ଜ୍ଞାନ ବି ଅଛି କି ? ଯଦି ଆମେ ମାତା-ପିତାଦି ଅଭିଭାବକମାନେ ହିଁ ଆମ ମୂଳ ଧର୍ମଗ୍ରନ୍ଥ ବିଷୟରେ କିଛି ଜାଣିବା ନାହିଁ, ତେବେ ଆମ ସନ୍ତାନ-ସନ୍ତତି କେମିତି ଆମ ଧର୍ମର ମୌଳିକ ସିଦ୍ଧାନ୍ତ ବିଷୟରେ ଜାଣିପାରିବେ ? ଆଜିର ନୂଆ ପିଢ଼ି ଧାର୍ମିକ କାର୍ଯ୍ୟକ୍ରମ ପ୍ରତି ବିମୁଖ ହେବାର ମୂଳ କାରଣ ହେଲା ସେମାନେ ଧର୍ମ ନାମରେ ଚାଲିଥିବା କ୍ରିୟା-କର୍ମ, କଥା-କାହାଣୀ ଆଦି ବିଷୟରେ ସେମାନଙ୍କ ଜିଜ୍ଞାସା ଯେତେବେଳେ ଗୁରୁଜନ ଅଥବା ଧର୍ମ ପ୍ରଚାରକମାନଙ୍କ ଆଗରେ ଉତ୍‌ଥାପନ କରୁଛନ୍ତି, ସେତେବେଳେ ଯା'ତ ଉତ୍ତର ମିଳୁନି ଅଥବା ଯେଉଁ କେତେକ ଉତ୍ତର ମିଳୁଛି ସେ ସବୁ ସେମାନଙ୍କୁ କେବଳ ବୁଦ୍ଧିହୀନ, ତର୍କହୀନ, ଅନ୍ଧବିଶ୍ୱାସ, ପାଖଣ୍ଡପୂର୍ଣ୍ଣ ଥିବା ଅନୁଭବ ହେଉଛି । ଏଣୁ ଆମର ଉତ୍ତରଦାୟାଦମାନଙ୍କୁ ଧର୍ମ ପ୍ରତି ରୁଚି ସମ୍ପନ୍ନ କରିବା ତଥା ଆମ ଧର୍ମ ସଂସ୍କୃତିକୁ ସୁରକ୍ଷିତ ରଖିବାର ବଳିଷ୍ଠ ଓ ଏକମାତ୍ର ଉପାୟ ହେଲା ବୈଦିକ ସିଦ୍ଧାନ୍ତ ଜାଣିବା ଓ ଅନ୍ୟକୁ ଜଣାଇବା ।

ଅତୀବ ଆନନ୍ଦର ବିଷୟ ଯେ, 'ଓଟିଭି'ର ସର୍ବେ ଭବନ୍ତୁ ସୁଖିନଃ କାର୍ଯ୍ୟକ୍ରମ ଜରିଆରେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ସରଳ-ସାବଲୀଳ-ବୋଧଗମ୍ୟ ତର୍କପୂର୍ଣ୍ଣ, ବୈଜ୍ଞାନିକ ଉପାୟରେ ବୈଦିକ ସିଦ୍ଧାନ୍ତ ଉପସ୍ଥାପନା ସମାଜରେ ବେଦ ପ୍ରତି ଏକ ଅଭିରୁଚି, ନବୀନ ଉନ୍ମାଦନା ସୃଷ୍ଟି କରିପାରିଛି । ଏଣୁ ବର୍ତ୍ତମାନ ସମୟ ଆମ ଧର୍ମ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ତଥା ସଗୌରବେ ସଂସାରରେ ପ୍ରତିଷ୍ଠାପିତ କରିବାର ଏକ ସ୍ୱର୍ଣ୍ଣିମ ସମୟ । ବାସ୍ ! ଏଥିପାଇଁ ଆମମାନଙ୍କୁ ସଂଗଠିତ ଓ ଯୋଜନାବଦ୍ଧ ଭାବରେ ଟିକିଏ ପ୍ରୟାସ କରିବାକୁ ପଡ଼ିବ । 'ସର୍ବେ ଭବନ୍ତୁ ସୁଖିନଃ'ରେ ସ୍ୱାମୀଜୀଙ୍କ କାର୍ଯ୍ୟକ୍ରମ ଆମେ ଦେଖିବା ଏବଂ ଆମ ଆତ୍ମୀୟ-ବନ୍ଧୁ-ପରିଚିତଙ୍କୁ ଏହା ଦେଖିବା ପାଇଁ ପ୍ରେରିତ କରିବା । ତା' ସାଙ୍ଗକୁ ସେହି ଆଲୋଚନାଗୁଡ଼ିକୁ ଆହୁରି ପ୍ରାଞ୍ଜଳ ଭାବେ ବୁଝିବା ତଥା ସେହି ଆଲୋଚିତ ଜ୍ଞାନକୁ ଆମ ପାଖରେ ସୁରକ୍ଷିତ ରଖିବା ପାଇଁ ଆମେ 'ଶ୍ରୁତିସୌରଭ' ପତ୍ରିକାର ସଦସ୍ୟ ହେବା ଓ ଆମ ଆତ୍ମୀୟ-ସ୍ୱଜନ, ବନ୍ଧୁବାନ୍ଧବଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ପତ୍ରିକାର ସଦସ୍ୟ କରିବା । କାରଣ ଶାସ୍ତ୍ରର ନିର୍ଦ୍ଦେଶ ହେଉଛି — **'ଇଷ୍ଟଂ ଧର୍ମେଣ ଯୋଜୟେତ୍'**(ପଞ୍ଚତନ୍ତ୍ର)— ବନ୍ଧୁମାନଙ୍କ କଲ୍ୟାଣ କରିବା ପାଇଁ ହେଲେ ଜଣେ ପ୍ରକୃତ ବନ୍ଧୁର କାର୍ଯ୍ୟ ହେଲା ବନ୍ଧୁମାନଙ୍କୁ ଧର୍ମ, ସଦ୍‌ଜ୍ଞାନ ସହ ଯୋଡ଼ିବା । ତେଣୁ ଆମେ ଆମର ଅଧିକରୁ ଅଧିକ ବନ୍ଧୁମାନଙ୍କୁ ପତ୍ରିକାର ସଦସ୍ୟ କରାଇ ବୈଦିକ ବିଚାର ସହ ଯୋଡ଼ିବାକୁ ଚେଷ୍ଟାକରିବା ଅତ୍ୟନ୍ତ ମହନୀୟ, ସମାଜକଲ୍ୟାଣକର କାର୍ଯ୍ୟ । ଯେଉଁମାନେ ବର୍ତ୍ତମାନ ସୁଦ୍ଧା 'ଶ୍ରୁତିସୌରଭ' ପତ୍ରିକାର ବାର୍ଷିକ ସଦସ୍ୟ ହୋଇସାରିଛନ୍ତି, ପତ୍ରିକା ମାଧ୍ୟମରେ ପରମାତ୍ମାଙ୍କ ଦିବ୍ୟ ପ୍ରକାଶରେ ସେମାନଙ୍କ ବ୍ୟକ୍ତିଗତ ଓ ପାରିବାରିକ ଜୀବନରୁ ଅବିଦ୍ୟା-ଅନ୍ଧକାର ଦୂର କରିଚାଲିଛି, ଏହି ଦିବ୍ୟ ପ୍ରକାଶରେ ନିଜକୁ ନିରନ୍ତର ପ୍ରକାଶିତ କରି ରଖିବା ପାଇଁ ସେମାନେ ସେମାନଙ୍କ 'ବାର୍ଷିକ ସଦସ୍ୟତା'କୁ ଯଥାଶୀଘ୍ର 'ଆଜୀବନ ସଦସ୍ୟତା'ରେ ପରିବର୍ତ୍ତନ କରିଦିଅନ୍ତୁ । ଶ୍ରାବଣୀ ଉପାକର୍ମ ଚତୁର୍ଦ୍ଦିଗରେ ବେଦମୟ ବାତାବରଣ ସୃଜନର ମହାନ ପର୍ବ ହୋଇଥିବାରୁ 'ଶ୍ରୁତିସୌରଭ'ର ସମସ୍ତ ବାର୍ଷିକ ସଦସ୍ୟଙ୍କୁ ନିବେଦନ ଯେ, ସେମାନେ ଏହି ପବିତ୍ର ସାଂସ୍କୃତିକ ଅବସରରେ ନିଜ ସଦସ୍ୟତାକୁ ଆଜୀବନ ସଦସ୍ୟତାରେ ପରିବର୍ତ୍ତନ କରନ୍ତୁ । ଏଥିପାଇଁ ସେମାନଙ୍କୁ ଆଜୀବନ ଶୁଳ୍କ ରୂପେ ଆଉଥରେ ₹୧୦୦୦/- ଦେବା ପରିବର୍ତ୍ତେ ₹୯୦୦/- ଦେବାକୁ ପଡ଼ିବ । ଆଶା ଈଶ୍ୱରୀୟ ବେଦଜ୍ଞାନର ଆମ ହୃଦୟରେ ଓ ପରିବାରରେ ଦୃଢ଼ୀକରଣ ନିମନ୍ତେ ଆମେ ସମସ୍ତେ ଏ ଦିଗରେ ଅବଶ୍ୟ ଯତ୍ନବାନ ହେବା ।

**- ସଂପାଦକ**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୨୨୦ | ୪୫୯ | ୬୭୯ | ୧୭. | ନୟାଗଡ଼ | ୧୩ | ୨୯ | ୪୨ |
| ୦୨. | ଖୋର୍ଦ୍ଧା | ୧୨୯ | ୨୧୧ | ୩୪୦ | ୧୮. | ମୟୂରଭଞ୍ଜ | ୧୧ | ୪୨ | ୫୩ |
| ୦୩. | ସୁନ୍ଦରଗଡ଼ | ୮୪ | ୨୭୮ | ୩୬୨ | ୧୯. | ଜଗତସିଂହପୁର | ୦୬ | ୩୫ | ୪୧ |
| ୦୪. | ବରଗଡ଼ | ୬୭ | ୧୨୨ | ୧୮୯ | ୨୦. | ଢେଙ୍କାନାଳ | ୦୬ | ୧୭ | ୨୩ |
| ୦୫. | କୋରାପୁଟ | ୬୧ | ୧୦୪ | ୧୬୫ | ୨୧. | ବୌଦ୍ଧ | ୦୫ | ୪୫ | ୫୦ |
| ୦୬. | କଟକ | ୫୨ | ୧୦୦ | ୧୫୨ | ୨୨. | କଳାହାଣ୍ଡି | ୦୫ | ୦୯ | ୧୪ |
| ୦୭. | ବଲାଙ୍ଗିର | ୩୩ | ୧୩୨ | ୧୬୫ | ୨୩. | ଗଜପତି | ୦୪ | ୧୩ | ୧୭ |
| ୦୮. | ରାୟଗଡ଼ା | ୩୨ | ୬୩ | ୯୫ | ୨୪. | ଝାରସୁଗୁଡ଼ା | ୦୪ | ୦୪ | ୦୮ |
| ୦୯. | ବାଲେଶ୍ୱର | ୩୧ | ୪୨ | ୭୩ | ୨୫. | ଯାଜପୁର | ୦୩ | ୩୪ | ୩୭ |
| ୧୦. | ପୁରୀ | ୨୨ | ୨୫ | ୪୭ | ୨୬. | କେନ୍ଦ୍ରାପଡ଼ା | ୦୨ | ୧୧ | ୧୩ |
| ୧୧. | କନ୍ଧମାଳ | ୨୧ | ୧୨୯ | ୧୫୦ | ୨୭. | କେନ୍ଦୁଝର | ୦୨ | ୦୭ | ୦୯ |
| ୧୨. | ସୁବର୍ଣ୍ଣପୁର | ୨୧ | ୬୫ | ୮୬ | ୨୮. | ଦେବଗଡ଼ | ୦୧ | ୧୦ | ୧୧ |
| ୧୩. | ସମ୍ବଲପୁର | ୧୯ | ୭୯ | ୯୮ | ୨୯. | ନୂଆପଡ଼ା | ୦୧ | ୦୩ | ୦୪ |
| ୧୪. | ଅନୁଗୁଳ | ୧୬ | ୩୫ | ୫୧ | ୩୦. | ନବରଙ୍ଗପୁର | ୦ | ୦୪ | ୦୪ |
| ୧୫. | ମାଲକାନଗିରି | ୧୫ | ୪୯ | ୬୪ | ୩୧. | ଅନ୍ୟାନ୍ୟ | ୨୨ | ୧୮ | ୪୦ |
| ୧୬. | ଭଦ୍ରକ | ୧୫ | ୧୫ | ୩୦ | | **ମୋଟ** | **୯୨୩** | **୨୧୯୧** | **୩୧୧୪** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୟାସାଗର ସାହୁ | ଗଞ୍ଜାମ | ୩୧ | ୦୮ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | କନ୍ଧମାଳ | ୧୬ | ୧୦୯ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୨୩ | ୩୬ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୨୪ | ୦୬ |
| ଶ୍ରୀମାନ୍ ଆର୍.ମୋହନ ରେଡ୍ଡି | ଗଞ୍ଜାମ | ୧୮ | ୪୧ |
| ଶ୍ରୀମାନ୍ ପରୀକ୍ଷିତ ଦାସ | ବରଗଡ଼ | ୧୮ | ୨୩ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୧୭ | ୧୮ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୧୭ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୧୬ | ୦୩ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୧୩ | ୩୫ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୫ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୨ | ୨୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୩ | ୦୬ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୧୦ | ୩୪ |
| ଶ୍ରୀମାନ୍ ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୦ | ୩୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୧୦ | ୩୩ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୭ | ୬୯ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୧୨ | ୦୮ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୧ | ୧୪ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୦୭ | ୩୭ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୦ | ୦୬ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୨ |
| ଶ୍ରୀମାନ୍ ଚନ୍ଦନ କୁମାର ସାହୁ | କୋରାପୁଟ | ୧୦ | ୦୧ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୦୭ | ୨୮ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୦୭ | ୨୭ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୦୬ | ୨୯ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୦୬ | ୨୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ନାରାୟଣ ପଣ୍ଡା | ଗଞ୍ଜାମ | ୦୫ | ୨୩ |
| ଡଃ. ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୯ |
| ଶ୍ରୀମାନ୍ ଅଭିମନ୍ୟୁ ମହାରଣା | କୋରାପୁଟ | ୦୬ | ୦୬ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୬ | ୦୩ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | ବୌଦ୍ଧ | ୦୩ | ୩୩ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୩ | ୩୧ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୧ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୧ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୭ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୪ | ୧୬ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୨ |
| ଶ୍ରୀମାନ୍ ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୩ | ୨୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୦୪ | ୦୯ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୪ | ୦୯ |
| ଡା. ଯଦୁମଣି ନାୟକ | ବରଗଡ଼ | ୦୪ | ୦୭ |
| ଶ୍ରୀମତୀ ଉଷା ପାଢ଼ୀ | ଗଞ୍ଜାମ | ୦୪ | ୦୭ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୪ | ୦୬ |

କ୍ରମଶଃ...

# ସମାଚାର ସଂସାର

## ଫୁଲବାଣୀରେ ଜୀବନ ନିର୍ମାଣ ଶିବିର

ଫୁଲବାଣୀ ବେଦ ପ୍ରଚାର ସମିତି ପକ୍ଷରୁ ଫୁଲବାଣୀରେ ଅପ୍ରେଲ ୩ରେ ଏକ ଜୀବନ ନିର୍ମାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରାଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ପରିବାରକୁ ବୈଦିକ ବିଚାରରେ ଅନୁପ୍ରାଣିତ କରିବା ଆଜିର ଆହ୍ୱାନ ବୋଲି ବିଚାର ଉପସ୍ଥାପନା କରିଥିଲେ। ଆମେ ମାତା-ପିତାମାନେ ଦେଉଥିବା ସଦୁପଦେଶ ଯେପରି ସନ୍ତାନ ପାଇଁ କଲ୍ୟାଣକାରୀ, ସେହିପରି ସକଳ ସଂସାରର ମାତା-ପିତା ପରମାତ୍ମାଙ୍କ ଉପଦେଶ ବେଦ ତାଙ୍କର ସନ୍ତାନ ସମଗ୍ର ମନୁଷ୍ୟଜାତି ପାଇଁ ହିତକାରୀ। ମାତା-ପିତାଙ୍କର ସଦୁପଦେଶ ପାଳନ କରୁନଥିବା, ତା'ର ବିରୁଦ୍ଧାଚରଣ କରୁଥିବା ସନ୍ତାନକୁ ଯେପରି କୁସନ୍ତାନ କୁହାଯାଏ, ସେହିପରି ପରମାତ୍ମାଙ୍କ ଉପଦେଶ ବେଦର ଅନୁକୂଳ ଆଚରଣ ନ କରିବା, ତା'ର ବିରୁଦ୍ଧ ପୂଜା-ପାଠ ଆଦି କରୁଥିବା ଆମେ ବ୍ୟକ୍ତିମାନେ କୁସନ୍ତାନ ନୋହୁଁ କି ? 'ସୁ' ରେ ହିଁ ଲୌକିକ-ପାରଲୌକିକ କଲ୍ୟାଣ। ଏଣୁ ଆମେ ସମସ୍ତେ ଈଶ୍ୱରୀୟ ବାଣୀ ବେଦର ସ୍ୱାଧ୍ୟାୟ, ବେଦାନୁକୂଳ ସନ୍ଧ୍ୟୋପାସନା-ଅଗ୍ନିହୋତ୍ର ଆଦି ଧର୍ମାଚରଣ କରିବା ତଥା ବେଦବିରୁଦ୍ଧ ମୂର୍ତ୍ତିପୂଜା, ଓଷା-ବ୍ରତ-ଉପବାସ ପରିତ୍ୟାଗ କରିବା ଆତ୍ମକଲ୍ୟାଣ ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ସ୍ୱାମୀଜୀ ବୁଝାଇଥିଲେ। ବେଦ ପ୍ରଚାର ସମିତିର ସୁବର୍ଣ୍ଣପୁର ବିଭାଗ (ସୁବର୍ଣ୍ଣପୁର, ବୌଦ୍ଧ ଓ ଫୁଲବାଣୀ ଜିଲ୍ଲା)ର ସଂଯୋଜକ ପଙ୍କଜ ମେହେର ପଞ୍ଚମହାଯଜ୍ଞର ଉପକାରିତା ଓ ଅନିବାର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। ସୁବର୍ଣ୍ଣପୁର ବେଦ ପ୍ରଚାର ସମିତିର କାର୍ଯ୍ୟକର୍ତ୍ତାଗଣ ଯଜ୍ଞ ସଞ୍ଚାଳନ ଓ ଭଜନ ପରିବେଷଣ କରିଥିଲେ। ଶିବିରରେ ପ୍ରାୟ ୨୫୦ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ବହୁ ଶିବିରାର୍ଥୀ 'ଶ୍ରୁତିସୌରଭ'ର ସଦସ୍ୟ ହୋଇଥିଲେ ତଥା ଅନେକେ ସେମାନଙ୍କ ସଦସ୍ୟତା 'ବାର୍ଷିକ' ରୁ 'ଆଜୀବନ'କୁ ପରିବର୍ତ୍ତିତ କରିଥିଲେ। ସୁରେଶ ଚନ୍ଦ୍ର ଆଚାର୍ଯ୍ୟ, ସୁନୀଲ କୁମାର ଗରିଆ, କୈଳାସ ଚନ୍ଦ୍ର ପାଢ଼ୀ, ଗୌରଚରଣ ବିଶ୍ୱାଳ, ପୀତାମ୍ବର ମେହେର, ଉପେନ୍ଦ୍ର କହଁର, ଗୋପାଳକୃଷ୍ଣ ପାଢି, ଯୋଗେଶ୍ୱର ପଣ୍ଡା, କ୍ଷମାନିଧି ପ୍ରଧାନ, ବିଦେଶୀ ସାହୁ, ନୃସିଂହ ଚରଣ ବେହେରା ପ୍ରମୁଖ କର୍ମକର୍ତ୍ତାଙ୍କ ସଦୁଦ୍ୟମରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ବ୍ରହ୍ମପୁରର ବେଦ ପ୍ରବଚନ

ଏମ୍.କେ.ସି.ଜି. ମେଡିକାଲ୍ କଲେଜ ଛାତ୍ରସଂସଦ ପକ୍ଷରୁ ଚିକିତ୍ସାଳୟର ଅଡିଟୋରିୟମ୍‌ରେ ଅପ୍ରେଲ ୮ରୁ ୧୦ ପର୍ଯ୍ୟନ୍ତ ତ୍ରିଦିବସୀୟ ବେଦ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁରର ମାନ୍ୟବର ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ (ବି.ଡି.ଏ)ର ଅଧ୍ୟକ୍ଷ ଶ୍ରୀ ସୁବାସ ଚନ୍ଦ୍ର ମହାରଣା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମାନ୍ୟବର ବିଧାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ, ମନୁଷ୍ୟ ଜୀବନକୁ ଶୃଙ୍ଖଳିତ, ନୈତିକତାପୂର୍ଣ୍ଣ, ସୁଖ-ଶାନ୍ତି-ଆନନ୍ଦମୟ କରିବା ପାଇଁ ପରମାତ୍ମା ବେଦ ମାଧ୍ୟମରେ ଓ ଆମ ଋଷି-ମୁନିମାନେ ରାଶି-ରାଶି ଗ୍ରନ୍ଥ ମାଧ୍ୟମରେ ଯେଉଁ ଜ୍ଞାନ ଦେଇଯାଇଛନ୍ତି ସ୍ୱାମୀ ସୁଧାନନ୍ଦ ସରସ୍ୱତୀ 'ସର୍ବେ ଭବନ୍ତୁ ସୁଖିନଃ' କାର୍ଯ୍ୟକ୍ରମ ମାଧ୍ୟମରେ ତାହାକୁ ଘରେ-ଘରେ ପହଞ୍ଚାଉଛନ୍ତି ତଥା ଆମକୁ ସେ ଜ୍ଞାନର ଅଧିକ ନିକଟବର୍ତ୍ତୀ କରିବା ପାଇଁ ଏ ପ୍ରବଚନ କାର୍ଯ୍ୟକ୍ରମର ଆୟୋଜନ। ବେଦ-ଜ୍ଞାନର ମାର୍ଗରେ ଗତି କରି ହିଁ ଆମ ଜୀବନ କୁସଂସ୍କାରରୁ ଊର୍ଦ୍ଧ୍ୱକୁ ଉଠି ସୁସଂସ୍କାରିତ ହୋଇପାରିବ, ବ୍ୟକ୍ତିଗତ-ପାରିବାରିକ-ସାମାଜିକ-ପରିବେଶଗତ କଲ୍ୟାଣ ଯଥାର୍ଥ ରୂପେ ହୋଇପାରିବ ବୋଲି ଶ୍ରୀ ସୁବାସ ମହାରଣାଙ୍କ ସନ୍ଦେଶ ଥିଲା। ସ୍ୱାମୀଜୀ କହିଲେ ଯେ, ଋଷିମାନଙ୍କ ସନ୍ଦେଶ ହେଲା —**'ଧର୍ମାତ୍ ସୁଖମ୍, ଅଧର୍ମାତ୍ ଦୁଃଖମ୍'**—ଧର୍ମାଚରଣରୁ ସୁଖ ଓ ଅଧର୍ମାଚରଣରୁ ଦୁଃଖ ମିଳେ। କିନ୍ତୁ ଯେଉଁମାନେ ଆଜି ଧର୍ମାଚରଣ କରୁଛନ୍ତି

ବୋଲି ଦେଖିବାକୁ ମିଳେ ସେମାନେ ଆନ୍ତରିକ ଓ ବାହ୍ୟ ରୂପେ ଏତେ ଦୁଃଖୀ କାହିଁକି ? ନିଶ୍ଚିତ ରୂପେ ଧର୍ମ ନାମରେ ସେମାନେ ଯାହା ଆଚରଣ କରୁଛନ୍ତି ତାହା ଯଥାର୍ଥତଃ ଧର୍ମ ନୁହେଁ। ସେମାନେ ଧର୍ମ ନାମରେ ଭୁଲ୍ କାର୍ଯ୍ୟ କରିବାର ବଡ଼ କାରଣ ହେଲା ଅପଠନୀୟ ପୁସ୍ତକର ପଠନ, ଅନନୁଷ୍ଠୀୟ କର୍ମର ଅନୁଷ୍ଠାନ। ଧର୍ମ ନାମରେ ଠିକ୍ ଆଚରଣ କରିବାକୁ ହେଲେ ଧର୍ମର ଠିକ୍ ପୁସ୍ତକ ପଠନ ସର୍ବ ପ୍ରଥମ ଆବଶ୍ୟକତା। ତାହା ହେଲା ବେଦ। ଏଣୁ **'ପ୍ରତି ଘରେ ବୈଦିକ ସାହିତ୍ୟ ସ୍ଥାପନ ଓ ପ୍ରତ୍ୟେକ ବ୍ୟକ୍ତି ବୈଦିକ ସାହିତ୍ୟ ଅଧ୍ୟୟନ'** — ଏହା ହିଁ ସଂସାର କଲ୍ୟାଣର ସର୍ବୋତ୍ତମ ସାଧନ। ଏଥିରେ ଅନୁପ୍ରାଣିତ ହୋଇ ଶତାଧିକ ବ୍ୟକ୍ତି 'ଶ୍ରୁତିସୌରଭ'ର ପତ୍ରିକାର ସଦସ୍ୟ ହୋଇଥିଲେ। ବ୍ରହ୍ମପୁର ବେଦ ପ୍ରଚାର ସମିତିର କର୍ମକର୍ତ୍ତାଙ୍କ ବ୍ୟାପକ ପ୍ରଚାର-ପ୍ରସାର ଓ ସମର୍ପିତ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ସଂପନ୍ନ ହୋଇଥିଲା।

## ରେଢ଼ାଖୋଲରେ ବେଦ ପ୍ରଚାର ସମିତି ଗଠିତ

୧୬.୦୪.୧୬ରେ ରେଢ଼ାଖୋଲରେ ଏକ ବେଦ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମରେ ସନ୍ତୋଷ କୁମାର ପଣ୍ଡା ଓ ଆନନ୍ଦ ସାମନ୍ତରାୟଙ୍କ ପୌରୋହିତ୍ୟରେ ଯଜ୍ଞ ଓ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରବଚନରେ ସ୍ୱାମୀଜୀ କହିଲେ ଯେ, ପୂର୍ବ ଅଜ୍ଞାନ ଦୂର କରି ଶୁଦ୍ଧ ଜ୍ଞାନର ଆହରଣ ନିମନ୍ତେ ପରମାତ୍ମା ଜୀବାତ୍ମାକୁ ମନୁଷ୍ୟ ଶରୀର ଦେଇ ସଂସାରକୁ ପଠାନ୍ତି। କିନ୍ତୁ ବଡ଼ ଦୁଃଖର ବିଷୟ ଯେ ସଂସାରକୁ ଆସି ପରମାତ୍ମାଙ୍କ ଉଦ୍ଦେଶ୍ୟକୁ ଆମେ ଶୀର୍ଷାସନ କରାଉ। ଆମେ ଅଧିକାଂଶତଃ ଅଜ୍ଞାନ ଦୂର କରିବା ପରିବର୍ତ୍ତେ ଅଧିକରୁ ଅଧିକ ଅଜ୍ଞାନକୁ ଏକତ୍ରିତ କରିବାରେ ଲାଗିଯାଉ। ଧର୍ମନାମରେ ଅଧର୍ମ ସଂଗ୍ରହରେ ଲାଗିପଡୁ। ଏହାର ମୁଖ୍ୟ କାରଣ ହେଲା, କ'ଣ ଜ୍ଞାନ- କ'ଣ ଅଜ୍ଞାନ, କ'ଣ ଧର୍ମ- କ'ଣ ଅଧର୍ମ- ଏ ବିଷୟରେ ଯଥାର୍ଥ ଜ୍ଞାନ ଥିବା ଏବଂ ଏ ବିଷୟ ପ୍ରଚାର କରୁଥିବା ଲୋକଙ୍କ ସଂଖ୍ୟାର ନ୍ୟୂନତା। ଏ ସମ୍ବନ୍ଧୀୟ ସଂଗଠନ, ସାହିତ୍ୟର ସଂଖ୍ୟା ବି ସ୍ୱଳ୍ପ। ଅତଏବ ଯେଉଁମାନେ ପୂର୍ବ ଜନ୍ମର ସୁକୃତ କାରଣରୁ ଈଶ୍ୱରୀୟ ଜ୍ଞାନ 'ବେଦ' ଜାଣିପାରିବାର କୌଣସି ସୁବିଧା-ସୁଯୋଗ ଲାଭ କରି ଏହି ଜ୍ଞାନ ସଂପର୍କରେ ଆସିପାରିଛନ୍ତି ସେମାନେ ଅଧିକରୁ ଅଧିକ ଲୋକଙ୍କ ପାଖରେ ଏହା ପହଞ୍ଚାଇବା ପାଇଁ ବଦ୍ଧ ପରିକର ହେବା ଉଚିତ। ତା' ସହ କେବଳ ଗଛଟିଏ ଲଗାଇଦେଲେ କାମ ଶେଷ ହୋଇଯାଏ ନାହିଁ। ତାକୁ ସଯତ୍ନେ ବର୍ଦ୍ଧନ କରିବା ପାଇଁ ନିୟମିତ ପ୍ରଚେଷ୍ଟା ଆବଶ୍ୟକ। ସେହିଭଳି ଆମ ହୃଦୟରେ ଆଜି ବେଦଜ୍ଞାନର ଯେଉଁ ବୀଜ ବପନ ହେଲା। ତାକୁ ଗଜାମରୁଡ଼ିରେ ପରିଣତ ହେବାକୁ ନ ଦେଇ ସଂଗଠିତ ଉପାୟରେ ଆମେ ସଯତ୍ନେ ବୃଦ୍ଧି କରିବା ଯଦ୍ୱାରା ଆମ ନିଜ ସାଙ୍ଗକୁ ସଂସାରକୁ ମଧ୍ୟ ଶାନ୍ତି ଓ ଶୀତଳତା ମିଳିପାରିବ। ଉପସ୍ଥିତ ଅନେକ ବ୍ୟକ୍ତି ଏ ବିଚାରରେ ଉଦ୍‌ବୁଦ୍ଧ ହୋଇ ବୈଦିକ ଧର୍ମରେ ଦୀକ୍ଷିତ ହୋଇଥିଲେ। ରେଢ଼ାଖୋଲରେ ବେଦ ପ୍ରଚାର ସମିତି ଗଠିତ ହେଲା। ସାପ୍ତାହିକ ସତ୍‌ସଙ୍ଗ ଆରମ୍ଭ ହେଲା। ପଣ୍ଡିତ ପ୍ରଣେନ୍ଦ୍ର ବ୍ରହ୍ମଚାରୀଙ୍କ ନେତୃତ୍ୱରେ ଡୁମ୍ବେରପାଲି ବୈଦିକ ଭଜନ ମଣ୍ଡଳୀର କଳାକାରମାନେ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରିଥିଲେ। ରୁଦ୍ର ନାରାୟଣ ସାହୁ, ସରିତା ବେହେରା, ସବିତା ସାହୁ, ରାଜୁ ଭାଇ ପରମାର୍, ପ୍ରସନ୍ନ କୁମାର ସାହୁ ପ୍ରମୁଖଙ୍କ ସଦୁଦ୍ୟମରେ ସମିତିର କାର୍ଯ୍ୟ ଆଗେଇ ଚାଲିଛି।

## ସତ୍ୟାର୍ଥ ପ୍ରକାଶ ନ୍ୟାସରେ ବୈଦିକ ପରିବାର ପ୍ରଶିକ୍ଷଣ ଶିବିର

ମହାରାଣା ସଜ୍ଜନ ସିଂହଙ୍କ ନିମନ୍ତ୍ରଣ କ୍ରମେ ୧୮୮୨ରେ ମହର୍ଷି ଦୟାନନ୍ଦ ସରସ୍ୱତୀ ଉଦୟପୁରରେ ପଦାର୍ପଣ କରି ରାଜାଙ୍କ ଉଦ୍ୟାନ ଗୁଲାବବାଗସ୍ଥିତ ନବଲଖା ମହଲରେ ଅବସ୍ଥାନ କରିଥିଲେ। ସଜ୍ଜନ ସିଂହ ମହର୍ଷିଙ୍କଠାରୁ ମନୁସ୍ମୃତି ଆଦି ଅନେକ ଗ୍ରନ୍ଥ ଅଧ୍ୟୟନ କଲେ। ଏଠାରେ ଅବସ୍ଥାନ କରି ଋଷି ଦୟାନନ୍ଦ କ୍ରାନ୍ତିକାରୀ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ ସୃଜନ କରିଥିଲେ। ପରବର୍ତ୍ତୀ ସମୟରେ ଆର୍ଯ୍ୟ ସମାଜର କର୍ମକର୍ତ୍ତାଙ୍କ ନିଷ୍ଠାପର ଉଦ୍ୟମରେ ସେହି ଐତିହାସିକ ସଂରକ୍ଷିତ ସ୍ଥାନ ଆର୍ଯ୍ୟସମାଜକୁ ମିଳିପାରିଛି।

**(ଅବଶିଷ୍ଟାଂଶ ୨୩ ପୃଷ୍ଠାରେ)**

❖❖❖





ଛତ୍ରପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବରେ ମଞ୍ଚସ୍ଥ ଅତିଥିବୃନ୍ଦ



ଛତ୍ରପୁର ରେଳଷ୍ଟେସନ୍‌ରେ ସ୍ୱାମୀଜୀଙ୍କୁ ସମ୍ବର୍ଦ୍ଧନା



ସତ୍ୟାର୍ଥ ପ୍ରକାଶ ନ୍ୟାସରେ ମଞ୍ଚାସୀନ ଅତିଥିବୃନ୍ଦ





ସତ୍ୟାର୍ଥ ପ୍ରକାଶ ନ୍ୟାସ (ଉଦୟପୁର)ରେ ଅନୁଷ୍ଠିତ ବୈଦିକ ପରିବାର ପ୍ରଶିକ୍ଷଣ ଶିବିରର ଦୃଶ୍ୟ






ଜୟପୁରର ସନ୍ଧ୍ୟା ଫଙ୍କସନ୍ ହଲ୍‌ରେ ବେଦ ପ୍ରଚାର ସମିତି ପକ୍ଷରୁ ବେଦ ପ୍ରବଚନ ଆୟୋଜିତ

With Best Compliments From:

# DINESH BORE WELL

**Main Road, Phulbani**

**Deals with sinking of bore wells (5", 6", 8") dia with DTH Method in Modern Technology**

**Contact No. 9437062117, 9437187040**

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 1 Issue 5 July-August 2016




ବ୍ରହ୍ମପୁର ବେଦ ପ୍ରଚାର ସମିତିର କିଛି କାର୍ଯ୍ୟକର୍ତ୍ତାଙ୍କ ସହ ଶ୍ରୁତିନ୍ୟାସର କର୍ମକର୍ତ୍ତା




ମଞ୍ଚାସୀନ ସ୍ୱାମୀଜୀ ଓ ସୁବାସ ଚନ୍ଦ୍ର ମହାରଣା (ଅଧ୍ୟକ୍ଷ, ବି.ଡି.ଏ)





ବ୍ରହ୍ମପୁରର ବେଦ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟବର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ଅନ୍ୟ ଶ୍ରୋତୃବୃନ୍ଦ




ବ୍ରହ୍ମପୁରରେ ଯଜ୍ଞ ସଞ୍ଚାଳନ କରୁଛନ୍ତି ଶ୍ରୁତିନ୍ୟାସର ମହିଳା କାର୍ଯ୍ୟକର୍ତ୍ତା

ପ୍ରାପ୍ତେଷୁ :

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**